# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 08 ଭାଗ ୩୪ | ସଂଖ୍ୟା ୦୮ | Monday 30 March 2026 | Page 8 Rs. 5.00 | ● ଭୁବନେଶ୍ୱର ସୋମବାର ୩୦ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଏପ୍ରିଲ ୪ରୁ ପାକିସ୍ତାନରେ ଲକଡାଉନ ପୃଷ୍ଠା ୫



## ମାଓମୁକ୍ତ ଘୋଷଣାକୁ ଆଉ ଦୁଇ ଦିନ ବାକି

## ଚଳିତ ବର୍ଷ ଅସ୍ତ୍ର ଛାଡ଼ିଛନ୍ତି ୭୭ ମାଓବାଦୀ

### ଅନ୍ୟ ମାଓବାଦୀଙ୍କୁ ଆତ୍ମସମର୍ପଣ ପାଇଁ ଡିଜିପିଙ୍କ ଆହ୍ୱାନ

**କନ୍ଧମାଳ, ୨୯।୩(ସଂଚାର ବ୍ୟୁରୋ):** ମାଓମୁକ୍ତ ଦେଶ ଘୋଷଣାକୁ ଆଉ ଦୁଇ ଦିନ ବାକି ଅଛି। କନ୍ଧମାଳରେ ମାଓ ଗତିବିଧିର ସମୀକ୍ଷା କରିଛନ୍ତି ପୋଲିସ ଡିଜି ୱାଇବି ଖୁରାନିଆ। ଡିଜିପିଙ୍କ ସହ ଏଡିଜିପି ସଞ୍ଜୀବ ପଣ୍ଡା, ଡିଆଇଜି ଅଖିଳେଶ୍ୱର ସିଂ ମଧ୍ୟ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ। ଏସଓଜି, ଡିଭିଏଫ, ସିଆରପିଏଫ ଯବାନଙ୍କ ସହ ଡିଜିପି ଆଲୋଚନା କରିଛନ୍ତି। କନ୍ଧମାଳ ଜିଲ୍ଲାକୁ ମାଓମୁକ୍ତ କରିବାକୁ ଗତ କିଛି ମାସ ହେଲା ଅପରେସନ୍‌କୁ ଜୋରଦାର କରାଯାଇଛି। ଏ ସମ୍ପର୍କରେ ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି ଯେ ଚଳିତ ବର୍ଷ ଜାନୁଆରୀରୁ ଅଦ୍ୟାବଧି ମୋଟ ୭୭ ଜଣ ମାଓବାଦୀ ଓଡ଼ିଶା ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ବେଳେ ୨୩ ଜଣ ମାଓବାଦୀ ଓଡ଼ିଶାରୁ ଯାଇ ଛତିଶଗଡ଼ରେ ଅସ୍ତ୍ର ତ୍ୟାଗ କରି ସରକାରଙ୍କ ଥଇଥାନ ନୀତିର ଫାଇଦା ନେଇଛନ୍ତି। ସେହିପରି ୨୭ ଜଣ ମାଓବାଦୀ ପୁଲିସ ସହ ଏନ୍‌କାଉଣ୍ଟର୍‌ରେ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେବଳ ଜାନୁଆରୀ ୨୫ ତାରିଖରେ ଓଡ଼ିଶା ଓ ଛତିଶଗଡ଼ ପୁଲିସ୍ ପକ୍ଷରୁ ଓଡ଼ିଶାର ନୂଆପଡ଼ା ଓ ଛତିଶଗଡ଼ର ଗରିଆବନ୍ଧ ଅଞ୍ଚଳରେ ହୋଇଥିବା ଏନ୍‌କାଉଣ୍ଟର୍‌ରେ ୧୭ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ପୃଷ୍ଠା-୬

'ମନ୍ କୀ ବାତ୍'ରେ ଓଡ଼ିଆ ପ୍ରତିଭାଙ୍କ କଥା

# ସୁଜାତା ଓ ଓମ୍‌ଙ୍କ ସଫଳତା ବଖାଣିଲେ ମୋଦି

**ଭୁବନେଶ୍ୱର/ଡେରାବିଶ, ୨୯।୩(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ତାଙ୍କ ମାସିକିଆ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ର ୧୩୨ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧିତ କରିଥିବା ବେଳେ ଏଥିରେ ଓଡ଼ିଶାର ଦୁଇ ଜଣ ପ୍ରତିଭାଙ୍କ ସମ୍ପର୍କରେ ଆଲୋଚନା କରିବା ସହ ସେମାନଙ୍କ ସଫଳତାର କାହାଣୀ ବଖାଣିଛନ୍ତି। ଏହି କାର୍ଯ୍ୟକ୍ରମରେ ମୋଦି ଦେଶବିଦେଶର ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିବା ସହ ସମ୍ବଲପୁରର ସୁଜାତା ଭୂୟାଁ ଓ କେନ୍ଦ୍ରାପଡ଼ାର ଓମ୍ ପ୍ରକାଶ ରଥଙ୍କ ସମ୍ପର୍କରେ ଆଲୋଚନା କରି ରାଷ୍ଟ୍ର ଗଠନ ଦିଗରେ ସେମାନଙ୍କ ଉଦ୍ୟମ ପାଇଁ ପ୍ରଶଂସା ମଧ୍ୟ କରିଛନ୍ତି।




ସୁଜାତା ଭୂୟାଁଙ୍କ ନାମ ନେଇ ମହିଳା ସଶକ୍ତୀକରଣର ଉଦାହରଣ ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ସୁଜାତା ଜଣେ ଗୃହିଣୀ ହୋଇଥିଲେ ବି କିଛି ଭିନ୍ନ କାମ କରିବା ସହ ପରିବାରର ଉନ୍ନତିରେ ଭାଗିଦାର ହେବାକୁ ଚିନ୍ତା କରିଥିଲେ। ଏଥିପାଇଁ ସେ କିଛି ବର୍ଷ ପୂର୍ବରୁ ହୀରାକୁଦ ଜଳଭଣ୍ଡାରରେ ମତ୍ସ୍ୟଚାଷ ଆରମ୍ଭ କରିଥିଲେ। ତେବେ ସୁଜାତାଙ୍କର ଏହା କଦାପି ସହଜ ନ ଥିଲା। କାରଣ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁଁ ସେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବିଶେଷକରି ପାଣିପାଗ ପରିବର୍ତ୍ତନ, ମାଛଙ୍କ ପାଇଁ ଖାଦ୍ୟ ସଂଗ୍ରହ ଓ ଏକା ସାଙ୍ଗରେ ମତ୍ସ୍ୟଚାଷ କରିବା ସହ ପରିବାରର ଦାୟିତ୍ୱ ତୁଲାଇବା ବି ତାଙ୍କ ପାଇଁ ଯଥେଷ୍ଟ କଠିନ କାର୍ଯ୍ୟ ଥିଲା। ଏଥିପାଇଁ ବିଭିନ୍ନ ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। କିନ୍ତୁ ଏଥିରେ ସେ ପଛଘୁଞ୍ଚା ଦେଇନଥିଲେ। ବରଂ ନାନାଦି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସୁଜାତା ଆଗକୁ ଆଗକୁ ବଢ଼ିଚାଲିଥିଲେ। କଠିନ ପୃଷ୍ଠା-୬

### ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ



### ନାରୀ ଓ ଯୁବ ସମାଜକୁ ପ୍ରେରିତ କରିବ: ଧର୍ମେନ୍ଦ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି 'ମନ କି ବାତ୍'ରେ ଓଡ଼ିଶାର ଦୁଇ ପ୍ରତିଭାଙ୍କ ସଫଳତାକୁ ସମଗ୍ର ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିବାରୁ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଓଡ଼ିଶାବାସୀଙ୍କ ପାଇଁ ଏହା ଗର୍ବର ବିଷୟ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସମ୍ବଲପୁରର ସୁଜାତା ଭୂୟାଁ ଓ କେନ୍ଦ୍ରାପଡ଼ାର ଓମ୍ ପ୍ରକାଶ ରଥଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ନିଶ୍ଚିତ ଭାବେ ଓଡ଼ିଶାର ନାରୀ ଓ ଯୁବ ସମାଜକୁ ପ୍ରେରିତ କରିବ ବୋଲି ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ସୁଜାତା ଓ ଓମ୍ ପ୍ରକାଶଙ୍କ ପ୍ରତ୍ୟେକଟି ପ୍ରୟାସ ଦେଶର ଭବିଷ୍ୟତ ପାଇଁ ନୂତନ ମାର୍ଗ ପ୍ରସ୍ତୁତ କରିବ। ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ ବେଙ୍ଗାଲୁରୁର 'ପ୍ରୟୋଗ ଇନଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ରିସର୍ଚ୍ଚ'ର କାର୍ଯ୍ୟକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। 'ଅନ୍ୱେଷଣ' ମାଧ୍ୟମରେ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରିବା ଏବଂ ଗବେଷଣାଭିତ୍ତିକ ଶିକ୍ଷାଦାନ 'ବିକଶିତ ଭାରତ' ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଜାତୀୟ ଶିକ୍ଷା ନୀତି ଅଧୀନରେ ଖେଳକୁ ଶିକ୍ଷା ସହ ସମାନ ଗୁରୁତ୍ୱ ଦିଆଯାଉଛି। 'ଅସ୍ମିତା ଆଥଲେଟିକ୍ସ ଲିଗ୍'ରେ ୨ ଲକ୍ଷରୁ ଅଧିକ ମହିଳାଙ୍କ ଅଂଶଗ୍ରହଣ ଓ ଗୁଲମର୍ଗର 'ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସ' ଦେଶର କ୍ରୀଡ଼ା ଜଗତରେ ଏକ ନୂଆ ଯୁଗର ସୂଚନା ଦେଉଛି। 'ଯୋ ଖେଲେଗା, ୱହ ଖିଲେଗା' ମନ୍ତ୍ରରେ ଆଜି ଭାରତର ଯୁବଶକ୍ତି ଆଗକୁ ବଢୁଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# କଟକ ପରେ କେନ୍ଦୁଝର ବିଜେଡିରେ ସଙ୍କଟ

**କେନ୍ଦୁଝର, ୨୯।୩(ସଂଚାର ବ୍ୟୁରୋ):** କଟକ ବିଜେଡିରେ ଗତ କିଛି ଦିନ ହେଲା ସୃଷ୍ଟି ହୋଇଥିବା ବିବାଦର ସମାଧାନ ହୋଇ ନ ଥିବା ବେଳେ ଆଜି କେନ୍ଦୁଝର ବିଜେଡି ଗଡ଼ ଭାଙ୍ଗିଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ବିଜେଡିକୁ ଲାଗିଛି ଶକ୍ତ ଧକ୍କା। କେନ୍ଦୁଝର ପୌରପାଳିକାର ଉପାଧ୍ୟକ୍ଷଙ୍କ ସମେତ ୯ ଜଣ କାଉନସିଲର ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେମାନେ ନିଜର ଇସ୍ତଫାପତ୍ର ଦଳର ସଭାପତିଙ୍କ ନିକଟକୁ ପଠାଇଦେଇଛନ୍ତି।

୨୧ଟି ୱାର୍ଡ ବିଶିଷ୍ଟ କେନ୍ଦୁଝର ପୌରପାଳିକାରେ ଗତ ନିର୍ବାଚନରେ ବିଜେଡି ୧୩ଟି ଆସନ ଜିତିଥିଲା। ହେଲେ ଏବେ ୯ ଜଣ କାଉନସିଲର୍ ଇସ୍ତଫା ଦେବା ପରେ ପୌରପାଳିକାରେ ବିଜେଡି ଏକପ୍ରକାର ଶକ୍ତିଶୂନ୍ୟ ହୋଇଯାଇଛି। ଉପାଧ୍ୟକ୍ଷଙ୍କ ସହ ୧ ନମ୍ବର, ୮ ନମ୍ବର, ୧୦, ୧୨, ୧୫, ୧୬ ଓ ୨୧ ନମ୍ବର ୱାର୍ଡର କାଉନସିଲରମାନେ ଇସ୍ତଫା ଦେଇଛନ୍ତି। ପୂର୍ବରୁ ଜିଲ୍ଲାର ବରିଷ୍ଠ ବିଜେଡି ନେତାଙ୍କ ମଧ୍ୟରେ ପଟୁ ନ ଥିବା ବେଳେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ନିଲମ୍ବନ ନିଷ୍ପତ୍ତି ଦଳ ସଭାପତିଙ୍କ ଉପରେ ଭାରି ପଡ଼ିଥିବା ଚର୍ଚ୍ଚା ହେଉଛି।

ସେହିଭଳି କେନ୍ଦୁଝର ଜିଲ୍ଲାର ତିନି ଜଣ ସଧାରଣ ସମ୍ପାଦକ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେମାନେ ମଧ୍ୟ ସଭାପତିଙ୍କ ନିକଟକୁ ସେମାନଙ୍କ ଇସ୍ତଫାପତ୍ର ପଠାଇଛନ୍ତି। ଏହି ତିନି ସାଧାରଣ ସମ୍ପାଦକ ଶୁଭେନ୍ଦୁ ପଟ୍ଟନାଏକ, ଶରତ କୁମାର ସାହୁ ଓ ବରଦା ପ୍ରସନ୍ନ ଦାସ ବୋଲି ଜଣାପଡ଼ିଛି।




**ସଭ୍ୟ ପଦ ଛାଡ଼ିଲେ ୯ କାଉନସିଲର୍**

**ଦଳରୁ ୩ ସାଧାରଣ ସମ୍ପାଦକଙ୍କ ଇସ୍ତଫା**

ବଢ଼ିଲା ଟିଟିଲାଗଡ଼ ବିଧାୟକଙ୍କ ଅଡୁଆ

## ନବୀନଙ୍କ ବିରୋଧରେ ମାମଲା ରୁଜୁ କଲା ପୁଲିସ



**ଭୁବନେଶ୍ୱର, ୨୯।୩ (ସଂଚାର ବ୍ୟୁରୋ):** ସର୍ବସାଧାରଣରେ ଫାଙ୍କାରେ ଗୁଳି ଫୁଟାଇ ଅଡୁଆରେ ଫସିଛନ୍ତି ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ବିଧାୟକ ନବୀନ ଜୈନ। ଏନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଏହାକୁ ନେଇ ତେଜିଛି ରାଜନୈତିକ ବୟାନବାଜି। ମୁହାଁମୁହାଁ ହୋଇଛନ୍ତି ଶାସକ ଦଳ ଓ ବିରୋଧୀ। ସର୍ବସାଧାରଣରେ ଗୁଳି ଫୁଟାଇବା ଓ ପରେ ପିସ୍ତଲକୁ ସର୍ବସମ୍ମୁଖରେ ସିନେମା ଷ୍ଟାଇଲରେ ନିଜ ଅଣ୍ଟାରେ ଖୋସି ଫସିଯାଇଛନ୍ତି ଟିଟିଲାଗଡ଼ ବିଧାୟକ ଶ୍ରୀ ଜୈନ୍। ସତ ସାମନାକୁ ଆସିବା ପରେ ବିଧାୟକଙ୍କ ବିରୋଧରେ ମାମଲା ରୁଜୁ କରିଛି ବଲାଙ୍ଗୀର ପୁଲିସ। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍ ବଲାଙ୍ଗୀର ଯାଇ ଅନୁଧ୍ୟାନ କରିଛନ୍ତି। କେଉଁ ପରିସ୍ଥିତିରେ ବିଧାୟକ ଗୁଳି ଫୁଟାଇଲେ ସେନେଇ ପଚାରି ବୁଝିଛନ୍ତି। ଏଥିସହ ଫାଙ୍କା ଗୁଳି ଚାଳନାରେ ବିଧାୟକଙ୍କ ପାଖେ ପାଖେ ରହି ସହଯୋଗ କରୁଥିବା ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି।

ଜଣେ ବିଧାୟକ କିପରି ସର୍ବସାଧାରଣରେ ଫାଙ୍କାରେ ଗୁଳି ଚାଳନା କଲେ, ସେନେଇ ବର୍ଷିଛି ବିଜେଡି। ଏହି ପ୍ରସଙ୍ଗ ବିଧାନସଭାରେ ଉଠାଇବେ ପୃଷ୍ଠା-୬

ବିଜୁଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ

## ପ୍ରତିବାଦ ଜୋର୍, ଇସ୍ତଫା ଦେଲେ ସସ୍ମିତ



**ଭୁବନେଶ୍ୱର, ୨୯।୩(ସଂଚାର ବ୍ୟୁରୋ):** ରାଜ୍ୟସଭା ସାଂସଦ ତଥା ବିଜେଡିର ବରିଷ୍ଠ ନେତା ଡ. ସସ୍ମିତ ପାତ୍ର ଯୋଗାଯୋଗ ଏବଂ ଆଇଟି କମିଟିରୁ ଇସ୍ତଫା ଦେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଉପରେ ବିଜେପି ନେତା ନିଶିକାନ୍ତ ଦୁବେ ଦେଇଥିବା ମନ୍ତବ୍ୟ ପ୍ରତିବାଦରେ ସେ ଯୋଗାଯୋଗ ଏବଂ ଆଇଟି ସମ୍ପର୍କିତ ଷ୍ଟାଣ୍ଡିଂ କମିଟିରୁ ଇସ୍ତଫା ଦେଇଛନ୍ତି। ବିଜେଡି ଜାତୀୟ ମୁଖପାତ୍ର ସସ୍ମିତ କହିଛନ୍ତି ଯେ ଗତକାଲି ବିଜେପି ସାଂସଦ ଶ୍ରୀ ଦୁବେ ଏକ ସାର୍ବଜନୀନ ବିବୃତ୍ତିରେ ବିଜୁ ପଟ୍ଟନାୟକଙ୍କ ଉପରେ ଅପମାନଜନକ, ମିଥ୍ୟା ପୃଷ୍ଠା-୬

**ନିନ୍ଦା କଲେ ସାଂସଦ ମାନସ ମଙ୍ଗରାଜ**



ନନ୍ଦିଗ୍ରାମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ପ୍ରଚାର

## ଟିଏମସିର ଜନବିରୋଧୀ ନୀତିରୁ ମୁକ୍ତି ପାଇଁ ସମସ୍ତେ ସଂକଳ୍ପବଦ୍ଧ

- କାର୍ଯ୍ୟକର୍ତ୍ତାଙ୍କ ସହ କଲେ ଆଲୋଚନା
- ପଶ୍ଚିମବଙ୍ଗରେ ପରିବର୍ତ୍ତନର ସ୍ଲୋଗାନ ଏବେ ଜନଆନ୍ଦୋଳନ

**ନନ୍ଦିଗ୍ରାମ, ୨୯।୩(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପଶ୍ଚିମବଙ୍ଗର ନନ୍ଦିଗ୍ରାମ ଗସ୍ତ କରି ସେଠାରେ ବିଜେପିର ବରିଷ୍ଠ ନେତା ତଥା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ନିର୍ବାଚନମଣ୍ଡଳୀରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବା ସହ ପ୍ରଚାର କରିଛନ୍ତି। ଏହି ଅବସରରେ ସେ ଗଣମାଧ୍ୟମକୁ ସମ୍ବୋଧିତ କରି କହିଛନ୍ତି ଯେ ନନ୍ଦିଗ୍ରାମ କେବଳ ଏକ ଭୌଗୋଳିକ କ୍ଷେତ୍ର ନୁହେଁ, ବରଂ ଏକ ପରିବର୍ତ୍ତନର ଚେତନାର ପ୍ରତୀକ। ବିଗତ ପ୍ରାୟ ୨୦ ବର୍ଷ ଧରି ନନ୍ଦିଗ୍ରାମ ସହ ତାଙ୍କର ଏକ ଗଭୀର ଆଧ୍ୟାତ୍ମିକ ଓ ବ୍ୟକ୍ତିଗତ ସମ୍ପର୍କ ରହିଆସିଛି। ନନ୍ଦିଗ୍ରାମର ମାଟି ବଙ୍ଗୀୟ ଅସ୍ମିତା ଓ ସାହସର ପରିଚୟ ଦେଇଛି, ଯାହା ସମଗ୍ର ପଶ୍ଚିମବଙ୍ଗର ରାଜନୀତିକୁ ଦିଗଦର୍ଶନ ଦେଇଛି। ପଶ୍ଚିମବଙ୍ଗ ଜନସାଧାରଣ ବର୍ତ୍ତମାନର ଅନ୍ୟାୟ, ଦୁର୍ନୀତି ଓ ତୁଷ୍ଟୀକରଣ ରାଜନୀତିରେ ଅତିଷ୍ଠ ହୋଇପଡ଼ିଛନ୍ତି। ମୁଖ୍ୟମନ୍ତ୍ରୀ ମୁଖ୍ୟ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାରର ଜନବିରୋଧୀ ନୀତିରୁ ମୁକ୍ତି ପାଇବା ପାଇଁ ବଙ୍ଗଳାର ପ୍ରତିଟି ନାଗରିକ ଏବେ ସଂକଳ୍ପବଦ୍ଧ। ସେଥିପାଇଁ ଆଜି ସାରା ରାଜ୍ୟରେ ପରିବର୍ତ୍ତନ କେବଳ ଏକ ସ୍ଲୋଗାନ ହୋଇ ରହିନାହିଁ, ବରଂ ପୃଷ୍ଠା-୬

## ଫେରୁଛନ୍ତି ଓଡ଼ିଆ ନାବିକ ଆସୁଛି ୨ ଗ୍ୟାସ୍ ଭର୍ତ୍ତି ଜାହାଜ



**ଭୁବନେଶ୍ୱର, ୨୯।୩ (ସଂଚାର ବ୍ୟୁରୋ):** ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ପରିପ୍ରେକ୍ଷୀରେ ଦେଶରେ ଗ୍ୟାସ୍ ଓ ତୈଳ ସଙ୍କଟ ଉତ୍କଟ ହେବାର ସମ୍ଭାବନା ରହିଛି। ତେବେ ଆଜି ଏହି ସଙ୍କଟ ଭିତରେ ଏକ ଖୁସିର ଖବର ପହଞ୍ଚିଛି। ଭାରତୀୟ ନୌସେନାର ଦୁଇଟି ଗ୍ୟାସ୍ ଭର୍ତ୍ତି ଜାହାଜ ଭାରତ ଅଭିମୁଖେ ଯାତ୍ରା କରୁଥିବା ଜଣାପଡ଼ିଛି। ଏଥିସହ ବେଶ୍ କିଛି ଦିନ ହେଲା ସେଠାରେ ଫସିରହିଥିବା ଉକ୍ତ ଜାହାଜର ଓଡ଼ିଆ ମେରାଇନ୍ ଅଫିସର୍ ଅଶୋକ କୁମାର ଦୀକ୍ଷିତଙ୍କ ପରିବାର ପାଇଁ ମଧ୍ୟ ଆଶ୍ୱସ୍ତିକର ସୂଚନା ରହିଛି। ଏହି ପୃଷ୍ଠା-୬

## ବିଧାୟିକାଙ୍କ ସ୍ୱାମୀଙ୍କୁ ଖୋଜୁଛି ପୁଲିସ

- ବିଜେଡି ବିଧାୟିକାଙ୍କ ବାସଭବନରେ ଚଢ଼ାଉ
- ନର୍ଲା ତହସିଲଦାରଙ୍କୁ ହତ୍ୟା ଧମକ ଅଭିଯୋଗ

**ଭୁବନେଶ୍ୱର, ୨୯।୩(ସଂଚାର ବ୍ୟୁରୋ):** ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ଭୁବନେଶ୍ୱର ସରକାରୀ ବାସଭବନରେ କେସିଙ୍ଗା ପୁଲିସର ଚଢ଼ାଉ। ବିଧାୟିକାଙ୍କ ସ୍ୱାମୀ ତଥା ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି ଓରଫ ମୁନ୍ନା ମହାନ୍ତି ସ୍ଥାନୀୟ ତହସିଲଦାର ବିଭୁ ପ୍ରସାଦଙ୍କୁ ଫୋନରେ ହତ୍ୟା ଧମକ ଦେବା ଅଭିଯୋଗରେ ଏହି ଚଢ଼ାଉ କରିଛି ପୁଲିସ। ଗତ ଫେବୃଆରୀ ୧୫ ତାରିଖରେ ଏନେଇ କେସିଙ୍ଗା ଥାନାରେ ଅଭିଯୋଗ କରିଥିଲେ ତହସିଲଦାର ବିଭୁ ପ୍ରସାଦ ମହାନ୍ତି। ଆଜି ସକାଳୁ କେସିଙ୍ଗା ପୃଷ୍ଠା-୬



# ହୋହଲ୍ଲାରେ ଧୋଇଯିବ ବଜେଟ୍ ଅଧିବେଶନ

**ଭୁବନେଶ୍ୱର, ୨୯।୩(ସଂଚାର ବ୍ୟୁରୋ):** ଚଳିତ ବିଧାନସଭାର ବଜେଟ୍ ଅଧିବେଶନ ସରିବାକୁ ହାତରେ ମାତ୍ର ଦୁଇଟି ଦିନ ଥିବା ବେଳେ ଅଦ୍ୟାବଧି ଗୋଟିଏ ହେଲେ ବିଭାଗର ଖର୍ଚ୍ଚଦାବି ଆଲୋଚନାରେ ବିରୋଧୀ ବିଜେଡି କି କଂଗ୍ରେସ ସଦସ୍ୟମାନେ ଅଂଶଗ୍ରହଣ କରିନାହାନ୍ତି। ଏସସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବିରେ ଅଡ଼ି ବସି ଗୃହକାର୍ଯ୍ୟରେ ଭାଗ ନେଉନାହାନ୍ତି। ଆସନ୍ତାକାଲି ବହୁ ବିଭାଗର ଖର୍ଚ୍ଚଦାବି ଗିଲୋଟିନରେ ପାରିତ ହେବାକୁ ଥିବା ବେଳେ ମଙ୍ଗଳବାର ବ୍ୟୟମଞ୍ଜୁରୀ ଆଲୋଚନା ପାଇଁ ସମୟ ଧାର୍ଯ୍ୟ ହୋଇଛି। ତେବେ ବିରୋଧୀ ଦଳ ହାତରେ ଏସିବିରେ ଅଗ୍ନିକାଣ୍ଡଜନିତ ରୋଗୀଙ୍କ ମୃତ୍ୟୁ ସହ ବିଧାୟକଙ୍କ ବନ୍ଧୁକ ଫୁଟା, ବିଧାୟିକାଙ୍କ ଘରେ ପୁଲିସ୍ ପଶିବା ଓ ବିଜୁ ବାବୁଙ୍କ ପ୍ରତି କେନ୍ଦ୍ରୀୟ ବିଜେପି ନେତାଙ୍କ ବିବାଦୀୟ ଟିପ୍ପଣୀ ଲାଗିଥିବାରୁ ବିନା ଆଲୋଚନାରେ ବଜେଟ୍ ପାରିତ ହେବା ଏକପ୍ରକାର ଜଳ ଜଳ ଦିଶିଲାଣି।



**ଆଜି ଗିଲୋଟିନ୍: ମଙ୍ଗଳବାର ବ୍ୟୟମଞ୍ଜୁରୀ ଆଲୋଚନା**

**ବିଜେଡି ହାତରେ ନୂଆ ନୂଆ ଅସ୍ତ୍ର**

**ମୁକାବିଲା ମୁଡ୍‌ରେ ବିରୋଧୀ ଓ ଶାସକ**

ଚଳିତ ବଜେଟ୍ ଅଧିବେଶନ କାଳରେ ଏସସିବି ପ୍ରସଙ୍ଗକୁ ନେଇ ବିରୋଧୀ ଓ ଶାସକଦଳ ମୁହାଁମୁହିଁ ହୋଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡ଼ି ବସିଥିବା ବିରୋଧୀ ଦଳ ଗୃହକାର୍ଯ୍ୟ ଆରମ୍ଭରୁ ହିଁ ହଟ୍ଟଗୋଳ କରିଆସିଛନ୍ତି। କେତେବେଳେ କଳା ଟି-ଶାର୍ଟ ପିନ୍ଧି ପ୍ରତିବାଦ କରୁଛନ୍ତି ତ ଆଉ କେତେବେଳେ ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିବାକୁ ଉଦ୍ୟମ କରୁଛନ୍ତି। ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ପାଇଁ ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଶ୍ନକାଳ କିମ୍ବା ଶୂନ୍ୟକାଳ ଚାଲିପାରୁନାହିଁ। ବାଚସ୍ପତି ସୁରମା ପାଢ଼ୀଙ୍କ ଅନୁରୋଧ, ସର୍ବଦଳୀୟ ବୈଠକ ପରେ ବି ବିରୋଧୀ ବୁଝୁନାହାନ୍ତି।

ବିରୋଧୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ପ୍ରସଙ୍ଗ ଉଠାଉଥିବା ବେଳେ ଶାସକ ଦଳ ବିଜୁ-ନବୀନ ଟ୍ରଷ୍ଟ ପ୍ରସଙ୍ଗରେ ବିରୋଧୀ ଦଳକୁ ଘେରିବାରେ ଲାଗିଛନ୍ତି। ଗୃହ ମଧ୍ୟରେ ଏହାକୁ ନେଇ ଶାସକ ଦଳର ବିଧାୟକମାନେ ପୋଷ୍ଟର ଓ ବ୍ୟାନର ପ୍ରଦର୍ଶନ ବି କରୁଛନ୍ତି। ତେବେ ବିଧାନସଭାର ତିନିଦିନିଆ ଛୁଟି ମଧ୍ୟରେ ଏବେ ଟିଟିଲାଗଡ଼ ପୃଷ୍ଠା-୬


SIKSHA 'O' ANUSANDHAN (DEEMED TO BE UNIVERSITY)

SAAT-2026

Empowering students for a brighter future

AGRICULTURAL PROGRAMMES
- B.Sc. (H) Agriculture
- M.Sc. Agriculture

APPROVAL & RECOGNITIONS
- Approved by UGC
- Accredited by ICAR
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



## ଶ୍ରାଦ୍ଧ ଦିବସରେ ସହିଦ ଲକ୍ଷ୍ମଣ ନାଏକଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ଦେଶ ସ୍ୱାଧୀନତା ସଂଗ୍ରାମରେ ଜନଜାତି ଅସ୍ମିତା ଓ ସ୍ୱାଭିମାନର ଅଦମ୍ୟ ପ୍ରତୀକ ସହିଦ ଲକ୍ଷ୍ମଣ ନାଏକ ନିର୍ଭୀକତା, ତ୍ୟାଗ ଓ ଦେଶପ୍ରେମର ଉଜ୍ଜ୍ୱଳ ଉଦାହରଣ। ଜନଜାତିମାନଙ୍କ ଅଧିକାର ଓ ସ୍ୱାଧୀନତା ପାଇଁ ତାଙ୍କର ଅବିରତ ସଂଗ୍ରାମ ଓ ବଳିଦାନ ଆଜି ମଧ୍ୟ ସମାଜକୁ ପ୍ରେରିତ କରୁଛି। ତାଙ୍କ ଶ୍ରାଦ୍ଧ ଦିବସ ଅବସରରେ ଆଜି ରାଜଧାନୀର ବିଭିନ୍ନ ସ୍ଥାନରେ ଗଭୀର ଶ୍ରଦ୍ଧା ଓ ଗରିମାମୟ ପରିବେଶରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରାତଃ ସମୟରେ ସ୍ଥାନୀୟ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଓ କଳିଙ୍ଗ ହସ୍ପିଟାଲ୍ ଛକସ୍ଥିତ ସହିଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ସ୍ମୃତିକୁ ସ୍ମରଣ କରିଥିଲେ। ପରେ ବିଧାନସଭା ପାର୍ଶ୍ୱ ଗେଟ୍ ନମ୍ବର- ୧ସ୍ଥିତ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି ଓ ସାଂସଦ ମୁନ୍ନା ଖାଁଙ୍କ ସହ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସହକାରୀ ନିର୍ଦ୍ଦେଶକ ଦୀପକ କୁମାର ସାହୁ, ଶବରୀ ସାଂସ୍କୃତିକ ସଂସଦର କର୍ମକର୍ତ୍ତା, ଆଚାର୍ଯ୍ୟ ବିହାର ପରିଷଦର ସଭାପତି ଭାଗବତ ଦାଶ ଓ ପରିଷଦର ସଦସ୍ୟ ଉପସ୍ଥିତ ଥିଲେ।

# ପ୍ରଭାବଶାଳୀ ବ୍ୟକ୍ତି ତାଲିକାରେ ଧର୍ମେନ୍ଦ୍ର

ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ଦେଶର ଶହେ ପ୍ରଭାବଶାଳୀ ବ୍ୟକ୍ତି ତାଲିକାର ୨୮ତମ ସ୍ଥାନରେ ରହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ଧର୍ମେନ୍ଦ୍ର ପ୍ରଧାନ। ବିଜୁ ପଟ୍ଟନାୟକଙ୍କ ପରେ ଦ୍ୱିତୀୟ ରାଜନେତା ଭାବେ ଦିଲ୍ଲୀ ଦରବାରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦବଦବା ଜାହିର କରିଛନ୍ତି। ରାଜନେତା ଭାବେ ସେ ତାଙ୍କର ଦକ୍ଷତା ବିଭିନ୍ନ ସମୟରେ ଦେଖାଇ ଚର୍ଚ୍ଚାରେ ରହିଛନ୍ତି। ଉତ୍ତରପ୍ରଦେଶ, ବିହାର, ଦିଲ୍ଲୀ, ଆସାମ, ଓଡ଼ିଶା ସହ ଦେଶର ବିଭିନ୍ନ ରାଜ୍ୟରେ ବିଜେପି ସରକାର ଗଠନ କରିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ଏପରିକି ନିକଟରେ ଶେଷ ହୋଇଥିବା ବିହାର ନିର୍ବାଚନରେ ସେ ବିଜେପିର ଟ୍ରମ୍ପକାର୍ଡ ଥିଲେ, ଯେଉଁଥିପାଇଁ ସେ କେନ୍ଦ୍ରରେ ଖୋଦ୍ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଗୁଡ୍‌ବୁକ୍‌ରେ ରହିଛନ୍ତି।



ମୋଦି ସରକାରରେ ଲମ୍ବା ସମୟ ଧରି କେନ୍ଦ୍ରମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇ ସେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ଜଣେ ଉତ୍ତମ ସାଙ୍ଗଠନିକ ଦକ୍ଷତା ସମ୍ପନ୍ନ ନେତା ସାଙ୍ଗକୁ ରାଜନୈତିକ ଦୂରଦୃଷ୍ଟି ତାଙ୍କୁ ସଫଳତା ଦେଇଛି। ଶ୍ରୀ ପ୍ରଧାନ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରି ସଫଳତା ଲାଭ କରିଛନ୍ତି। ପୂର୍ବରୁ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଭାବେ ସେ ଅତ୍ୟନ୍ତ ପ୍ରଶଂସନୀୟ କାର୍ଯ୍ୟ କରି କେନ୍ଦ୍ରରେ ଯଥେଷ୍ଟ ପ୍ରଶଂସା ଲାଭ କରିଛନ୍ତି। ସେହିପରି ଏବେ ଶିକ୍ଷା ମନ୍ତ୍ରୀ ଦାୟିତ୍ୱ ତୁଲାଉଥିବା ଶ୍ରୀ ପ୍ରଧାନ ଦେଶରେ ନୂତନ ଶିକ୍ଷା ନୀତି (ଏନଇପି)କୁ କାର୍ଯ୍ୟକାରୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

କେବଳ ମନ୍ତ୍ରୀ ଭାବେ ନୁହେଁ, ଦଳର ଜଣେ ଦକ୍ଷ ନେତା ଭାବେ ମଧ୍ୟ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ପାଦନ କରିଛନ୍ତି। ବିହାର ଓ ହରିୟାଣାରେ ତାଙ୍କ ନେତୃତ୍ୱରେ ବିଜେପି ବିପୁଳ ବିଜୟ ଲାଭ କରିଥିଲା। ରାଜ୍ୟ ବିଜେପି ଓଡ଼ିଶାରେ ସରକାର ଗଠନ କରିବାରେ ମଧ୍ୟ ତାଙ୍କ ଭୂମିକା ନେଇ ସମସ୍ତେ ଜାଣନ୍ତି। ଏବିଭିପିରୁ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ଶ୍ରୀ ପ୍ରଧାନ ସର୍ବକନିଷ୍ଠ ବିଜେପି ଯୁବ ମୋର୍ଚ୍ଚା ଜାତୀୟ ସଭାପତି ହୋଇପାରିଥିଲେ। ଆଜି ତାଙ୍କର ନାମ ଦେଶର ଟପ୍ ୨୮ ପ୍ରଭାବଶାଳୀ ବ୍ୟକ୍ତି ଭାବେ ସ୍ଥାନ ପାଇଛି, ଯାହା ଓଡ଼ିଶା ପାଇଁ ଏକ ଗୌରବର ବିଷୟ। ଓଡ଼ିଶା ବିଜେପିର ଜଣେ ଟାଣୁଆ ରାଜନେତା ଭାବେ ସେ ଉଭା ହୋଇଛନ୍ତି। ସମ୍ବଲପୁର ସାଂସଦଙ୍କ ଏହି ସଫଳତା ପାଇଁ ସାରା ଦେଶରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

ଓଡ଼ିଶା ଖଦି ମେଳା–୨୦୨୬ ଉଦ୍‌ଯାପିତ

## ଖଦି ଗ୍ରାମୀଣ ରୋଜଗାରର ଶକ୍ତି: ଗୋକୁଳାନନ୍ଦ

**ସପ୍ତାହକୁ ଦିନେ ଖଦି ପିନ୍ଧିବାକୁ ଅପିଲ**

ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ଗ୍ରାମୀଣ ଅର୍ଥନୀତିର ସମୃଦ୍ଧି ପାଇଁ ଖଦି ଓ ଗ୍ରାମୋଦ୍ୟୋଗ କ୍ଷେତ୍ରରେ ପ୍ରଚୁର ସମ୍ଭାବନା ରହିଛି। ଦୈନନ୍ଦିନ ଜୀବନରେ ଅଧିକରୁ ଅଧିକ ଖଦି ବ୍ୟବହାର କଲେ ଏହି କ୍ଷେତ୍ର ସଶକ୍ତ ହୋଇପାରିବ। ତେଣୁ ସପ୍ତାହରେ ଅନ୍ତତଃ ଗୋଟିଏ ଦିନ ଖଦି ବସ୍ତ୍ର ପିନ୍ଧିବାକୁ ରାଜ୍ୟ ଅଣୁ, କ୍ଷୁଦ୍ର ତଥା ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିବେଦନ କରିଛନ୍ତି। ସ୍ଥାନୀୟ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ କାର୍ଯ୍ୟାଳୟଠାରେ ଚାଲିଥିବା ୭ଦିନିଆ ଓଡ଼ିଶା ଖଦି ମେଳା- ୨୦୨୬ର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ଖଦିର ପ୍ରଚାର ପ୍ରସାର ପାଇଁ ଡିଜିଟାଲ ମାର୍କେଟିଂ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ନୂଆ ନୂଆ ଡିଜାଇନ୍ ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଛନ୍ତି। ଚଳିତ ଖଦି ମେଳାରେ ବୁଣାକାର ଓ କାରିଗରଙ୍କ ମଧ୍ୟରେ ଇ-କମର୍ସ ଉପରେ ସଚେତନତା ସୃଷ୍ଟି କରାଯିବା ସହ ୫୦ଟି କାରିଗର ଓ ବୁଣାକାର ଗୋଷ୍ଠୀଙ୍କୁ ଓପନ୍ ନେଟୱର୍କ ଫର୍ ଡିଜିଟାଲ୍ କମର୍ସ (ଓଏନଡିସି) ପ୍ଲାଟଫର୍ମ ସହ ସଂଯୋଗ କରାଯାଇଛି।



# କ୍ରସ୍ ଭୋଟିଂ ନ କରିବାରୁ ବିଧାୟିକାଙ୍କୁ ପରୋକ୍ଷ ଧମକ: ବିଜେଡି

ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ଗତ ରାଜ୍ୟସଭା ନିର୍ବାଚନରେ ନର୍ଲାର ବିଜେଡି ବିଧାୟିକା ମନୋରମା ମହାନ୍ତି ବିଜେପିର ଚାପ ଆଗରେ ମୁଣ୍ଡ ନ ନୁଆଁଇ କ୍ରସ୍ ଭୋଟିଂ ନ କରିବାରୁ ପୁଲିସ ଲଗାଇ ନିର୍ଯାତନା ଦେଉଥିବା ଓ ପ୍ରତିଶୋଧ ପରାୟଣ ହୋଇ ରାଜନୈତିକ ଅଭଦ୍ରାମୀର ସୀମା ଲଂଘୁଥିବା ବିଜେଡି ଅଭିଯୋଗ କରିଛି। ଆଜି ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ବିଧାୟିକା ଶ୍ରମତୀ ମହାନ୍ତି, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ଛାତ୍ର ବିଜେଡି ସଭାପତି ଈପ୍ସିତା ସାହୁ ପ୍ରମୁଖ ବିଜେପିକୁ କାଠଗଡ଼ାକୁ ଟାଣି ପୁଲିସ ଲଗାଇ ବିଜେଡିର ସ୍ୱର ଚାପି ଦେବା ପାଇଁ ଅପଚେଷ୍ଟା କରାଯାଉଛି ବୋଲି କହିଛନ୍ତି।



**ଝିଅ ଓ ସହାୟିକାଙ୍କୁ ପୁରୁଷ ପୁଲିସର ଦୁର୍ବ୍ୟବହାର ଅଭିଯୋଗ**

ଦିବ୍ୟଶଙ୍କର ଅଭିଯୋଗ କରିଛନ୍ତି ଯେ ବିଧାନସଭା ଚାଲିଥିଲା ବେଳେ ବାଚସ୍ପତିଙ୍କ ବିନାନୁମତିରେ ଜଣେ ବିଧାୟିକାଙ୍କ ପଦମର୍ଯ୍ୟାଦା କ୍ଷୁଣ୍ଣ କରି ତାଙ୍କ ସରକାରୀ ବାସଭବନକୁ ବଳପୂର୍ବକ ପୁଲିସ ପଶିବା ନିନ୍ଦନୀୟ। ଏହି ଘଟଣାର ପ୍ରଚ୍ଛଦପଟରେ କିଏ ରହିଛି, ତାହା ସାର୍ବଜନୀନ ହେବା ଆବଶ୍ୟକ। ନିର୍ବାଚିତ ପ୍ରତିନିଧିଙ୍କ ପ୍ରତି ପୁଲିସର ଏଭଳି ବ୍ୟବହାର କଦାପି ଗ୍ରହଣୀୟ ନୁହେଁ।

ସେହିପରି ଶ୍ରୀମତୀ ମହାନ୍ତି କହିଛନ୍ତି ଯେ ତାଙ୍କ ଅନୁପସ୍ଥିତିରେ ଝିଅ ଓ ମହିଳା ସହାୟିକାଙ୍କ ପ୍ରତି ପୁଲିସର ଦୁର୍ଭାଗ୍ୟଜନକ ଆଚରଣକୁ ନିନ୍ଦା କରିବା ପାଇଁ ଭାଷା ନାହିଁ। ଅତ୍ୟନ୍ତ ଭାବପ୍ରବଣ ହୋଇ ସେ କହିଥିଲେ ଯେ ଜଣେ ବିଧାୟିକା ଭାବେ ନିଜ ପରିବାର ସଦସ୍ୟଙ୍କୁ ସୁରକ୍ଷା ଦେବାରେ ମୁଁ ସମର୍ଥ ହୋଇପାରୁନାହିଁ। ଦେଢ଼ ମାସ ତଳେ ଗୋଟିଏ ଗାଁର ରାଜସ୍ୱ ମାମଲା ନେଇ ତହସିଲଦାରଙ୍କୁ ମୋ ସ୍ୱାମୀ ଫୋନ କରିଥିଲେ। ରାଜ୍ୟସଭା ନିର୍ବାଚନର ପୂର୍ବ ଦିନ ମୋ ସ୍ୱାମୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା ଓ ଆଜି ମୋ ଅନୁପସ୍ଥିତିରେ ସରକାରୀ ବାସଭବନକୁ ସାଦା ପୋଷାକଧାରୀ ପୁଲିସ ବଳପୂର୍ବକ ପ୍ରବେଶ କରିଥିଲା। ତେଣୁ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କୁ ଅନୁରୋଧ କରୁଛି ବିନା ମହିଳା ପୁଲିସରେ ମୋ ବାସଭବନକୁ ବଳପୂର୍ବକ ପୁରୁଷ ପୁଲିସ ପଶିବା ଘଟଣାରେ ନ୍ୟାୟ ଦିଆଯାଉ।

ଏହାଛଡ଼ା ଶ୍ରୀ ସାହୁ କହିଥିଲେ ଯେ ରାଜ୍ୟରେ ଦିନକୁ ୪ଟି ହତ୍ୟା, ୮ଟି ଦୁଷ୍କର୍ମ, ଚୋରି, ଡକାୟତି ଓ ଟ୍ରାଫିକ୍ ସମସ୍ୟା ବଢ଼ିଚାଲିଥିଲା ବେଳେ ପୁଲିସ ଲଗାଇ ରାଜନୈତିକ ଅଭଦ୍ରାମୀ କରୁଛି ବିଜେପି। ରାମ ନବମୀରେ ସର୍ବସାଧାରଣରେ ସରକାରୀ ବନ୍ଧୁକରୁ ଫାଙ୍କା ଗୁଳିଚାଳନା କରୁଥିବା ବିଜେପି ବିଧାୟକଙ୍କୁ ଗିରଫ କରିବାକୁ ସାହସ ଜୁଟାଇ ପାରୁ ନ ଥିବା ପୁଲିସ ଜଣେ ବିଜେଡି ବିଧାୟିକାଙ୍କ ଝିଅଙ୍କ ସହ ଏଭଳି ଦୁର୍ବ୍ୟବହାର କରି ବିରୋଧୀଙ୍କୁ ଦବାଇପାରିବ ନାହିଁ ଶାସକ ବିଜେପି। ଏହାଛଡ଼ା ଶ୍ରୀମତୀ ସାହୁ କହିଥିଲେ ଯେ ରାଜନୈତିକ ଉଦ୍ଦେଶ୍ୟ ରଖି ବିଜେଡି ବିଧାୟକମାନଙ୍କୁ ଯେତେ ହଇରାଣ, ନିର୍ଯାତନା ଓ ଧମକ ଦେଲେ ମଧ୍ୟ ଅବିଚଳିତ ଭାବେ ଛାତ୍ର ଓ ଯୁବ ବିଜେଡିର ଏହାର ମୁକାବିଲା କରିବ।

# ରାଜଧାନୀରେ ଲୋକ ଅଧିକାର ସମାବେଶ

● ଜାରି ହେଲା ବିକଳ୍ପ ଜନବାଦୀ ବିକାଶ ନୀତି ଘୋଷଣାପତ୍ର

ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ଗତ ମାସ ୨୫ ତାରିଖରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମସ୍ଥାନ ସତ୍ୟଭାମାପୁରରୁ ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ 'ଲୋକ ଅଧିକାର ଯାତ୍ରା' ଆରମ୍ଭ ହୋଇ ଗତ ୨୩ରେ କଟକରେ ସମାପ୍ତ ହେବା ପରେ ଆଜି ରାଜଧାନୀ ଭୁବନେଶ୍ୱର ଲୋୟର ପିଏମଜିଠାରେ ଲୋକ ଅଧିକାର ସମାବେଶ ଆୟୋଜିତ ହୋଇଛି। ଲୋକଶକ୍ତି ଅଭିଯାନ, ଜନ ଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟ ଏବଂ ସେଣ୍ଟର ଫର କ୍ଲାଇମେଟ ଜଷ୍ଟିସ ପକ୍ଷରୁ ଆୟୋଜିତ ଏହି ସମାବେଶରେ ରାଜ୍ୟର ବିଭିନ୍ନ କୋଣଅନୁକୋଣରୁ ସହସ୍ରାଧିକ ଲୋକ ଯୋଗଦେଇଥିଲେ। ବିକାଶ ନାମରେ ପ୍ରାକୃତିକ ସମ୍ପଦକୁ କର୍ପୋରେଟ୍ ଲୁଣ୍ଠନ ପାଇଁ ଟେକିଦେବା ବିରୋଧରେ ଏହି ସମାବେଶ ଆୟୋଜନ କରାଯାଇଥିଲା।




ପ୍ରାକୃତିକ ସମ୍ପଦର ଅବିଚାରିତ ଲୁଣ୍ଠନ ମାଧ୍ୟମରେ ପ୍ରକୃତି, ପରିବେଶ ତଥା ଜନସାଧାରଣଙ୍କ ଜୀବନଜୀବିକାକୁ ଧ୍ୱଂସ କରି ରାଜ୍ୟକୁ ସମ୍ବଳହୀନ ନ କରିବାକୁ ଲୋକ ଅଧିକାର ସମାବେଶ ପକ୍ଷରୁ ଦାବି କରାଯାଇଛି। ଏକ ବିକଳ୍ପ ବିକାଶ ଧାରା ଆପଣେଇବା ପାଇଁ ଏହି ଯାତ୍ରା ତଥା ସମାବେଶ ଏକ ଘୋଷଣାପତ୍ର ଜାରି କରିଛି। ରାଜ୍ୟ ସରକାର, ବିଭିନ୍ନ ରାଜନୈତିକ ଦଳ ଓ ସର୍ବୋପରି ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ଏହି ବିକଳ୍ପ ବିକାଶ ନୀତି ସମ୍ପର୍କରେ ବିଚାର କରିବାକୁ ଲୋକ ଅଧିକାର ସମାବେଶ ଆହ୍ୱାନ ଦେଇଛି। ଜନଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଲୋକଶକ୍ତି ଅଭିଯାନର ଅଧ୍ୟକ୍ଷ ତଥା ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ନେତା ଲିଙ୍ଗରାଜ, ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଂଯୋଜକ ଡଃ ବିଶ୍ୱଜିତ୍ ଓ ସାମାଜିକ କର୍ମୀ କଲ୍ୟାଣ ଆନନ୍ଦ ଏହି ଆହ୍ୱାନ ଦେଇଥିଲେ।

ଲୋକ ଅଧିକାର ସମାବେଶରେ ବିକଳ୍ପ ଜନବାଦୀ ବିକାଶ ନୀତି ସମ୍ପର୍କରେ ଜାରି ହୋଇଥିବା ଘୋଷଣାପତ୍ରକୁ ସମର୍ଥନ କରି ବିଭିନ୍ନ ବୁଦ୍ଧିଜୀବୀ ଓ ରାଜନୈତିକ ନେତୃତ୍ୱ ସେମାନଙ୍କ ବକ୍ତବ୍ୟ ଦେଇଥିଲେ ଏବଂ ଏହି ଲୋକ ଅଧିକାର ଯାତ୍ରା ତଥା ସମାବେଶ ସାଧାରଣ ଲୋକଙ୍କ ଲଢ଼େଇ ଓ ପ୍ରତିରୋଧ ଆନ୍ଦୋଳନ ପାଇଁ ଏକ ମାଇଲଖୁଣ୍ଟ ହୋଇ ରହିବ ବୋଲି ମତ ବ୍ୟକ୍ତ କରିଥିଲେ।

## ମର୍ଯ୍ୟାଦା ପୁରୁଷ ରାମଙ୍କ ପ୍ରତି ଅମର୍ଯ୍ୟାଦା




ଭୁବନେଶ୍ୱର, ୨୮।୩ (ସଂଚାର ବ୍ୟୁରୋ): ଓଡ଼ିଶାର କ୍ଷମତାସିନ ବିଜେପି ଦଳର ବିଧାୟକ ସାଂସଦ କ୍ଷମତା ନିଶାରେ ଅନ୍ଧ ହୋଇ ଖୋଲାଖୋଲି ମାରଣାସ୍ତ୍ର ଧରି ଆଇନ ଭଙ୍ଗ କରିବା ନେଇ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଓ ପିସିସିର ଉପସଭାପତି ଦେବାଶିଷ ପଟ୍ଟନାୟକ ଓ ମୁଖପାତ୍ର ଜୟଶ୍ରୀ ପାତ୍ର ଯୋଗଦେଇ ବିଜେପି ବିଧାୟକ ଓ ସାଂସଦଙ୍କ କାର୍ଯ୍ୟକଳାପକୁ କଡା ଭର୍ତ୍ସନା କରିଛନ୍ତି।

କଂଗ୍ରେସ ଅଭିଯୋଗ କରିଛି ଯେ, ନାଥୁରମ୍ ଗଡସେଙ୍କ ଦଳ ଓଡ଼ିଶା ପରି ଶାନ୍ତି ପ୍ରିୟ ରାଜ୍ୟ ରେ ହିଂସା ବଢ଼ାଉଛି। ଟିଟଲାଗଡ ବିଜେପିର ଲୋକ ପ୍ରତିନିଧି ରାମନବମୀ ପରି ପବିତ୍ର ଦିନରେ ସର୍ବସାଧାରଣରେ ସୁରକ୍ଷା କର୍ମୀଙ୍କ ବନ୍ଧୁକ ନେଇ ଫାଙ୍କା ଗୁଳିଚାଳନା ପରି ଅପରାଧିକ କାର୍ଯ୍ୟ କଲେ। ହେଲେ ସରକାର ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନନେବା ଅତି ନିନ୍ଦନୀୟ। ଏହା କଣ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ମର୍ଯ୍ୟାଦାହାନୀ ନୁହେଁ କି ବୋଲି ପ୍ରଶ୍ନ କରିଛନ୍ତି ଦେବାଶିଷ। ସେହିଭଳି ଜଗନ୍ନାଥଙ୍କ ମାଟିରେ ପୁରୀ ସାଂସଦ ଖଣ୍ଡା ବୁଲାଇ ଶକ୍ତି ପ୍ରଦର୍ଶନ କରିବା ମଧ୍ୟ ଖୋଲାଖୋଲି ଭାବେ ଆଇନର ଉଲ୍ଲଂଘନ। ଟିଟଲାଗଡରେ ତଦନ୍ତ ନାଁ ରେ କେବଳ ସୁରକ୍ଷା କର୍ମୀଙ୍କୁ ନିଲମ୍ବନ କରିଦେଇ ବିଧାୟକଙ୍କୁ ସୁରକ୍ଷା ଦେଲେ ଚଳିବ ନାହିଁ। ଆଇନ ସମସ୍ତଙ୍କ ପାଇଁ ସମାନ ତେଣୁ କଂଗ୍ରେସ ଦାବି କରୁଛି ବିଧାୟକଙ୍କୁ ତୁରନ୍ତ ଗିରଫ କରାଯାଉ ନଚେତ କଂଗ୍ରେସ ଆନ୍ଦୋଳନତ୍ମକ ପଦକ୍ଷେପ ଗ୍ରହଣ କରିବ ବୋଲି ସରକାରଙ୍କୁ ସତର୍କ କରିଛନ୍ତି।

## ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୨୯।୩ (ସଂଚାର ବ୍ୟୁରୋ): ଶାନ୍ତିପୂର୍ଣ୍ଣ ଏବଂ ପ୍ରଗତିଶୀଳ ସମାଜ ଗଠନରେ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ରବିବାର ଭୁବନେଶ୍ୱର ସ୍ଥିତ ରାମକୃଷ୍ଣ ମିଶନର ବିବେକାନନ୍ଦ ହଲଠାରେ ଆୟୋଜିତ 'ଶିକ୍ଷକ ମାନଙ୍କ ପାଇଁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା' ସମ୍ପର୍କିତ କାର୍ଯ୍ୟକ୍ରମକୁ ଉଦଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଉଦବୋଧନ ଦେଇ ଶିକ୍ଷକମାନଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହିତ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜ୍ଞାନ ସହିତ ଚରିତ୍ରକୁ ପୋଷଣ କରିବାକୁ ଆହ୍ୱାନ ଜଣାଇଛନ୍ତି।

ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଉଦ୍ଧୃତ କରି ରାଜ୍ୟପାଳ କହିଥିଲେ ଯେ ,ଶିକ୍ଷା କେବଳ ସୂଚନା ସଂଗ୍ରହ ନୁହେଁ ବରଂ ଆନ୍ତରିକ ପୂର୍ଣ୍ଣତା, ଶକ୍ତି ଏବଂ ଚରିତ୍ରର ପରିପ୍ରକାଶ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନଙ୍କୁ ଶୁଭେଚ୍ଛା ଜଣାଇ ରାଜ୍ୟପାଳ ଶିକ୍ଷା, ସମାଜସେବା ଏବଂ ଆଧ୍ୟାତ୍ମିକ ଜାଗରଣରେ ରାମକୃଷ୍ଣ ମିଶନର ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଶଂସା କରିଥିଲେ। ରାମକୃଷ୍ଣ ପରମହଂସ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାମକୃଷ୍ଣ ମିଶନ ନିରନ୍ତର ଏକ ସନ୍ତୁଳିତ ଶିକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିଆସିଛି ଯାହା ବୌଦ୍ଧିକ, ନୈତିକ ଏବଂ ଆଧ୍ୟାତ୍ମିକ ଅଭିବୃଦ୍ଧିକୁ ସମନ୍ୱିତ କରିଥାଏ ବୋଲି କହିଥିଲେ।




ଭାରତର ସମୃଦ୍ଧ ସଭ୍ୟତା ଉପରେ ଆଲୋକପାତ କରି ରାଜ୍ୟପାଳ ଉଲ୍ଲେଖ କରିଥିଲେ ଯେ, ଭାରତୀୟ ମୂଲ୍ୟବୋଧରେ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଏବଂ ଅହିଂସା ପ୍ରତିଫଳିତ। ଏଗୁଡ଼ିକ କେବଳ ଆଦର୍ଶ ନୁହେଁ ବରଂ ଦୈନନ୍ଦିନ ଜୀବନରେ ପାଳନ କରାଯିବା ପାଇଁ ଉଦ୍ଦିଷ୍ଟ। ସଂଘର୍ଷ ଏବଂ ଅସ୍ଥିରତା ଦ୍ୱାରା ପ୍ରଭାବିତ ବର୍ତ୍ତମାନର ବିଶ୍ୱ ପରିସ୍ଥିତିକୁ ରାଜ୍ୟପାଳ ଉଲ୍ଲେଖ କରି ବୁଝାମଣା, ସହନଶୀଳତା ଏବଂ ଆଲୋଚନାକୁ ପ୍ରୋତ୍ସାହିତ କରିବାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକମାନେ ମାର୍ଗଦର୍ଶକ ଏବଂ ରାଷ୍ଟ୍ର ନିର୍ମାତା ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ଏବଂ ମାର୍ଗଦର୍ଶନ ଓ ଉଦାହରଣ ମାଧ୍ୟମରେ ଯୁବ ମନକୁ ଗଠନ କରନ୍ତି ବୋଲି ସେ କହିଥିଲେ।

## ବାଇକ୍ ଉପରେ ମାଡ଼ିଗଲା ହାଇୱା, ଜଣେ ମୃତ



ଧର୍ମଗଡ଼,୨୯।୩(ସଂଚାର ବ୍ୟୁରୋ): ଏକ ବାଇକ୍ ଉପରେ ହାଇୱା ମାଡ଼ିଯିବା ପରେ ବାଇକ୍ ଆରୋହୀଙ୍କର ଏଥିରେ ମୃତ୍ୟୁ ଘଟିଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ ସହରରେ ଘଟିଥିବା ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ମଧ୍ୟପ୍ରଦେଶର ରାହୁଲ ମେଘୱାଲ। ତେବେ ଏହି ଦୁର୍ଘଟଣା ପ୍ରତିବାଦରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବା ଦାବି ନେଇ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି। ଏହି କାରଣରୁ ଧର୍ମଗଡ଼-ବୋଡେନ ମୁଖ୍ୟ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି। ଏନେଇ ଖବର ପାଇବା ପରେ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବା ଜଣାପଡ଼ିଛି।

● ନକଲି ସାର୍ଟିଫିକେଟ୍ ଶିକ୍ଷକ ଚାକିରି କରିଥିଲେ

## ଥାନାରେ ଏତଲା ଦେଲେ ବିଇଓ



ଉମରକୋଟ,୨୯।୩(ସଂଚାର ବ୍ୟୁରୋ): ନକଲି ସାର୍ଟିଫିକେଟ୍ ଦେଇ ଚାକିରି କରିଥିବା ଜନୈକ ଶିକ୍ଷକଙ୍କୁ ବେଶ୍ ମହଙ୍ଗା ପଡ଼ିଛି। ଉକ୍ତ ଶିକ୍ଷକଙ୍କ ନାଁରେ ଥାନାରେ ଏତଲା ଦେଇଛନ୍ତି ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ)। ଏଭଳି ସଙ୍ଗିନ ଅଭିଯୋଗ ଆସିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ କୁସିଁସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ସନଧର ମାଝୀଙ୍କ ବିରୋଧରେ। ଶ୍ରୀ ମାଝୀ ନକଲି ଯୁକ୍ତ ଦୁଇ ସାର୍ଟିଫିକେଟ ଦେଇ ଶିକ୍ଷକ ଚାକିରି କରିବା ସହ ୨୭ ବର୍ଷ ଧରି ସରକାରୀ ଦରମା ହଡ଼ପ କରିଥିବା ଅଭିଯୋଗ ହୋଇଛି। ସେ ଶିକ୍ଷା ବିଭାଗକୁ ନିଜ ଶିକ୍ଷାଗତ ପ୍ରମାଣପତ୍ର ପ୍ରଦାନ ସମୟରେ କର୍ଣ୍ଣାଟକ ହୁବୁଳିଠାରେ ଥିବା ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନରୁ ଯୁକ୍ତ ଦୁଇ ଶିକ୍ଷାଗତ ପ୍ରମାଣପତ୍ର ଦାଖଲ କରିଥିଲେ। ତେବେ ନକଲି ସାର୍ଟିଫିକେଟ ଦେଇ ଚାକିରି କରିଥିବା ଜାଣିବା ପରେ ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) କର୍ଣ୍ଣାଟକର ଉକ୍ତ ମାଧ୍ୟମିକ ଶିକ୍ଷା ପରିଷଦକୁ ଶ୍ରୀ ମାଝୀ ଦାଖଲ କରିଥିବା ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ କରିବାକୁ ପଠାଇଥିଲେ। ସେତେବେଳେ ଉକ୍ତ ସାର୍ଟିଫିକେଟ୍ ନକଲି ବୋଲି ଜଣାପଡ଼ିଥିଲା। ଏନେଇ ଶ୍ରୀ ମାଝୀଙ୍କ ନାଁରେ ଥାନାରେ ଏତଲା ଦେବାକୁ ଡିଇଓ ସ୍ଥାନୀୟ ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

● ଶିମିଳିପାଳରେ ଶିକାରୀଙ୍କ ଉତ୍ପାତ

## ଜଣେ ଗିରଫ, ବନ୍ଧୁକ ଓ ବିସ୍ଫୋରକ ଜବତ

ବାରିପଦା,୨୯।୩(ସଂଚାର ବ୍ୟୁରୋ):ଶିମିଳିପାଳରେ ଶିକାରୀଙ୍କ ଉତ୍ପାତ ଜାରି ରହିଥିବା ବେଳେ ଆଜି ଜଣେ ଶିକାରୀକୁ ଏଆଇ କ୍ୟାମେରା ମାଧ୍ୟମରେ ଠାବ କରାଯିବା ସହ ଗିରଫ କରାଯାଇଛି। ଏଥିସହ ଏଆଇ କ୍ୟାମେରା ଆଲର୍ଟରେ ସତର୍କ ହୋଇ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିସହ ଉକ୍ତ ଶିକାରୀଠାରୁ ଗୋଟିଏ ଦେଶୀ ବନ୍ଧୁକ ଓ ବିସ୍ଫୋରକ ସାମଗ୍ରୀ ମଧ୍ୟ ଜବତ ହୋଇଛି। ଗତକାଲି ରାତି ପ୍ରାୟ ୨ଟା ସମୟରେ ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ବିଭାଗ ଅଧୀନସ୍ଥ ପୋଡ଼ାଡିହା ୱାଇଲ୍ଡଲାଇଫ୍ ରେଞ୍ଜରେ ଏଆଇ ଟ୍ରେଲଗାର୍ଡ କ୍ୟାମେରାରୁ ଏକ ସନ୍ଦେହଜନକ ଫଟୋ ଆଲର୍ଟ ମିଳିଥିଲା। ବନ ବିଭାଗର ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସେଠାରେ ଲୁଚି ରହି ଦୁଇ ଜଣ ଶିକାରୀଙ୍କ ଉପରେ ନଜର ରଖିଥିଲା। ତେବେ ଜଣେ ଶିକାରୀ ଖସିଯିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଜଣେ କିନ୍ତୁ ବନ ବିଭାଗ ଟିମ୍ ହାତରେ ଧରାପଡ଼ିଛି। ଧରାପଡ଼ିଥିବା ଶିକାରୀର ନାମ ଦଶରଥ ସିଂହ (୫୦) ହୋଇଥିବା ବେଳେ ସେ କପ୍ତିପଦା ଥାନାଞ୍ଚଳର ଜେଏସ୍ ଜାମଦିହା ଗାଁର ବାସିନ୍ଦା ବୋଲି ଜଣାପଡ଼ିଛି।

# କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର, ନର୍ସ ଅଭାବ

ଭୁବନେଶ୍ୱର,୨୯।୩: ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଡାକ୍ତର ଅଭାବ ନେଇ ବାରମ୍ବାର ଅଭିଯୋଗ ଆସୁଥିବା ବେଳେ ଖୋଦ୍ ରାଜଧାନୀର କ୍ୟାପିଟାଲ ହସ୍ପିଟାଲରେ ବି ଡାକ୍ତରଙ୍କ ସଙ୍କଟ ପରିଲକ୍ଷିତ ହୋଇଛି। କେବଳ ଡାକ୍ତର ନୁହଁନ୍ତି, ଏଠାରେ ଆବଶ୍ୟକ ସଂଖ୍ୟକ ନର୍ସିଂ କର୍ମଚାରୀ ନ ଥିବାରୁ ସ୍ୱାସ୍ଥ୍ୟସେବା ଯୋଗାଣରେ ବାଧା ଉପୁଜୁଥିବା କୁହାଯାଉଛି।



କ୍ୟାପିଟାଲ ହସ୍ପିଟାଲ ଉପରେ ଏବେ ଆଖପାଖ ଜିଲ୍ଲାର ରୋଗୀମାନେ ବି ନିର୍ଭର କରୁଛନ୍ତି। ବିଶେଷକରି ପୁରୀ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାରୁ ରୋଗୀମାନେ ରେଫର ହୋଇ ଏଠାକୁ ଆସୁଛନ୍ତି। ଡାକ୍ତରଖାନାକୁ ଦୈନିକ ହାରାହାରି ୪ ଶହ ରୋଗୀ ଆସୁଛନ୍ତି। ଯେତିକି ସଂଖ୍ୟକ ଡାକ୍ତର ଓ ନର୍ସିଂ କର୍ମଚାରୀ ଅଛନ୍ତି, କର୍ତ୍ତୃପକ୍ଷ ସେମାନଙ୍କୁ ନେଇ କାମ ଚଳାଉଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ନୂଆକରି ଖୋଲିଥିବା ପିଜି ଅନୁଷ୍ଠାନ ପାଇଁ ବିଭିନ୍ନ ବର୍ଗର ୧୨୮ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ରହିଥିବା ବେଳେ କାର୍ଯ୍ୟରତ ଅଛନ୍ତି ୧୨୦ ଡାକ୍ତର। ସେହିଭଳି ହସ୍ପିଟାଲରେ ୧୮୦ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ଥିବା ବେଳେ ଏବେ ୧୩୯ ଜଣ କାର୍ଯ୍ୟ କରୁଛନ୍ତି।

ତେବେ ସବୁଠାରୁ ବଡ଼ କଥା ହେଲା ଯେ ଏଠାରେ ଡାକ୍ତରଙ୍କ ସଂଖ୍ୟା କମ୍ ରହିଥିବା ବେଳେ ସେମାନଙ୍କୁ କିନ୍ତୁ ଡାକ୍ତରଖାନାରେ ରୋଗୀସେବା ବ୍ୟତୀତ ଆବଶ୍ୟକସ୍ଥଳେ ରକ୍ତଦାନ ଶିବିର, ବିଧାନସଭା ଅଧିବେଶନ ଦାୟିତ୍ୱ, ବିଶିଷ୍ଟ ଓ ଅତି ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସେବାରେ ନିୟୋଜିତ ହେଉଛନ୍ତି।

କ୍ୟାପିଟାଲ ହସ୍ପିଟାଲରେ ୨୧୪ଟି ମଞ୍ଜୁରୀପ୍ରାପ୍ତ ନର୍ସିଂ ଅଫିସର ପଦବୀରେ ୧୬୨ ଜଣ ନର୍ସିଂ ଅଫିସର କାର୍ଯ୍ୟ କରୁଛନ୍ତି। ଖାଲି ଥିବା ପଦବୀଗୁଡିକୁ ନିୟମିତ ଚୟନ, ବିଭାଗୀୟ ପଦୋନ୍ନତି, ଡେପୁଟେସନ ତଥା ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ପୂରଣ କରିବା ପାଇଁ ପଦକ୍ଷେପ ନେଉଥିବା ବେଳେ ୧୦ ଜଣ ଡାକ୍ତର ଓ ୨୦ ଜଣ ନର୍ସିଂ ଅଫିସର ଡେପୁଟେସନରେ ଆସି ଏଠାରେ କାର୍ଯ୍ୟରତ ଅଛନ୍ତି।

ଉଭୟ ଡାକ୍ତର ଓ ନର୍ସିଂ କର୍ମଚାରୀଙ୍କ ଅଭାବ ଯୋଗୁଁ ଚିକିତ୍ସାଧୀନ ରୋଗୀମାନେ ବିଭିନ୍ନ ପ୍ରକାରର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଠିକାରେ କାର୍ଯ୍ୟରତ ନବାଗତ ନର୍ସିଂ କର୍ମଚାରୀଙ୍କ କାର୍ଯ୍ୟରେ ରୋଗୀମାନଙ୍କୁ ଠିକଣା ଭାବେ ସେବା ଯୋଗାଇ ପାରୁ ନ ଥିବାର ଅଭିଯୋଗ ଆସୁଛି। ଖୋଦ୍ ରାଜ୍ୟ ରାଜଧାନୀରେ ଏଭଳି ଡାକ୍ତର ଓ ନର୍ସିଂ କର୍ମଚାରୀ ସଙ୍କଟ ଏବେ ରାଜ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଆଇନା ପାଲଟିଛି ବୋଲି ଏ କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀମାନେ ମତ ଦେଉଛନ୍ତି।

କେବଳ ଡାକ୍ତର ଓ ନର୍ସିଂ କର୍ମଚାରୀଙ୍କ ସଙ୍କଟ ନୁହେଁ, ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ ନିଦାନ କେନ୍ଦ୍ରରେ ମଧ୍ୟ ରୋଗୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାଧାରଣ ରକ୍ତ ପରୀକ୍ଷା କରି ରିପୋର୍ଟ ପାଇବାକୁ ରୋଗୀମାନଙ୍କୁ ଦିନଟିଏ ଲାଗିଯାଉଛି। ଫଳରେ ଯେଉଁମାନେ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଛନ୍ତି ସେମାନେ ପ୍ରଥମେ ଡାକ୍ତରଙ୍କୁ ସାକ୍ଷାତ କରି ପରାମର୍ଶ ନେବା ଓ ନିଦାନ ରିପୋର୍ଟ ପୁଣିଥରେ ଡାକ୍ତରଙ୍କୁ ଦେଖାଇବା ପାଇଁ ଅତି କମ୍‌ରେ ଦୁଇ ଦିନ ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି। ତେଣୁ ଅନେକ ରୋଗୀ ରକ୍ତ ପରୀକ୍ଷାଠାରୁ ଆରମ୍ଭ କରି ଏକ୍ସ-ରେ ପର୍ଯ୍ୟନ୍ତ ଘରୋଇ ସଂସ୍ଥାରେ କରିବାକୁ ଉଚିତ୍ ମଣୁଛନ୍ତି। ରୋଗୀଙ୍କ ସଂଖ୍ୟା ଦୃଷ୍ଟିରୁ ତୁରନ୍ତ ନିଦାନ ବ୍ୟବସ୍ଥାରେ ସୁଧାର ପାଇଁ ମତ ପ୍ରକାଶ ପାଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର




# ଯୁଦ୍ଧ ନେଉଛି ଉଗ୍ରରୂପ



ମଧ୍ୟପ୍ରାଚ୍ୟର ଯୁଦ୍ଧକ୍ଷେତ୍ର ପୁଣି ଥରେ ଉଗ୍ର ରୂପ ଧାରଣ କରିଛି। ଫେବୃଆରୀ ୨୮, ୨୦୨୬ରେ ଆରମ୍ଭ ହୋଇଥିବା ଇରାନ-ଇସ୍ରାଏଲ (ଏବଂ ଆମେରିକା) ଯୁଦ୍ଧ ଏବେ ଏକ ମାସରେ ପଦାର୍ପଣ କରିଥିବା ସମୟରେ ହୁଥି ବିଦ୍ରୋହୀମାନେ ଇସ୍ରାଏଲ ଉପରେ ପ୍ରଥମ ଆକ୍ରମଣ କରି ପରିସ୍ଥିତିକୁ ଆହୁରି ଜଟିଳ କରି ଦେଇଛନ୍ତି। ମାର୍ଚ୍ଚ ୨୮-୨୯ ତାରିଖରେ ଇୟେମେନର ହୁଥି ଗୋଷ୍ଠୀ ଇରାନର ସମର୍ଥନରେ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ନିକ୍ଷେପ କରିବା ସହ ଯୁଦ୍ଧର ନୂଆ ଅଧ୍ୟାୟ ଖୋଲି ଦେଇଛନ୍ତି। ଏହା କେବଳ ଦୁଇ ଦେଶର ସଂଘର୍ଷ ନୁହେଁ, ବରଂ ପୂର୍ବ ମଧ୍ୟପ୍ରାଚ୍ୟର ପ୍ରକ୍ସି ଯୁଦ୍ଧର ଏକ ବିସ୍ତୃତ ରୂପ ହୋଇ ଉଠିଛି। ଲେବାନନର ହିଜବୁଲ୍ଲାହ, ଇରାକ ଓ ସିରିଆର ମିଲିଶିଆ ମଧ ଏହି ଯୁଦ୍ଧରେ ସାମିଲ ହୋଇ ପରିସ୍ଥିତିକୁ ଆହୁରି ଉତ୍ତପ୍ତ କରୁଛନ୍ତି। ଯୁଦ୍ଧର ଆରମ୍ଭ ଥିଲା ଆମେରିକା ଓ ଇସ୍ରାଏଲର ଆକ୍ରମଣାତ୍ମକ ଆଘାତ। ଇରାନର ସର୍ବୋଚ୍ଚ ନେତା ଆୟତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁ ସହ ଅନେକ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଲକ୍ଷ୍ୟ କରି ଇସ୍ରାଏଲ-ଆମେରିକୀୟ ବାୟୁସେନା ଆକ୍ରମଣ କରିଥିଲା। ଇରାନ ପ୍ରତିଶୋଧ ସ୍ୱରୂପ ଇସ୍ରାଏଲ ଓ ଗଲ୍ଫ ଦେଶଗୁଡ଼ିକ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣ କରିଥିଲା। ଫଳସ୍ୱରୂପ ହର୍ମୁଜ ଷ୍ଟ୍ରେଟରେ ତୈଳ ପରିବହନ ବନ୍ଦ ହୋଇ ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଛି। ତୈଳ ମୂଲ୍ୟ ଆକାଶ ସ୍ପର୍ଶ କରୁଛି। ଲେବାନନରେ ହିଜବୁଲ୍ଲାହ ସହ ଯୁଦ୍ଧ ବ୍ୟାପ୍ତ ହୋଇ ଲକ୍ଷାଧିକ ଲୋକ ବିସ୍ଥାପିତ ହୋଇଛନ୍ତି। ଇରାନରେ ଦୁଇ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି ବୋଲି ଖବର। ଇସ୍ରାଏଲରେ ମଧ କ୍ଷୟକ୍ଷତି ହୋଇଛି।

ଏହି ଯୁଦ୍ଧର ଆହୁରି ଉଗ୍ରରୂପ ବିଶ୍ୱ ଶାନ୍ତି ପାଇଁ ଏକ ବଡ଼ ବିପଦ। ହୁଥିଙ୍କ ପ୍ରବେଶ ସହ ଯୁଦ୍ଧ ଏବେ ଇରାନ-ଇସ୍ରାଏଲ ସୀମା ଛାଡ଼ି ଲେବାନନ, ଇୟେମେନ ଓ ଗଲ୍ଫ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଛି। ଇରାନ ଆମେରିକୀୟ ଓ ଇସ୍ରାଏଲୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଲକ୍ଷ୍ୟ କରିବାର ଧମକ ଦେଇଛି। ଇସ୍ରାଏଲ ଆହୁରି ଆକ୍ରମଣ ବଢ଼ାଇବାର ଚେତାବନୀ ଦେଇଛି। ଏହା ସହ ସୌଦି ଆରବ, ତୁର୍କୀ, ଇଜିପ୍ଟ ଓ ପାକିସ୍ତାନ ପରି ଦେଶଗୁଡ଼ିକ ପାକିସ୍ତାନରେ ବୈଠକ କରି ଶାନ୍ତି ଆଲୋଚନା ଆରମ୍ଭ କରିଛନ୍ତି। କିନ୍ତୁ ଯୁଦ୍ଧର ଗତି ଏପର୍ଯ୍ୟନ୍ତ ନିୟନ୍ତ୍ରଣ ହୋଇନାହିଁ।

ଭାରତ ପାଇଁ ଏହା ଏକ ଗମ୍ଭୀର ଚିନ୍ତାର ବିଷୟ। ଭାରତ ଇରାନ ସହ ଚାବହାର ବନ୍ଦର ପ୍ରକଳ୍ପ ଓ ଇସ୍ରାଏଲ ସହ ପ୍ରତିରକ୍ଷା ସହଯୋଗିତା ରଖିଛି। ହର୍ମୁଜ ଷ୍ଟ୍ରେଟରେ ତୈଳ ପରିବହନ ବାଧିତ ହେଲେ ଭାରତର ତୈଳ ଆମଦାନୀ ପ୍ରଭାବିତ ହେବ। ମୂଲ୍ୟବୃଦ୍ଧି, ମୁଦ୍ରାସ୍ଫୀତି ଓ ଗଲ୍ଫରେ କର୍ମରତ ଭାରତୀୟଙ୍କ ସୁରକ୍ଷା ଏହାର ପ୍ରତ୍ୟକ୍ଷ ପ୍ରଭାବ। ଭାରତ ସର୍ବଦା ଶାନ୍ତିପୂର୍ଣ୍ଣ ସମାଧାନର ପକ୍ଷରେ ଥିବାରୁ ଏହି ସଙ୍କଟରେ ଜାତିସଂଘ ଓ ଆଞ୍ଚଳିକ ବୈଠକରେ ସକ୍ରିୟ ଭୂମିକା ନେବା ଉଚିତ।

ଏହି ଯୁଦ୍ଧ କେବଳ ସୈନ୍ୟକ ନୁହେଁ, ମାନବୀୟ ସଙ୍କଟ ମଧ। ଲକ୍ଷାଧିକ ଲୋକ ପ୍ରାଣ ହରାଉଛନ୍ତି, ଘରଛାଡ଼ୁଛନ୍ତି ଓ ଅର୍ଥନୀତି ଧ୍ୱଂସ ହେଉଛି। ଏହାର ପରିଣାମ କେବଳ ମଧପ୍ରାଚ୍ୟରେ ସୀମିତ ନହେଇ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଛି। ଯୁଦ୍ଧ କେବଳ ବିନାଶ ଆଣେ, ଶାନ୍ତି ହିଁ ଉନ୍ନତିର ପଥ। ଆନ୍ତର୍ଜାତିକ ସମ୍ପ୍ରଦାୟ ତୁରନ୍ତ ହସ୍ତକ୍ଷେପ କରି ଯୁଦ୍ଧ ବନ୍ଦ କରାଇବା ଉଚିତ। ଇରାନ ଓ ଇସ୍ରାଏଲ ଉଭୟ କୂଟନୀତିକ ପଥ ବାଛିବା ଆବଶ୍ୟକ। ଭାରତ ଏହି ପ୍ରକ୍ରିୟାରେ ସକ୍ରିୟ ଭୂମିକା ଗ୍ରହଣ କରି ବିଶ୍ୱ ଶାନ୍ତି ପାଇଁ ନେତୃତ୍ୱ ନେବା ଉଚିତ।

ଯୁଦ୍ଧର ଏହି ଉଗ୍ରରୂପ ଆମକୁ ମନେ ପକାଉଛି ଯେ, ବିବାଦର ସମାଧାନ ଯୁଦ୍ଧ ନୁହେଁ, ଆଲୋଚନା ମାଧମରେ ହେବା ଉଚିତ। ମଧପ୍ରାଚ୍ୟର ଶାନ୍ତି ହିଁ ବିଶ୍ୱର ସ୍ଥିରତା। ଆମେ ଆଶା କରୁଛୁ ଯେ, ଶୀଘ୍ର ଏକ ସ୍ଥାୟୀ ଯୁଦ୍ଧ-ବିରତି ହେବ ଓ କୂଟନୀତି ଜୟୀ ହେବ। ନହେଲେ ଏହି ଅଗ୍ନି ଆହୁରି ବ୍ୟାପ୍ତ ହୋଇ ବିଶ୍ୱକୁ ଗ୍ରାସ କରିବ।

# ରାନ୍ଧଣାର ଜାଳେଣୀ


## ଉତ୍କଳାନନ୍ଦ ଅଜୟ କୁମାର ବେହେରା




ପରର ବାଇଗଣ କିଆରୀ ମାଙ୍କଡ଼ କାମୁଡ଼ା କାମୁଡ଼ି, ଏହି ଗାଉଁଲି ଲୋକ କଥାଟା ଏ ସମୟରେ ଦେଶ ଦେଶ ମଧ୍ୟରେ ଯୁଦ୍ଧର ମୂଳ ଜଡ଼ରେ ରହିବା ବୋଧ ହେଉଛି। ପିଲାକାଳରେ ନାଟକରେ ଦୁଇ ରାଜ୍ୟର ରାଜାଙ୍କ ମଧ୍ୟରେ ଯୁଦ୍ଧ ହେବା ଦୃଶ୍ୟ ରହୁଥିଲା। ଯୁଦ୍ଧର କାରଣ ଖୋଜରେ ନିଶ୍ଚୟ ଏକ ନାରୀ ରହିଥିବେ ବା ସୀମା ବିବାଦ ଥିବ ବା ସମ୍ପତ୍ତିର ଲୋଭ ଥିବା ଏବେ ପଣ୍ୟ ଦ୍ରବ୍ୟ ଯାହା ଲୋକଙ୍କ ନିତ୍ୟ ଆବଶ୍ୟକ ତାହା ପ୍ରତ୍ୟେକ ଦେଶର ସମ୍ପତ୍ତି, ପୃଥିବୀରେ ଜଳବାୟୁ ସର୍ବତ୍ର ସମାନ ନୁହେଁ, କେଉଁଠି ପ୍ରବଳ ବର୍ଷାଦିନ ତ କେଉଁଠି ସ୍ୱଳ୍ପ, କେଉଁଠି ସମ୍ପୂର୍ଣ୍ଣ ଶୁଖା ଭୂମି, ଜଳ ଜୀବ ଓ ବୃକ୍ଷଲତାଙ୍କ ଜୀବନ ପାଇଁ ନିହାତି ଆବଶ୍ୟକ। ଏ ପାଇଁ ସବୁ ସ୍ଥାନରେ ଏକ ପ୍ରକାର ଦ୍ରବ୍ୟ କେବେ ଉପଲବ୍ଧ ନୁହେଁ, ହେଲେ ସବୁ ମଣିଷଙ୍କ ନିଧାର୍ଯ୍ୟ ଆବଶ୍ୟକ ଦ୍ରବ୍ୟ ସ୍ୱସ୍ଥାନରେ ସର୍ବଦା କେବେ ହେଲେ ମିଳେ ନାହିଁ ଏ ପାଇଁ ଆମଦାନୀ ଆବଶ୍ୟକ ଅଭାବ ସ୍ଥାନରେ ହେଲାବେଳେ ବଳକା ଦ୍ରବ୍ୟ ସ୍ଥାନରୁ ରପ୍ତାନି କରାଯାଉଛି। କେଉଟମାନେ ଜଳରେ ଜୀବିକାକାରୀ ତାଙ୍କର ମାଛ ଧରି ବିକ୍ରି କରି ତତଅର୍ଥରେ ଖାଦ୍ୟ ପଦାର୍ଥ ଅନ୍ୟାନ୍ୟ ନିତ୍ୟ ଦରକାରୀ ଦ୍ରବ୍ୟ କ୍ରୟ କରନ୍ତି। ହେଲେ ଏକ ଲୋକ ବାକ ଅଛି କେଉଟ ଧରନ୍ତି ମାଛ ଖାଆନ୍ତି କଙ୍କଡ଼ା, ଏହା ସ୍ଥୂଳ ଅର୍ଥରେ ଧରିଲେ ବି ମର୍ମ ହେଉଛି ବଜାରର ଲୋକଙ୍କ ମୂଲ୍ୟବାନ ମୁଖ୍ୟ ଚାହିଦା ଦ୍ରବ୍ୟ ବିକ୍ରୟ କରି, ଅଧିକ ରୋଜଗାର ଆଶା ରଖି ନିକୃଷ୍ଟ ଦ୍ରବ୍ୟ ନିଜ ପାଇଁ ବ୍ୟବହାର କଲେ ଚଳିଯିବ। ଦେଖ ଆନ୍ଧ୍ରପ୍ରଦେଶରୁ ମାଛ ଓଡ଼ିଶା ଚାହିଦା ଦୃଷ୍ଟେ ପଠାଗଲାବେଳେ ସେଠା ଲୋକଙ୍କ ସମ୍ବର, ଚାରୁ, ଚଟଣି, ରସମ ପରି ଶୁଦ୍ଧ ସ୍ୱାଦିଷ୍ଟ ଖାଦ୍ୟରେ ଲୋକେ ସବୁଦିନେ ଅନ୍ନଭୋଜନରେ ଅଭ୍ୟସ୍ତ। ଏଥିପାଇଁ ସେ ରାଜ୍ୟ ମାଛ ବ୍ୟବସାୟୀ ମାଛ ରପ୍ତାନୀ କରି ଧନୀ ହେବାସହ ରାଜ୍ୟର ଆର୍ଥିକ ସୁଦୃଢ଼ତା ବଢ଼ାଉଛନ୍ତି।

ଏପରି ମହାରାଷ୍ଟ୍ରରୁ ପିଆଜ, କେରଳରୁ ବିଲାତି ବାଇଗଣ, ପଶ୍ଚିମବଙ୍ଗରୁ ଆଳୁ, ପଞ୍ଜାବରୁ ଗହମ ଏପରି ଆମ ରାଜ୍ୟ ଚାହିଦା ଦୃଷ୍ଟେ ଆମଦାନୀରେ ସଦା ରହିଛି। ଏପରି ଅନେକ ପଣ୍ୟ ବାହାର ରାଜ୍ୟରୁ ଆସିଲାବେଳେ ଜାଳେଣୀ ତେଲ, ଡିଜେଲ ପେଟ୍ରୋଲ ଆଦି ବାହାରୁ ଆମ ରାଜ୍ୟ ସହ ଅନ୍ୟ ରାଜ୍ୟକୁ ଆସୁଛି, ଏହି ଜାଳେଣି, ଦଶି ଦଶଜନଙ୍କୁ ପୋଷିଲାପରି ଯେଉଁଠୁ ଆସୁଛି ସେ ଦେଶ ବଣିକ ଆଉ ଶାସକ। ଯେଉଁଠିକି ଆସୁଛି ସେ ଦେଶ ବଣିକ ଆଉ ଶାସକଙ୍କ ସହିତ କିଛି ମଧ୍ୟସ୍ଥି ମଧ୍ୟରେ ଅନେକ ସଂଯୋଜକ ପରିବହନକାରୀ ମୂଳଦ୍ରବ୍ୟର ମୂଲ୍ୟକୁ ବଢ଼ାଇ ବଢ଼ାଇ ଖାଉଟି ଉପଭୋକ୍ତାଙ୍କ ତହବିଲରୁ ଅର୍ଥ ଟାଣୁଛନ୍ତି, କପଟରେ ଭାରୀ କଷ୍ଟରେ ଗ୍ରାହକଙ୍କୁ ବହୁ ଉଦ୍ୟମରେ ଅଣାଯାଉଛି ବୟାନ କରାଯାଉଛି। ଦ୍ରବ୍ୟ ସୃଷ୍ଟିମାନେ ଦ୍ରବ୍ୟ ବ୍ୟବହାର ହେବ ମାଟିତଳ ଦ୍ରବ୍ୟ ମାଟି ଉପରେ ଗଚ୍ଛିତ ପାଇଁ କାହିଁ ଏତେ ଯାଗା? ବୋଝ ହାଲୁକା ଆଉ ରୋଜଗାର ବୃତ୍ତି ଚଲାଇ ରଖିବା ପାଇଁ ଉତ୍ପାଦନ ସ୍ଥଳର ନିଶ୍ଚୟ ମୁଣ୍ଡ ବ୍ୟଥା ହେବ ଏ ପାଇଁ ଉପାୟ ଖୋଜ ହେବା ଯାହାର ଏପରି ଦ୍ରବ୍ୟରୁ ଆଖି ଦୃଶିଆ ଆୟ ସେ ନିଶ୍ଚେ ଡାହାଣୀ ଦୃଷ୍ଟିରେ ପଡ଼ିବ। ପ୍ରଥମେ କପଡ଼ ବନ୍ଧୁତ୍ୱର ଫାଶ, ସେ ଫାଶରେ ଶିକାର ନ ପଡ଼ିଲେ, ଧମକ, ତାପରେ ଗୋଛି କାଟିବା କାର୍ଯ୍ୟ। ଏପରି ପ୍ରଣାଳୀ ଭାରତର ଶାସ୍ତ୍ର ମାନଙ୍କରେ ବହୁ ନଜିରରେ ଅଛି। ଏ ସବୁକୁ ଲୋକେ ବିଳାସ ବ୍ୟସନ ପାଇଁ ଆଉଡାଇ ସ୍ୱାଧୀନଚେତା ନ ହୋଇ ଆଜି କେବଳ ବିଦେଶୀ ରାଷ୍ଟ୍ରର ଦ୍ରବ୍ୟ ଉପରେ ପୁରା ନିର୍ଭରଶୀଳ। ହକ ଟଙ୍କା ଦେଇ ଶୁଣ୍ଢୀଙ୍କୁ ଜୁହାର। ଆମ ସରକାର ଦୂରଦୃଷ୍ଟିରେ ମହାଆକାଶ ଯାତ୍ରା ପାଇଁ ଉଦ୍ୟମ କରିବାବେଳେ, ଏକ ଉଜ୍ଜ୍ୱଳା ଯୋଜନା ହାତକୁ ନେଇ ଘରେ ଘରେ ରନ୍ଧନ ଗ୍ୟାସ ଯୋଗାଇବା ଚାଲୁ କରିଦେଲେ, ଯେଉଁ ଜିନିଷ ସରକାରଙ୍କ ସ୍ୱଦେଶୀ ଉତ୍ପାଦିତ ଦ୍ରବ୍ୟ ନୁହେଁ ତାର ବ୍ୟବହାର ଦେଶର କୋଣେ ଅନୁକୋଣରେ ଲୋକଙ୍କୁ ଅଭ୍ୟସ୍ତ କରିଦେଲେ। ଫଳ ସ୍ୱରୂପ ଜାଳେଣି କାଠ ଆବଶ୍ୟକ ଲୋକେ ନଭାବି ଗଛ ଉତ୍ତାରିବା ଚେନ ପ୍ରକ୍ରିୟାରେ ମନ ଦେଲେ ନାହିଁ ଫଳରେ କାହାଘରେ କାଠ ଜଳା ଚୁଲି ନାହିଁ କି ଜାଳେଣୀ କାଠ ନାହିଁ। କୋଇଲା ଜଳା ଚୁଲି କେଉଁଠି ନାହିଁ, କିରୋସିନ ଓ ଷ୍ଟୋଭ ଦୁଇ ଦୁର୍ଲ୍ଲଭ, କରତଗୁଣ୍ଡ କାଠ ବିଧି ନିଷେଧରୁ ମିଳୁନାହିଁ। ଜଙ୍ଗଲର ବୃକ୍ଷ ପୋଡ଼ା ଅଙ୍ଗାର ଧରପକଡ଼ର ବସ୍ତୁ, ଗୋରୁ ସଂଖ୍ୟା କମି ଗଲେଣି ଫଳରେ ଗୋବର ଜାତ ଘଷି ମିଳୁନାହିଁ। ଏ କ୍ଷେତ୍ରରେ ଲୋକେ ରନ୍ଧନ କରି ଖାଇବା ଏବେ ମହାସମସ୍ୟା। ଅନେକ ପ୍ରକାର ତରକାରୀ ଭଜା କରି ଖାଇବା ସୌକ ଚାଲିଯିବ ଏ ସମସ୍ୟା ଆସିଗଲାଣି, ବିଦ୍ୟୁତ ଇନ୍ଧନ ବ୍ୟବହାର ବଢ଼ିଲେ ଦର ବଢ଼ିବ, ପାୱାର କଟ ଦିନ ଉପାସ ରହିବାକୁ ପଡ଼ିବ। ଲୋକେ କି ହଇରାଣ ହେବେ ଜଳ ଜଳ ଦେଖାଗଲାଣି।


ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍:୯୪୩୭୦୩୧୨୫୩


# ସାମୟିକ ଆଶ୍ୱସ୍ତି


## କିଶୋର ଚନ୍ଦ୍ର ବେହେରା




ସମୟ ଖେଳୁଛି ଚକା ଭଉଁରୀ, ସମୟ ହାତରେ ଭାଗ୍ୟର ଡୋରି ଓ ସମୟ ଯାଉଛି ବହି। ସମୟ ଟି ଯାଏ ଅବିରାମ ବେଗରେ, ସମୟ ନ ଅଟକଇ। ସମୟ ଚକ୍ରରେ ମନୁଷ୍ୟ ଗତି, ସମୟ କହୁଛି କର ପ୍ରଗତିସମୟ ନଷ୍ଟ ନକରି ସମୟ ଭିତରେ କାମ କରିଯାଅ ଓ ପୂର୍ଣ୍ଣାଙ୍ଗ ରୂପରେଖ ପ୍ରସ୍ତୁତ କରିବା ପରେ ଯେଉଁ ଆନନ୍ଦର ତୃପ୍ତି ମିଳିଥାଏ, ଜଡ଼ିତ ଥିବା ବ୍ୟକ୍ତିବିଶେଷ ହିଁ ଅନୁଭବ କରିଥାଏ। ଜୀବନର ପ୍ରତିପାଦରେ ସମସ୍ୟା ଥାଏ ଓ ତାର ସମାଧାନ ବି ଥାଏ। ସମସ୍ୟା ଅଛି ମାନେ ସମାଧାନ ନିଶ୍ଚିତ ଅଛି। ଆମେ ଯଦି ସମସ୍ୟାର ସମାଧାନ କରି ପାରୁଛେ, ତେବେ ସମସ୍ୟା ଆସିବନି। ଆସିବନି ମାନେ କ'ଣ ସମସ୍ୟା ଆସୁ ଆସୁ ଆମେ ସମାଧାନ କରି ପାରିବା ତା' ପାଇଁ ରାସ୍ତା ବି ଅଛି। ଶିକ୍ଷକ ଯେତେବେଳେ ଶ୍ରେଣୀରେ ଗଣିତ ପଢ଼ାନ୍ତି, ସେ କେବଳ ଗଣିତର ସରଳ ସୂତ୍ର ଆମକୁ ବୁଝାନ୍ତି ଆଉ ସେଇ ସୂତ୍ର ସାହାଯ୍ୟରେ କଷ୍ଟ ଗଣିତ ସବୁକୁ ଆମେ ସହଜରେ ସମାଧାନ କରିଦେଉ। ସେମିତି ସମସ୍ୟା ଆସିଲେ ସେଠୁ ବାହାରିବା ପାଇଁ କିଛି ଗୋଟେ ସରଳ ସୂତ୍ର ଭଗବାନ ଆମ ପାଇଁ ରଖିଥାନ୍ତି। ସେଇ ସୂତ୍ର କୁ ଖୋଜି ତାକୁ ବ୍ୟବହାର କରି ଆମେ ସମସ୍ୟା କୁ ନିଶ୍ଚୟ ସମାଧାନ କରି ପାରିବା। ବେଳେବେଳେ ଆମେ ଏମିତି ସମସ୍ୟା କୁ ସାମ୍ନା କରୁ ଯାହାର କିଛି ସମାଧାନ ହିଁ ନଥାଏ।ସେଇ ସମସ୍ୟାର ସମାଧାନ କରିବା ଆମ ପାଇଁ ବହୁତ କଷ୍ଟ ଦାୟକ ହୋଇଥାଏ। ପୌରାଣିକ କଥାବସ୍ତୁ ଠାରୁ ଆରମ୍ଭ କରି ସଂପ୍ରତି କୃତ୍ରିମ ବୁଦ୍ଧିମତ୍ତାର ଯୁଗ ପର୍ଯ୍ୟନ୍ତ ସବୁ ସମୟରେ ସମସ୍ୟା ସୃଷ୍ଟି ହୋଇଥାଏ ଓ ଏହାର ସମାଧାନ ପାଇଁ ପ୍ରତିପକ୍ଷ ବିରୋଧୀଙ୍କୁ ମହଲତ ଦେଇଥାଏ। କାହାରିକୁ ବିଶେଷ ଅବସ୍ଥାରେ କୌଣସି କାର୍ଯ୍ୟ କରିବା ବା ଆପଣା ଦାୟିତ୍ୱ ପୁରା କରିବା ନିମନ୍ତେ ମିଳୁଥିବା ସମୟକୁ ମହଲତ କହିଲେ ଅତ୍ୟୁକ୍ତି ହେବ ନାହିଁ।

ମନୁଷ୍ୟ ହେଉଛି ଭଗବାନଙ୍କ ସର୍ବୋତ୍ତମ ସୃଷ୍ଟି। କିନ୍ତୁ ଏହି ସୃଷ୍ଟି ସମୂଳେ ବିଧ୍ୱଂସ ହେବାକୁ ବସେ, ଯେତେବେଳେ ଅହଙ୍କାର ରୂପୀ ରାକ୍ଷାସ ତାକୁ ଗ୍ରାସେ। ଏହା ଯୋଗୁଁ ଏ ଦୁନିଆରେ କେତେ ନ କେତେ ସମ୍ପର୍କ ଭାଙ୍ଗି ଚୁରମାର ହୋଇଯାଇଛି, ତାର କଳନା ନାହିଁ, କିନ୍ତୁ ଦୁଃଖର କଥା ଯେ ଅଧିକାଂଶ ସମୟରେ ଅହଂକାରକୁ ନ ଛାଡି ଆମେ ସମ୍ପର୍କକୁ ବଳି ଦେଇଥାଉ। ସତ୍ୟଯୁଗ ହେଉଛି ହିନ୍ଦୁ ପୁରାଣ ଅନୁଯାୟୀ ପ୍ରଥମ ଏବଂ ସର୍ବଶ୍ରେଷ୍ଠ ଯୁଗ, ଯାହାକୁ 'ସତ୍ୟ' ବା 'ଧର୍ମ'ର ଯୁଗ ବୋଲି କୁହାଯାଏ। ଏହି ଯୁଗରେ ମାନବଜାତି ପୂର୍ଣ୍ଣ ସତ୍ୟବାଦୀ, ଧାର୍ମିକ ଏବଂ ପାପମୁକ୍ତ ଥିଲେ। ସତ୍ୟଯୁଗର କିଛି ପ୍ରମୁଖ ପୌରାଣିକ କାହାଣୀ ମଧ୍ୟରେ ହିରଣ୍ୟକଶ୍ୟପ ନାମକ ଅତ୍ୟାଚାରୀ ରାକ୍ଷସ ରାଜା ଥିଲେ। ତାଙ୍କ ପୁତ୍ର ପ୍ରହ୍ଲାଦ ବିଷ୍ଣୁଙ୍କ ପରମ ଭକ୍ତ ଥିଲେ। ବିଷ୍ଣୁ ଭକ୍ତିରେ ସମର୍ପଣ ଭାବ ରଖିବା ପାଇଁ ଭଗବାନ ହିରଣ୍ୟକଶ୍ୟପକୁ କିଛି ଦିନ ମହଲତ ଦେଇଥିଲେ ନିଜକୁ ପରିବର୍ତ୍ତନ କରିବା ପାଇଁ କିନ୍ତୁ ତାହା ବ୍ୟର୍ଥ ହୋଇଛି ଅନୁଭବ କରି ବିଷ୍ଣୁ ଦେବ ପ୍ରହ୍ଲାଦଙ୍କୁ ରକ୍ଷା କରିବା ପାଇଁ ଭଗବାନ ବିଷ୍ଣୁ ନୃସିଂହ ଅବତାର ଧାରଣ କରି ସ୍ତମ୍ଭରୁ ବାହାରି ହିରଣ୍ୟକଶ୍ୟପକୁ ବଧ କରିଥିଲେ। ତ୍ରେତୟା ଯୁଗ ହେଉଛି ହିନ୍ଦୁ ପୁରାଣ ଅନୁଯାୟୀ ଚାରିଟି ଯୁଗ ମଧ୍ୟରୁ ଦ୍ୱିତୀୟ ଯୁଗ ଅର୍ଥାତ ସତ୍ୟ ଯୁଗ ପରେ ଏବଂ ଦ୍ୱାପର ଯୁଗ ପୂର୍ବରୁ। ଏହି ଯୁଗର ମୁଖ୍ୟ କାହାଣୀ ପ୍ରଭୁ ଶ୍ରୀରାମଙ୍କ ଜୀବନୀ ଉପରେ ଆଧାରିତ, ଯାହା ରାମାୟଣ ଭାବରେ ପରିଚିତ। ଦଶାନନ ରାବଣ ସୀତାଙ୍କୁ ଦଣ୍ଡକାରଣ୍ୟରୁ ହରଣ କରି ଲଙ୍କାଗଡ଼ରେ ରଖିଥିବାର ସୂଚନା ପାଇ ଶ୍ରୀରାମ ସୀତା ଦେବୀଙ୍କୁ ସସମ୍ମାନେ ଫେରାଇ ଦେବା ନିମନ୍ତେ କିଛି ଦିନର ମହଲତ ରାବଣକୁ ଦେଇଥିଲେ। ନିର୍ଦ୍ଧାରିତ ସମୟର ଅତିବାହିତ ପରେ ରାମଚନ୍ଦ୍ର ରାବଣକୁ ଯୁଦ୍ଧରେ ପରାସ୍ତ କରି ସୀତା ଦେବୀଙ୍କୁ ଫେରାଇ ଆଣିଥିଲେ। ଦ୍ୱାପର ଯୁଗ ହେଉଛି ହିନ୍ଦୁ ପୁରାଣ ଅନୁସାରେ ତୃତୀୟ ଯୁଗ, ଯେଉଁଥିରେ ଭଗବାନ ବିଷ୍ଣୁ ଶ୍ରୀକୃଷ୍ଣ ରୂପରେ ଅବତାର ଗ୍ରହଣ କରିଥିଲେ। ଏହି ଯୁଗର କାହାଣୀ ମୁଖ୍ୟତଃ ଶ୍ରୀକୃଷ୍ଣଙ୍କ ଲୀଳା, ମହାଭାରତ ଯୁଦ୍ଧ ଏବଂ ପାଣ୍ଡବମାନଙ୍କ ଜୀବନ ଉପରେ ଆଧାରିତ। ମହାଭାରତ ଯୁଦ୍ଧ କୌରବ ଓ ପାଣ୍ଡବଙ୍କ ମଧ୍ୟରେ କୁରୁକ୍ଷେତ୍ର ଯୁଦ୍ଧ ଏହି ଯୁଗର ସବୁଠାରୁ ବଡ଼ ଘଟଣା, ଯେଉଁଠାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାର ଜ୍ଞାନ ଦେଇଥିଲେ। ପାଣ୍ଡବମାନଙ୍କ ପକ୍ଷରୁ ଦୁର୍ଯ୍ୟୋଧନକୁ ରାଜ୍ୟର କିଛି ଅଂଶ



ଫେରାଇ ଦେବାକୁ ଅନୁରୋଧ କରିଥିଲେ ଏବଂ ନିର୍ଦ୍ଦିଷ୍ଟ ସମୟର ମହଲତ ଦେଇଥିଲେ। ନିର୍ଦ୍ଧାରିତ ସମୟର ଅତିକ୍ରାନ୍ତ ପରେ ମହାଭାରତ ଯୁଦ୍ଧରେ କୌରବ ବଂଶ ପରାଜୟ ସ୍ୱୀକାର କରିଥିଲେ।

ସରକାରୀ କିମ୍ବା ବେସରକାରୀ ଅନୁଷ୍ଠାନ ନିଜ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ନିକଟରେ ନିଜନିଜର ଦାବୀ ଉପସ୍ଥାପନ କରିଥାନ୍ତି। ସରକାର ସଂଘର କେତେକ ଦାବୀକୁ ସୁଚିନ୍ତିତ ଯୋଜନା ମାଧ୍ୟମରେ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲା ବେଳେ ଅନେକ ଗୁଡ଼ିଏ ଦାବୀ ସରକାରଙ୍କୁ ହରଡ଼ ଘଣାରେ ପକାଇ ଦେଇଥାଏ। ସେହି ଆନ୍ଦୋଳନକୁ ସରକାର ସାମୟିକ ଭାବେ ଆନ୍ଦୋଳନକୁ ସ୍ଥଗିତ ରଖି ଆନ୍ଦୋଳନକାରୀଙ୍କ ଠାରୁ ମହଲତ ମାଗି ନେଇଥାନ୍ତି ଅତି ଚତୁରତାର ସହିତ। ଓଡ଼ିଶାରେ ଶିକ୍ଷକମାନଙ୍କର ବିଭିନ୍ନ ଦାବି ପୂରଣ ନେଇ ସମୟ ସମୟରେ ଆନ୍ଦୋଳନ ଏବଂ ପ୍ରଶାସନିକ ସ୍ତରରେ ଆଲୋଚନା ଚାଲିଥାଏ। ଉପଲବ୍ଧ ସୂଚନା ଅନୁଯାୟୀ, ଶିକ୍ଷକ ସଂଘଗୁଡ଼ିକ ଦ୍ୱାରା ଦାବିପତ୍ର ପ୍ରଦାନ କରାଯାଇଥାଏ। ଶିକ୍ଷକଙ୍କ ଦାବିପତ୍ର ଗ୍ରହଣ କରାଯାଇଛି ଏବଂ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ମହଲତ ମାଗିଥାନ୍ତି। କୃଷକଙ୍କ ସମସ୍ୟା ସମାଧାନ ପାଇଁ ମହଲତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଯାହା ସରକାରୀ ପ୍ରଶାସନ ଓ କୃଷକଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଏ। କୃଷକମାନେ ପ୍ରାୟତଃ ସେମାନଙ୍କ ଫସଲର ଉଚିତ ମୂଲ୍ୟ, ଋଣ ଛାଡ଼, କିମ୍ବା ମରୁଡ଼ି ସହାୟତା ପାଇଁ ପ୍ରଶାସନକୁ ସମୟ ଦେଇଥାନ୍ତି ସେମାନଙ୍କ ସମସ୍ୟର ସମାଧାନ ନିମନ୍ତେ। ରାଜ୍ୟସରକାରଙ୍କ ଠିକା ନିଯୁକ୍ତି ଉଚ୍ଛେଦ ଘୋଷଣା କରିବା ଅନେକଙ୍କ ଭିତରେ ପ୍ରଶ୍ନ ଉଠିଛି। କାହାକୁ ସରକାର ସ୍ଥାୟୀ ନିଯୁକ୍ତି ଦେବେ, କାହାକୁ ବାଦ ଦେବେ ତାହା ଏବେ ସେମାନଙ୍କୁ ଆଶଙ୍କାରେ ପକାଇଛି। ଯାହା ସନ୍ଦେହକୁ ବଢ଼ାଇ ଦେଇଛି। କେଉଁମାନେ ବାଦ ପଡ଼ିବେ ତାକୁ ନେଇ ଆଶଙ୍କାରେ ପଡ଼ିଛନ୍ତି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଠିକାରେ କାମ କରୁଥିବା କର୍ମଚାରୀ। ବିଜ୍ଞପ୍ତି ପ୍ରକାଶକୁ ବିଳମ୍ବିତ କରି କର୍ମଚାରୀଙ୍କ କ୍ଷେତ୍ରରେ ଆଶା ଓ ଆଶଙ୍କା ସୃଷ୍ଟି କରୁଛନ୍ତି। ଧାନ ସଂଗ୍ରହ ଆରମ୍ଭରୁ ହିଁ ମିଲରମାନେ ଧାନ ଉଠାଇବାକୁ ମନା କରିଦେଉଛନ୍ତି, ଯାହାଫଳରେ ପ୍ରଥମ ଦିନରେ ସଂଗ୍ରହ ବ୍ୟାହତ ହେଉଛି। ଏହି ସମୟ ମଧ୍ୟରେ ସମାଧାନ ନହେଲେ ଚାଷୀମାନେ ଆନ୍ଦୋଳନକୁ ଜୋରଦାର କରିବାର ସମ୍ଭାବନା ରହିଛି। ଚାଷୀ ଓ ମିଲରଙ୍କ ସମସ୍ୟାର ସମାଧାନ ପାଇଁ ଆଲୋଚନା ଚାଲିଛି ଏବଂ ତାହାର ସମାଧାନ ଖୁବ୍ ଶୀଘ୍ର ଘୋଷଣା କରାଯିବ କହି ଜନସାଧାରଣ ଓ ବିରୋଧୀଙ୍କ ଠାରୁ ସରକାର କିଛି ଦିନର ମହଲତ ମଗିନେଇଥାନ୍ତି।

ଇରାନକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଖୋଲା ଧମକ। ହର୍ମୁଜ ପ୍ରଣାଳୀ ସଂପୂର୍ଣ୍ଣ ଖୋଲିବାକୁ ଦେଲେ ଧମକ। ଗତ ସପ୍ତାହରେ ୪୮ ଘଣ୍ଟାର ଡେଡ୍‌ଲାଇନ ଦେଇଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ନ ଖୋଲିଲେ ଇରାନର ବିଭିନ୍ନ ପାୱାର ପ୍ଲାଣ୍ଟକୁ ଧ୍ୱଂସ କରିଦେବୁ ଖୋଲା ଚେତାବନୀ ଦେଇଥିଲେ ଟ୍ରମ୍ପ। ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, "ଟ୍ରୁଥ୍ ସୋସିଆଲ" ରେ କହିଛନ୍ତି ଯେ ଯଦି ଇରାନ ଆସନ୍ତା ଦୁଇ ଦିନ ମଧ୍ୟରେ କୌଣସି ସର୍ତ୍ତ କିମ୍ବା ଧମକ ବିନା ଏହି ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥକୁ ସମ୍ପୂର୍ଣ୍ଣ ଭାବରେ ଖୋଲି ନଦିଏ, ତେବେ ଆମେରିକା ବିଭିନ୍ନ ଇରାନୀ ଶକ୍ତି କେନ୍ଦ୍ରକୁ ଟାର୍ଗେଟ କରି ନଷ୍ଟ କରିବ। ପୁନଶ୍ଚ ଏକ ସପ୍ତାହ ଅବଧି ଶେଷ ପରେ ଆମେରିକା ଏବଂ ଇରାନ ମଧ୍ୟରେ ଏବେ ସୁଦ୍ଧା ଦୁଇଟି ପ୍ରମୁଖ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଥମ ଓମାନରେ ଏବଂ ଦ୍ୱିତୀୟଟି ଜେନେଭାରେ। କୌଣସି ବୈଠକର କୌଣସି ଫଳାଫଳ ମିଳିନାହିଁ। ଉଭୟ ଦେଶ ନିଜ ନିଜ ସର୍ତ୍ତରେ ଅଟଳ ରହିଛନ୍ତି। ଏହି ସମୟରେ, ପିସ୍ ବୋର୍ଡର ଉଦଘାଟନୀ ସମାରୋହ ଆମେରିକାର ରାଜଧାନୀ ୱାଶିଂଟନରେ ଅନୁଷ୍ଠିତ ହୋଇଛି। ବୋର୍ଡରେ ଥିବା ଦେଶଗୁଡ଼ିକର ପ୍ରତିନିଧିମାନେ ସମାରୋହରେ ଯୋଗ ଦେଇଥିଲେ। ଏହି ମଞ୍ଚରୁ ଟ୍ରମ୍ପ ପୁଣି ଥରେ ଇରାନକୁ ଚେତାବନୀ ଦେଇଛନ୍ତି। ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଯେ ଆଗାମୀ ଦଶ ଦିନ ମଧ୍ୟରେ ପରିସ୍ଥିତି ସ୍ପଷ୍ଟ ହୋଇଯିବ, ଅର୍ଥାତ୍ ଆଲୋଚନାର ଫଳାଫଳ ଖୁବ୍ ଶୀଘ୍ର ଉପଲବ୍ଧ ହୋଇପାରେ। ଏହା ଦର୍ଶାଉଛି ଯେ ଆମେରିକା ଏବଂ ଇରାନ ମଧ୍ୟରେ ପରବର୍ତ୍ତୀ ପର୍ଯ୍ୟାୟ କୂଟନୈତିକ ଆଲୋଚନା ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହୋଇପାରେ। ଟ୍ରମ୍ପଙ୍କ ବୟାନ ସ୍ପଷ୍ଟ କରୁଛି ଯେ ଆମେରିକାର ପ୍ରାଥମିକତା ହେଉଛି ଇରାନର ପରମାଣୁ କାର୍ଯ୍ୟକ୍ରମକୁ ଆଗକୁ ବଢିବାକୁ ଦେବ ନାହିଁ, କିନ୍ତୁ ଏହା କୂଟନୈତିକ ଉପାୟରେ ଏକ ସମାଧାନ ମଧ୍ୟ ଖୋଜୁଛି। ମହଲତ ବେଳେ ବେଳେ ଜଟିଳ ସମସ୍ୟାର ସମାଧାନ କରିଦେଉଥିଲା ବେଳେ, ଅନେକ ସମୟରେ ଆନ୍ଦୋଳନକାରୀଙ୍କ ପାଇଁ ଅଭିଶାପ ପଲଟି ଯାଇଥାଏ।


ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲାଃ କୋରାପୁଟ
ମୋବାଇଲ୍:୯୪୩୭୯୫୫୫୬୮


# ସମାଜ ଗଠନରେ ମହିଳାମାନଙ୍କ ଭୂମିକା


## ପ୍ରଶାନ୍ତ କୁମାର ନାୟକ




ଇତିହାସ ଅନୁଧ୍ୟାନ କଲେ ପରିଦୃଷ୍ଟ ହୁଏ ଯେ, ସମାଜରେ ନାରୀମାନଙ୍କର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କର ଚିନ୍ତାଧାରା ଓ କର୍ତ୍ତବ୍ୟନିଷ୍ଠା ସମାଜ ଗଠନରେ ଅତୁଳନୀୟ। ପୁରାତନ ଯୁଗର ଗାର୍ଗୀ , ମୈତ୍ରେୟୀ ଓ ଲୋପାମୁଦ୍ରାଙ୍କ ଭଳି ନାରୀମାନଙ୍କ ଠାରୁ ଆରମ୍ଭକରି ବର୍ତ୍ତମାନ ଯୁଗର ମାଡାମ କ୍ୟୁରୀ ,ମଦର ଟେରେସା , ଅହଲ୍ୟା ବାଇ, ସରୋଜିନୀ ନାଇଡୁଙ୍କ ଭଳି ପ୍ରମୁଖ ମହିୟସୀ ମହିଳାମାନଙ୍କର ସମାଜପ୍ରତି ବହୁତ ଅବଦାନ ରହିଛି।

ଗୋଟିଏ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନପାଇଁ ନାରୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନାରୀମାନଙ୍କ ବିନା ପୃଥିବୀର ଉନ୍ନତି ବିଷୟରେ ଚିନ୍ତା କରିବା ଅସମ୍ଭବ। ପରିବାର ଗଠନ, ସମାଜ ପରିଚାଳନା ଓ ନୈତିକତାର ସୁରକ୍ଷା କ୍ଷେତ୍ରରେ ନାରୀମାନେ ଅଗ୍ରଣୀ ସାରଥିର ଭୂମିକା ନିର୍ବାହ କରିଥାଆନ୍ତି। ପରିବାରରେ ନାରୀ ସାମାଜିକ ଦାୟିତ୍ୱ ନିର୍ବାହ କରି ଭବିଷ୍ୟତର ନାଗରିକମାନଙ୍କୁ ଜନ୍ମ ଦେଇଥାଏ। ସେମାନଙ୍କର ଉପଯୁକ୍ତ ଲାଳନ ପାଳନ କରେ ଓ ଉତ୍ତମ ଚରିତ୍ର ଗଠନରେ ମଧ୍ଯ ନାରୀର ଭୂମିକା ରହିଛି। ଏଥିପାଇଁ ବୁଦ୍ଧ , ଚୈତନ୍ୟ, ମହାତ୍ମା ଗାନ୍ଧୀ ଓ ଶିବାଜୀଙ୍କ ଉପରେ ସେମାନଙ୍କ ଜନନୀମାନଙ୍କର ଅପ୍ରତିହତ ପ୍ରଭାବ ରହିଥିଲା।

ଜାୟା ଭାବରେ ପରିବାରକୁ ସମୃଦ୍ଧି ପଥରେ ଆଗେଇ ନେବାପାଇଁ ନାରୀ ଅସୀମ ଧୈର୍ଯ୍ୟ ଓ ସହନଶୀଳତା ପ୍ରକାଶ କରିଥାଏ। ଅଜସ୍ର ଦୁଃଖ ଯନ୍ତ୍ରଣାକୁ ବୁକୁତଳେ ଚାପିରଖି ସେ ଓଠ ତଳେ ହସ ଫୁଟାଏ। ପରିବାରର ମଧୁ ଚକ୍ରକୁ ସ୍ନେହ ଓ ମମତାରେ ପରିପୂର୍ଣ୍ଣ କରିପକାଏ।

ଆଜକୁ ଅର୍ଦ୍ଧ ଶତାବ୍ଦୀ ପୂର୍ବେ ଭାରତୀୟ ଗଣ ଜୀବନରେ ଯେଉଁଦିନ ଏକ ନବ ଜାଗରଣର ଜୁଆର ଆସିଲା , ସେହିଦିନ ଭାରତୀୟ ନାରୀ ସମତାଳରେ ପୁରୁଷ ସହିତ ସ୍ୱର ମିଳାଇ ତାକୁ ସ୍ୱାଗତ ଜଣାଇଥିଲେ।

ସମାଜର ଦୁଇଟି ପ୍ରମୁଖ ଅଙ୍ଗ ହେଲା ନାରୀ ଓ ପୁରୁଷ। ନାରୀ ଓ ପୁରୁଷ ଭଗବାନଙ୍କ ଅମୃତ ସୃଷ୍ଟିର ଅମୃତ ସନ୍ତାନ। ପୁରୁଷମାନଙ୍କ ଭଳି ନାରୀମାନେ ସମାଜର ଏକ ବିରାଟ ଅଂଶ ଅଟନ୍ତି। ଆମ୍ଭମାନଙ୍କ ଜନ୍ମ ଭୂମି ସୁ ପ୍ରାଚୀନ ଭାରତବର୍ଷରେ ମଧ୍ଯ ନାରୀ ଶିକ୍ଷାର ପ୍ରଚଳନ ଥିଲା। ଯେପରି କୁହାଯାଇଛି ଯେ , ଆଜିର ଛାତ୍ର ଆସନ୍ତାକାଲିର ଭବିଷ୍ୟତ ବା ନାଗରିକ ଠିକ୍ ସେମିତି ଉକ୍ତ ପରିବେଶରେ ସମାୟିତ ହେବା ଦରକାର ଯେ , ଆଜିର ନାରୀ ଭବିଷ୍ୟତର ସମ୍ମାନ। ସମାଜରେ ପୁରୁଷମାନଙ୍କ ସହିତ ନାରୀକୁ ସମାନ ଅଧିକାର ପ୍ରଦାନ କଲେ ହିଁ ଆମ ଦେଶର ଭବିଷ୍ୟତ ଯଥାଶୀଘ୍ର ଉଜ୍ଜ୍ୱଳ ହୋଇପାରିବ।

ଯୁକ୍ତରାଷ୍ଟ୍ର ଆମେରିକାରେ 1903 ମସିହା ମାର୍ଚ୍ଚ 08 ତାରିଖରେ ଏକ ନାରୀ ଜାଗରଣର ସୂତ୍ରପାତ ହୋଇଥିଲା। ଇତି ମଧ୍ଯରେ ଏହା ତାହାର ଶତବାର୍ଷିକୀ ପୂର୍ତ୍ତି ପାଳନ କରିସାରିଛି। 2003 ମସିହା ମାର୍ଚ୍ଚ 08 ତାରିଖକୁ ସମ୍ପ୍ରତି ସମଗ୍ର ବିଶ୍ୱରେ ଆନ୍ତର୍ଜାତିକ ମହିଳା ଦିବସ ଭାବରେ ପାଳନ କରାଯାଇ ଆସୁଅଛି।

କଥାରେ ଅଛି ଗୋଟିଏ ପୁରୁଷ ଶିକ୍ଷିତ ହେଲେ ଜଣେ ଲୋକ କେବଳ ଶିକ୍ଷିତ ହୋଇଥାଏ। କିନ୍ତୁ ଯଦି ଜଣେ ମହିଳା ଶିକ୍ଷିତ ହୋଇଥାଏ ତେବେ ସମଗ୍ର ପରିବାର ଶିକ୍ଷିତ ହୁଏ। ସନ୍ତାନ ସନ୍ତତି ମାନଙ୍କର ପ୍ରଥମ ଗୁରୁ ହେଉଛନ୍ତି ସେମାନଙ୍କର ମା '। ପୃଥିବୀର ଅନେକ ମହାତ୍ମାଙ୍କ ଜୀବନକୁ ସେମାନଙ୍କର ମା' ମାନେ ଗଢ଼ିତୋଳିବାର ଇତିହାସ ରହିଛି। ସେହିପରି ଦୈନନ୍ଦିନ ଜୀବନରେ ଅନେକ ସମସ୍ୟା ରହିଛି। ଶିକ୍ଷିତା ନାରୀ ହିଁ ତା'ର ସମାଧାନ କରିପାରିବ। ପୁରୁଷ ସହିତ ସମକକ୍ଷ ହୋଇ ତା'ର ସହାୟକ ଭାବେ ସେ ଏକ ଉନ୍ନତ ତଥା ସଚେତନ ସମାଜ ଗଢିବାରେ ସାହାଯ୍ଯ କରିପାରିବ। ଏହିସବୁ ଦୃଷ୍ଟିକୋଣରୁ ନାରୀଶିକ୍ଷା ଏକାନ୍ତ ଆବଶ୍ୟକ ମନେହୁଏ।

ନାରୀଯେ କେବଳ ପୁରୁଷର ଏକ କଳ୍ପ ସହଚରୀ , ଲୀଳା ସଙ୍ଗିନୀ ତାହା ନୁହେଁ। ଏହା ଭାରତୀୟ ନାରୀ ଚରିତ୍ରରେ ସ୍ପଷ୍ଟ ରୂପେ ପ୍ରମାଣିତ ହୋଇଛି। ନାରୀ ସଶକ୍ତିକରଣର ଅର୍ଥ ହେଉଛି, ନାରୀ ପ୍ରତିଭାର ଉପଯୋଗକରି ସାମାଜିକ ପ୍ରଗତିକୁ ତ୍ୱରାନ୍ୱିତ କରାଇବା। ବହୁ ପ୍ରତିଭାର ଅଧିକାରିଣୀ ନାରୀ ହୋଇଥିଲେ ମଧ୍ଯ ପୁରୁଷ ପ୍ରଧାନ ସମାଜରେ ସେମାନେ ତାଙ୍କର ସେହି ପ୍ରତିଭାର ଉପଯୋଗ କରିବାର ସୁଯୋଗ ପାଉ ନାହାନ୍ତି। ତେଣୁ ନାରୀର ଶକ୍ତି ଓ ସାମର୍ଥ୍ଯ ପ୍ରତି ସମ୍ମାନ ପ୍ରଦର୍ଶନ କରିବା , ସେମାନଙ୍କୁ ସଙ୍ଗଠିତ କରି ସେମାନଙ୍କ ମଧ୍ଯରେ ଏକ ଜାଗରଣ ସୃଷ୍ଟି କରିବା ନାରୀ ସଶକ୍ତିକରଣର ମୁଖ୍ଯ ଉଦ୍ଦେଶ୍ୟ। ନାରୀ ହେଉଛି ସୃଷ୍ଟିର ମୂଳାଧାର। ପରିବାର ପରିଚାଳନାରେ ନାରୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜନନୀ,ଜାୟା ଓ ଭଗିନୀ ବିଭିନ୍ନ ରୂପରେ ନାରୀ ତା'ର ବହୁମୁଖୀ ଭୂମିକା ନିର୍ବାହ କରିଥାଏ।

ଯେଉଁଠି ପୁରୁଷର ଶକ୍ତି ପରାହତ ହୋଇଛି , ସେଠାରେ ନାରୀ ଶକ୍ତିର ଅଭ୍ୟୁଥାନ ଘଟିଛି। ଭାରତୀୟ ପୁରାଣ ଶାସ୍ତ୍ର ମାନଙ୍କରେ ନାରୀ ଶକ୍ତିର ଭୂରିଭୂରି ଦୃଷ୍ଟାନ୍ତ ରହିଛି। ପୁରାଣରେ ଧନ ପାଇଁ ଲକ୍ଷ୍ମୀ , ଜ୍ଞାନ ପାଇଁ ସରସ୍ୱତୀ ଏବଂ ଶକ୍ତିପାଇଁ ଦୁର୍ଗାଙ୍କୁ କଳ୍ପନା କରାଯାଇଛି। ଅନ୍ୟାୟ ବିରୋଧରେ ନିଜର ସ୍ୱର ଉତ୍ତୋଳନକରି ମାତୃଭୂମି ନିମନ୍ତେ ନିର୍ଭୀକ ଭାବରେ ଆଗରେ ଛାତି ପତେଇବାକୁ ସେ କେବେ ପଶ୍ଚାତପଦ ହୋଇନାହିଁ। ସ୍ୱାଧୀନତା ସଂଗ୍ରାମରେ ଝାନସୀ ରାଣୀ ଲକ୍ଷ୍ମୀବାଈଙ୍କର ଅପୂର୍ବ ଧୈର୍ଯ୍ଯ, ଶକ୍ତି ଓ ସାମର୍ଥ୍ଯର ଗାଥା ଆଜିବି ସ୍ମରଣୀୟ। ସରୋଜିନୀ ନାଇଡୁ କସ୍ତୁରବା ଗାନ୍ଧୀ , କମଳା ନେହେରୁ , ଅରୁଣା ଆସଫ ଅଲ୍ଲୀ , ରାଜକୁମାରୀ ଅମ୍ରିତା କୌର , ବିଜୟଲକ୍ଷ୍ମୀ ପଣ୍ଡିତ ଓ ପଦ୍ମଜା ନାଇଡୁ ପ୍ରଭୃତି ମହିୟସୀ ମହିଳାମାନଙ୍କ ଅବଦାନ ସ୍ମରଣୀୟ। ସେହିପରି ଓଡ଼ିଶାର ନାରୀନେତ୍ରୀ ମାନଙ୍କ ମଧ୍ଯରେ ରମାଦେବୀ,ସରଳା ଦେବୀ , ଅନ୍ନପୂର୍ଣ୍ଣା ମହାରଣା , ମାଳତି ଚୌଧୁରୀ , ପ୍ରଭୃତିଙ୍କର ନାରୀ ସମାଜ ପ୍ରତି ଅବଦାନ ଅତୁଳନୀୟ ଥିଲା।

ଆଜିର ସମୟକୁ ଅନୁଶୀଳନ କଲେ ଜଣାଯାଏ ଯେ, ଆଜି ମଧ୍ଯ ଏହି ସମାଜରେ ନାରୀମାନେ ସେମାନଙ୍କର ପ୍ରକୃତ ଅଧିକାର ପାଇପାରି ନାହାନ୍ତି। ଆମର ନେତା ଓ ଜ୍ଞାନୀ ଗୁଣୀ ବ୍ଯକ୍ତିଗଣ ନାରୀର ଅଧିକାର, ସମାନତା ଓ କ୍ଷମତା ତଥା ସ୍ୱାଧୀନତା ସମ୍ପର୍କରେ ବଡବଡ ଭାଷଣ ଦେଇ କହିଲେ ମଧ୍ଯ କାର୍ଯ୍ଯ କ୍ଷେତ୍ରରେ ଏହାର ଠିକ୍ ବିପରୀତ ହେଉଛି। ଏହି ପୁରୁଷ ସମାଜ ନିଜ ସହିତ ନାରୀକୁ ଗୋଟିଏ ଆସନରେ ବସିବାର ମାନସିକତା ଏପର୍ଯ୍ୟନ୍ତ ଅର୍ଜନ କରିନାହାନ୍ତି। ତେଣୁ ନାରୀ ସ୍ୱୟଂ ନିଜକୁ ସମାଜରେ ଅଗ୍ରଗାମୀ କରାଇପାରୁ ନାହାନ୍ତି। ସେହି କାରଣରୁ ନାରୀ ସଶକ୍ତିକରଣ ନିମନ୍ତେ ଆନ୍ତର୍ଜାତିକ ସ୍ତରରେ ଆଜି ମଧ୍ଯ ଉଦ୍ୟମ ଜାରି ରହିଛି।

ନାରୀର ପ୍ରଗତିପାଇଁ ସମସ୍ତ ପ୍ରକାରର ଉଦ୍ୟମ ସତ୍ତ୍ୱେ ଭାରତୀୟ ସମାଜ ଏକ ପୁରୁଷ ପ୍ରଧାନ ସମାଜ ହୋଇ ରହିଛି। ନାରୀ ଶିକ୍ଷାର ଯେତିକି ପ୍ରସାର ଘଟୁଛି , ସେତିକି ପରିମାଣର ଯୌତୁକ ନିର୍ଯ୍ୟାତନା, ଧର୍ଷଣ ଓ ହତ୍ୟା ଭଳି ଜଘନ୍ୟ ଅପରାଧ ମଧ୍ଯ ବୃଦ୍ଧି ପାଇବାରେ ଲାଗିଛି। ନାରୀ ଏକ ଭୋଗ୍ୟ ସାମଗ୍ରୀ ଭାବରେ ବିବେଚିତ ହେଉଛି। ଚଳଚ୍ଚିତ୍ର, ପ୍ରେକ୍ଷାଳୟ ,ଦୂରଦର୍ଶନ, ବିଭିନ୍ନ ସାମାଜିକ ଗଣମାଧ୍ୟମରେ ତା'ର ନଗ୍ନତାକୁ ଉପଯୋଗକରି ପୁରୁଷର ଦୃଷ୍ଟିକୋଣକୁ କଳୁଷିତ କରାଯାଉଛି।

ଆଧୁନିକ ଯୁଗର ଶିକ୍ଷିତ ନାରୀ ସ୍ୱୟଂ ଏହି ଭ୍ରଷ୍ଟତା ନିମନ୍ତେ ଦାୟୀ। ଆଧୁନିକତା ନାମରେ ସ୍ୱେଚ୍ଛାଚାରିତାକୁ ପ୍ରଶ୍ରୟ ଦେଇ ସେ କେବଳ ପୁରୁଷର କାମନାରେ ଇନ୍ଧନ ଯୋଗାଉଛି। ସୁତରାଂ ନାରୀକୁ କେବଳ ଅଧିକାର ବା ସ୍ୱାଧିକାର ପ୍ରଦାନକଲେ ହେବନାହିଁ। ସମାଜକୁ କିଭଳି ଭଦ୍ର , ମାର୍ଜିତ ଓ ରୁଚିପୂର୍ଣ୍ଣ କରିବାକୁ ହେବ, ସେ ବିଷୟରେ କଳ୍ପନା କରିବାର ସମୟ ଆଜି ଉପନୀତ ହୋଇଛି। ଏକ ଶିଶୁ ପୁତ୍ରକୁ ଯେପରି ଉପଯୁକ୍ତ ବିଦ୍ୟା ଅର୍ଜନ କରାଇ ଶ୍ରେଷ୍ଠ ଭାବରେ ଗଢି ତୋଳାଯାଉଛି , ଠିକ ସେମିତି ଏକ ଶିଶୁ କନ୍ୟାକୁ ମଧ୍ଯ କରାଇବା ଉଚିତ। ଏପରି ଏକ ଆତ୍ମ ବିଶ୍ୱାସ ସେମାନଙ୍କ ମନରେ ସୃଷ୍ଟି କରାଇବାଯେ, କୌଣସି କ୍ଷେତ୍ରରେ ସେମାନଙ୍କୁ ହିନ ଦୃଷ୍ଟିରେ ନଦେଖିବା , ପୁରୁଷପରି ନାରୀ ମଧ୍ଯ ସମସ୍ତ ଅଧିକାର ପାଇବା ଯୋଗ୍ୟା, ସମାନ ସ୍ୱାଧୀନତା ,ସମାନ ଶିକ୍ଷାଦୀକ୍ଷା ଦେଇ ତାକୁ ଉତ୍ତମ ତଥା ଯୋଗ୍ୟା ନାଗରିକ ଭାବରେ ଗଢିତୋଳିବା , ଏଭଳି ସକାରାତ୍ମକ ଚିନ୍ତାଧାରା ଉଦ୍ରେକ ହେବା ଅତ୍ୟନ୍ତ ଜରୁରୀ।

ବର୍ତ୍ତମାନ ଯୋଗ୍ୟତା, ଶିକ୍ଷା, ପ୍ରତିଭା ଓ ଜ୍ଞାନ ପ୍ରତ୍ୟେକ କ୍ଷେତ୍ରରେ ନାରୀ ପୁରୁଷ ସହିତ ସମକକ୍ଷ। ଏପରିକି କେତେକ କ୍ଷେତ୍ରରେ ମଧ୍ଯ ପୁରୁଷଠାରୁ ନାରୀ ଅଧିକ ସମର୍ଥା। ଉଭୟ ପୁରୁଷ ଓ ନାରୀ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ। ନାରୀ କେବେ ଅବଳା କି ଦୁର୍ବଳା ନୁହେଁ ସେ ଅସୀମ ଶକ୍ତିର ଅଧିକାରିଣୀ। ନାରୀମାନଙ୍କୁ ପୁରୁଷ ଭଳି ସବୁ କ୍ଷେତ୍ରରେ ସମାନ ସୁବିଧାସୁଯୋଗ ଦିଆଗଲେ ଆମ ସମାଜ ଏବଂ ରାଷ୍ଟ୍ର ଅନେକ ମାତ୍ରାରେ ଅଗ୍ରଗତି କରିବ।

ଏହି ପରିପ୍ରେକ୍ଷୀରେ ଗୋଟିଏ ଛୋଟ ଅନୁଚିନ୍ତା :-

"ମା' ହେଲେ ପାଠୋଇ ,<br>
ଦେଶ ଯିବ ଆଗେଇ।"


ୟୁନିଟ୍-୫; ଭୁବନେଶ୍ୱର
ମୋବାଇଲ୍:୮୨୪୯୬୫୦୪୧୪

# ଆମେରିକାକୁ ଇରାନର ଅଲ୍ଟିମେଟମ
# ଦାବି ପୂରଣ ନହେଲେ ଦେଖିବ ଧ୍ୱଂସ



## ଟାର୍ଗେଟରେ ଆମେରିକୀୟ ବିଶ୍ୱବିଦ୍ୟାଳୟ

ତେହେରାନ, ୨୯।୩: ମଧ୍ୟପ୍ରାଚ୍ୟରେ ଅସ୍ଥିରତା କମୁନି। ଇରାନ ଉପରେ ମିସାଇଲ ଆକ୍ରମଣ କରୁଛନ୍ତି ଆମେରିକା ଏବଂ ଇସ୍ରାଏଲ। ଇରାନ ମଧ୍ୟ ପଲଟା ଜବାବ ଦେଉଛି। ସେପଟେ ଆମେରିକା ଆହୁରି ୩୫୦୦ କମାଣ୍ଡୋଙ୍କୁ ମଧ୍ୟପ୍ରାଚ୍ୟ ଅଭିମୁଖେ ପଠାଇଛି। ଏସବୁ ଭିତରେ ଆମେରିକାକୁ କଡ଼ା ଚେତାବନୀ ଦେଇଛି ଇରାନ। ଦେଶର ରିଭଲ୍ୟୁସନାରୀ ଗାର୍ଡ ବା ଆଇଆରଜିସି ୟୁଏସକୁ ଧମକ ଦେଇଛି। ଆଇଆରଜିସି କହିଛି ଯେ, ସେମାନଙ୍କ ଦାବି ଆମେରିକା ଶୀଘ୍ର ପୂରଣ କରିବା ଦରକାର। ନଚେତ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ଅନେକ ୟୁନିଭର୍ସିଟିକୁ ଟାର୍ଗେଟ୍ କରାଯିବ। ରବିବାର ଜାରି କରିଥିବା ବୟାନରେ ଆଇଆରଜିସି ଅଭିଯୋଗ କରିଛି ଯେ, ଆମେରିକା ଏବଂ ଇସ୍ରାଏଲର ଆକ୍ରମଣରେ ଇରାନର ଦୁଇଟି ବିଶ୍ୱବିଦ୍ୟାଳୟ ଧ୍ୱଂସ ହୋଇଯାଇଛି। ଏହାର ଜବାବ ଦିଆଯିବ। ବୟାନରେ ଆହୁରି ମଧ୍ୟ କୁହାଯାଇଛି ଯେ, ଆମେରିକା ଯଦି ନିଜ ବିଶ୍ୱବିଦ୍ୟାଳୟର ସୁରକ୍ଷା ଚାହୁଁଛି ତେବେ ଇରାନର କଥା ମାନିବାକୁ ପଡ଼ିବ। ମାର୍ଚ୍ଚ ୩୦ ତାରିଖ ଦିନ୧୨ଟା ସୁଦ୍ଧା ୟୁଏସ ଏସବୁ ଆକ୍ରମଣକୁ ଔପଚାରିକ ଭାବେ ନିନ୍ଦା କରିବା ଉଚିତ। ନଚେତ ଇରାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ଏହି ଧମକ ପରେ ସମଗ୍ର ମଧ୍ୟପ୍ରାଚ୍ୟରେ ସୁରକ୍ଷାଜନିତ ଚିନ୍ତା ବୃଦ୍ଧି ପାଇଛି। କାରଣ ଏଠାରେ ଅନେକ ଆମେରିକୀୟ ଶିକ୍ଷାନୁଷ୍ଠାନ ରହିଛି, ଯେଉଁଠି ହଜାର ହଜାର ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଅନେକ କର୍ମଚାରୀ ମଧ୍ୟ କ୍ୟାମ୍ପସରେ ରହୁଛନ୍ତି। ଯାହାକୁ ଆମେରିକା ଗୁରୁତର ସହ ନେଇପାରେ। ଆମେରିକା ସେଣ୍ଟ୍ରାଲ୍ କମାଣ୍ଡର କହିବାନୁସାରେ, ଅତ୍ୟାଧୁନିକ ଯୁଦ୍ଧପୋତ ୟୁଏସ ତ୍ରିପୋଲି ନିଜର ନିର୍ଦ୍ଧାରିତ ଅପରେସନ ଜୋନରେ ପହଁଚି ସାରିଛି। ଯେଉଁଥିରେ ପ୍ରାୟ ୨୫୦୦ରୁ ଅଧିକ ମେରାଇନ କମାଣ୍ଡୋ ରହିଛନ୍ତି। ଏହି ଯୁଦ୍ଧ ଜାହାଜ ଖୁବ ଆଧୁନିକ। ଏଥିରେ ଏଫ୍-୩୫ ଷ୍ଟିଲଥ ଫାଇଟର ଜେଟ ଏବଂ ଅନ୍ୟ ଆଡାଭାନ୍ସ ଏୟାରକ୍ରାଫ୍ଟ ଅପରେଟ କରାଯାଇପାରିବ। ଏହାକୁ ପୂର୍ବରୁ ଜାପାନ ନିକଟରେ ମୁତୟନ କରାଯାଇଥିଲା। ତେବେ ଦୁଇ ସପ୍ତାହ ପୂର୍ବରୁ ତ୍ରିପୋଲିକୁ ମଧ୍ୟପ୍ରାଚ୍ୟ ଅଭିମୁଖେ ପଠାଯାଇଥିଲା। ଏହା ବ୍ୟତୀତ ୟୁଏସଏସ ବକ୍ସର ଏବଂ ସେନ୍ ଡିଏଗୋରେ ଅନ୍ୟ ଯବାନଙ୍କୁ ମଧ୍ୟପ୍ରାଚ୍ୟ ପଠାଯାଇଛି।

## ଟ୍ରମ୍ପଙ୍କୁ ବିରୋଧ, ଆମେରିକାରେ ବିକ୍ଷୋଭ

### ରାସ୍ତାକୁ ଓହ୍ଲାଇଲେ ୮୦ ଲକ୍ଷରୁ ଅଧିକ ଲୋକ

### ପ୍ୟାରିସ ଓ ଲଣ୍ଡନରେ ମଧ୍ୟ 'ନୋ କିଙ୍ଗ୍ସ' ରାଲି




**ନ୍ୟୁୟର୍କ,** ୨୯।୩:ଶନିବାର ଦିନ ଆମେରିକାରେ ଟ୍ରମ୍ପଙ୍କ ବିରୋଧରେ ହୋଇଥିବା 'ନୋ କିଙ୍ଗ' ରାଲିରେ ୮୦ ଲକ୍ଷ ଲୋକ ଭାଗ ନେଇଥିଲେ। ମିଡିଆ ରିପୋର୍ଟ ମୁତାବକ ଆମେରିକାର ୫୦ ହଜାର ୩୩ ଶହ ସ୍ଥାନରେ ଏହି ବିରୋଧ ପ୍ରଦର୍ଶନ ହୋଇଥିଲା। ଆନ୍ଦୋଳନର ଆୟୋଜକ କହିଛନ୍ତି କି ଅକ୍ଟୋବର ମାସରେ ହୋଇଥିବା 'ନୋ କିଙ୍ଗସ' ପ୍ରଦର୍ଶନ ତୁଳନାରେ ଏଥର ଅଧିକ ୧୦ ଲକ୍ଷ ଲୋକ ଯୋଗ ଦେଇଛନ୍ତି। ଏହାସହ ୬୦୦ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରଦର୍ଶନ କରୁଥିବା ଲୋକଙ୍କ କହିବା କଥା ସେମାନେ ଟ୍ରମ୍ପ ସରକାରଙ୍କ ଅନେକ ନୀତିର ବିରୋଧ କରୁଛନ୍ତି। ସେମାନଙ୍କର ରାଗ ବିଶେଷ କରି ଇରାନ ସହିତ ବଢୁଥିବା ଯୁଦ୍ଧ ଓ ବଢୁଥିବା ଦରଦାମକୁ ନେଇ। ଅନେକ ସ୍ଥାନରେ ପ୍ରଦର୍ଶନକାରୀମାନେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଉପରାଷ୍ଟ୍ରପତି ଜେଡି ଭେନ୍ସଙ୍କ ପୋଷ୍ଟର ଧରି ଇସ୍ତଫା ଦାବି କରିଛନ୍ତି। ଟ୍ରମ୍ପଙ୍କ ବିରୋଧରେ ଏପର୍ଯ୍ୟନ୍ତ ୩ ଥର ନୋ କିଙ୍ଗସ ପ୍ରଦର୍ଶନ ହୋଇସାରିଛି। ପ୍ରଥମ ପ୍ରଦର୍ଶନ ଜୁନ ୨୦୨୫ରେ ଆୟୋଜନ କରାଯାଇଥିଲା। ଏହାପରେ ଅକ୍ଟୋବର ୨୦୨୫ ରେ ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ତୃତୀୟ ପ୍ରଦର୍ଶନ ମାର୍ଚ୍ଚ ୨୮ ତାରିଖରେ ହୋଇଛି। ସେପଟେ ଏହି ପ୍ରଦର୍ଶନକୁ ହ୍ୱାଇଟ୍ ହାଉସ୍ ତରଫରୁ 'ଥେରେପି ସେସନ' ଦର୍ଶାଇ କୁହାଯାଇଛି କି, ଏହି ପ୍ରଦର୍ଶନ ସାଧାରଣ ଲୋକଙ୍କ ଉପରେ କିଛି ପ୍ରଭାବ ପକାଇବ ନାହିଁ। ଟ୍ରମ୍ପ କହିଛନ୍ତି କି, ଏ ନିଷ୍ପତ୍ତି ଦେଶକୁ ମଜବୁତ କରିବା ଉଦ୍ଦେଶ୍ୟରେ ନିଆଯାଇଛି। ଏହାସହ ସେ କହିଛନ୍ତି କି, ମୁଁ ରାଜା ନୁହେଁ ଓ ମୋ ଉପରେ ଯେଉଁ ଅଭିଯୋଗ ଆସୁଛି ତାହାର ସତ୍ୟତା ନାହିଁ। କେବଳ ଆମେରିକା ନୁହେଁ ବିଶ୍ୱର ବିଭିନ୍ନ ଭାଗରେ ବି ଟ୍ରମ୍ପଙ୍କ ବିରୋଧରେ ପ୍ରଦର୍ଶନ ଜାରି ରହିଛି। ପ୍ୟାରିସ୍, ଲଣ୍ଡନ ଭଳି ସହରରେ ଲୋକମାନେ ରାସ୍ତାକୁ ଓହ୍ଲାଇ ପ୍ରଦର୍ଶନ କରୁଛନ୍ତି।

## ଆମେରିକୀୟ ଏଫ୍-୧୬ ଖସାଇଲା ଇରାନ




ନୂଆଦିଲ୍ଲୀ, ୨୯।୩: ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ, ଇରାନ ଆମେରିକୀୟ ସାମରିକ ଘାଟି ଏବଂ ଏଫ୍-୧୬ ଲଢୁଆ ବିମାନକୁ ଟାର୍ଗେଟ କରିଥିବାର ଏକ ବଡ଼ ଦାବି କରିଛି। ସ୍ଥାନୀୟ ଗଣମାଧ୍ୟମ ଇରାନର ଅର୍ଦ୍ଧସାମରିକ ବାହିନୀ ଇସଲାମିକ୍ ରିଭୋଲ୍ୟୁସନରୀ ଗାର୍ଡ କର୍ପସ (ଆଇଆର୍‌ଜିସି)ଠାରୁ ମିଳିଥିବା ସୂଚନା ଆଧାରରେ କହିଛି, ଲଢୁଆ ବିମାନ ସହିତ ଏକ ଆମେରିକୀୟ ଏମକ୍ୟୁ-୯ ଡ୍ରୋନକୁ ମଧ୍ୟ ଇରାନ ଖସାଇ ଦେଇଛି। ତେବେ, ଆମେରିକା ପକ୍ଷରୁ ଏହି ଦାବିର କୌଣସି ସରକାରୀ ନିଶ୍ଚିତକରଣ ହୋଇନାହିଁ। ଆଇଆର୍‌ଜିସି ଏକ ବିବୃତିରେ କହିଛି, ଏହି କାର୍ଯ୍ୟାନୁଷ୍ଠାନ ଇରାନୀ ନାଗରିକ ଏବଂ ଶିଳ୍ପ ସ୍ଥାନଗୁଡ଼ିକ ଉପରେ ହୋଇଥିବା ଆକ୍ରମଣର ଜବାବରେ କରାଯାଇଥିଲା। ଆମେରିକୀୟ ଏବଂ ଇସ୍ରାଏଲୀ ଶିବିରଗୁଡ଼ିକୁ ଟାର୍ଗେଟ କରାଯାଇଛି। ଦକ୍ଷିଣ ଇରାନର ଶିରାଜ ଉପରେ ଉଡୁଥିବା ଏକ ଆମେରିକୀୟ ଡ୍ରୋନକୁ ଖସା ଯାଇଛି। ଲଢୁଆ ବିମାନ ଉପରେ ହୋଇଥିବା ଆକ୍ରମଣର କ୍ଷୟକ୍ଷତି କିମ୍ବା ସ୍ଥିତି ସମ୍ପର୍କରେ କୌଣସି ବିବରଣୀ ପ୍ରକାଶ କରାଯାଇ ନାହିଁ। ସାମରିକ ବିଶେଷଜ୍ଞଙ୍କ ମତରେ, ବର୍ତ୍ତମାନର ପରିସ୍ଥିତିରେ ଏହି ଦାବିଗୁଡ଼ିକର ସ୍ୱାଧୀନ ଯାଞ୍ଚ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଉଭୟ ପକ୍ଷ ଏଭଳି ବହୁ ବିବୃତି ଦେଉଛନ୍ତି। ଏପରି ଦାବି ଆଞ୍ଚଳିକ ଉତ୍ତେଜନାକୁ ବୃଦ୍ଧି କରିବା ସହ ବିଶ୍ୱ ସୁରକ୍ଷାକୁ ପ୍ରଭାବିତ କରିପାରେ।

## ହର୍ମୁଜ ନିକଟରେ ମିସାଇଲ ମାଡ଼, ୫ ମୃତ

ତେହେରାନ, ୨୯।୩: ଇରାନ ଓ ଆମେରିକା-ଇସ୍ରାଏଲ ମଧ୍ୟରେ ରବିବାର ମଧ୍ୟ ତୀବ୍ର ଯୁଦ୍ଧ ଦେଖିବାକୁ ମିଳିଛି। ଇରାନ, କୁଏତ୍, ବାହାରିନ ଓ ସାଉଦି ଆରବ ସହିତ ଇରାକରେ କୁର୍ଦ୍ଦିସ୍ ଅଞ୍ଚଳର ରାଷ୍ଟ୍ରପତିଙ୍କ ବାସଭବନ ଉପରେ ଆକ୍ରମଣ ହୋଇଛି। ଇରାନର ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଆମେରିକା- ଇସ୍ରାଏଲ ରବିବାର ହର୍ମୁଜ ପ୍ରଣାଳୀ ନିକଟରେ ଇରାନର ବନ୍ଦର ସହର ଉପରେ ଆକ୍ରମଣ କରିଥିବାବେଳେ ଏଥିରେ ୫ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଆକ୍ରମଣରେ ୪ ଜଣ ଆହତ ହୋଇଥିବା ଆଇଆର୍‌ଏନ୍‌ଏ ନ୍ୟୁଜ ଏଜେନ୍ସି ପ୍ରକାଶ କରିଛି।କତରର ଏକ ନ୍ୟୁଜ ଚାନେଲ ଅଲ୍ ଆରବୀ ରବିବାର ପ୍ରକାଶ କରିଛି ଯେ, ଇସ୍ରାଏଲ କ୍ଷେପଣାସ୍ତ୍ର ଆକ୍ରମଣରେ ତେହେରାନରେ ଥିବା ଏହାର କାର୍ଯ୍ୟାଳୟ କ୍ଷତିଗ୍ରସ୍ତ ହୋଇଛି। ଏହି ଆକ୍ରମଣରେ ଅଲ ଅରବି ଟିଭି ଚାନେଲ କାର୍ଯ୍ୟାଳୟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବାବେଳେ ସିଧା ପ୍ରସାରଣ ବାଧାପ୍ରାପ୍ତ ହୋଇଛି ବୋଲି 'ଏକ୍ସ'ରେ ପୋଷ୍ଟ କରିଛନ୍ତି। କାର୍ଯ୍ୟାଳୟ ଭିତରର ଭିଡିଓ ଫୁଟେଜରେ ଝରକା ଭାଙ୍ଗି କାଚ ଥିବା ଦେଖିବାକୁ ମିଳିଛି। ଆମେରିକାର ଆକ୍ରମଣକୁ ଇରାନ ସଂସଦର ବାଚସ୍ପତି 'କପଟତା' ବୋଲି କହିଛନ୍ତି। ଆମେରିକା ସର୍ବସାଧାରଣରେ ଆଲୋଚନା କରିବାକୁ କହୁଥିବାବେଳେ ଗୋପନରେ ସ୍ଥଳଭାଗରେ ଆକ୍ରମଣ କରିବାକୁ ଯୋଜନା କରୁଛି। ସେ ଆହୁରି କହିଛନ୍ତି, ଆମେରିକାର ଏପରି



### ଇରାନ ଆକ୍ରମଣକୁ ଜେଲେନ୍ସ୍କିଙ୍କ ନିନ୍ଦା

ପଦକ୍ଷେପକୁ ଇରାନ ସୁରକ୍ଷାକର୍ମୀ ଅପେକ୍ଷା କରି ରହିଛନ୍ତି। ଅନ୍ୟପକ୍ଷରେ ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାଏଦ ଅଲ୍ ନାହୟାନ ଏବଂ ୟୁକ୍ରେନ ରାଷ୍ଟ୍ରପତି ବୋଲ୍‌ଡିମିର୍ ଜେଲେନସ୍କି ଆଞ୍ଚଳିକ ସୁରକ୍ଷା ବିକାଶ ଉପରେ ଆଲୋଚନା କରିବା ପାଇଁ ୟୁଏଇରେ ସାକ୍ଷାତ କରିଥିଲେ। ବୈଠକ ସମୟରେ ଜେଲେନସ୍କି ଇରାନ ଆକ୍ରମଣର ନିନ୍ଦା କରି କହିଥିଲେ ଯେ ଏହା ସାର୍ବଭୌମତ୍ୱ, ଅନ୍ତର୍ଜାତୀୟ ଆଇନ ଏବଂ ଜାତିସଂଘ ଚାର୍ଟରର ଉଲ୍ଲଂଘନ ଏବଂ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ଶାନ୍ତି ଏବଂ ସୁରକ୍ଷାକୁ ଦୁର୍ବଳ କରୁଛି।

## ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' ବିଶ୍ୱରେ ସଙ୍କଟ, ଆମକୁ ଏକଜୁଟ ହେବାକୁ ପଡ଼ିବ



ନୂଆଦିଲ୍ଲୀ, ୨୯।୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ' କାର୍ଯ୍ୟକ୍ରମର ୧୩୨ତମ ଏପିସୋଡ଼ରେ ଦେଶବାସୀଙ୍କୁ ସମ୍ବୋଧିତ କରି ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଉପରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦେଶ ଏହି ଚ୍ୟାଲେଞ୍ଜଗୁଡ଼ିକୁ ଏକଜୁଟ ହୋଇ ଦୂର କରିବ। କୋଭିଡ ଯୋଗୁଁ ବିଶ୍ୱ ଦୀର୍ଘ ସମୟ ଧରି ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲା । ଆମେ ଆଶା କରିଥିଲୁ ଯେ ଏହି ସଙ୍କଟ ଦୂର ହେବା ପରେ, ବିଶ୍ୱ ଏକ ନୂତନ ଆରମ୍ଭ ସହିତ ପ୍ରଗତି ପଥରେ ଆଗକୁ ବଢ଼ିବ। ତଥାପି, ବିଭିନ୍ନ ଅଞ୍ଚଳରେ ଯୁଦ୍ଧ ଏବଂ ସଂଘର୍ଷର ପରିସ୍ଥିତି ଦେଖାଦେଇଛି। ଲକ୍ଷ ଲକ୍ଷ ଭାରତୀୟ ପରିବାରର ସମ୍ପର୍କୀୟ ଏହି ଦେଶଗୁଡ଼ିକରେ ରହୁଛନ୍ତି। ବିଶେଷକରି ଉପସାଗରୀୟ ଦେଶଗୁଡ଼ିକରେ ସେମାନେ ରୁହନ୍ତି ଏବଂ କାମ କରନ୍ତି। ସେଠାରେ ଥିବା ୧ କୋଟିରୁ ଅଧିକ ଭାରତୀୟଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ ଯୋଗାଇଥିବାରୁ ମୁଁ ଉପସାଗରୀୟ ଦେଶମାନଙ୍କ ପ୍ରତି ବହୁତ କୃତଜ୍ଞ। ପ୍ରଧାନମନ୍ତ୍ରୀ ମୋଦୀ ବିଶ୍ୱ ଶକ୍ତି ଯୋଗାଣ ଉପରେ ଏହି ସଂଘର୍ଷର ପ୍ରଭାବ ଉପରେ ମଧ୍ୟ ଗୁରୁତ୍ୱାରୋପ କରି କହିଛନ୍ତି, ଏହି ଅଞ୍ଚଳ ଭାରତର ଇନ୍ଧନ ଆବଶ୍ୟକତା ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଯେଉଁ ଅଞ୍ଚଳରେ ଯୁଦ୍ଧ ଚାଲିଛି ତାହା ଆମର ଶକ୍ତି ଆବଶ୍ୟକତାର ଏକ ପ୍ରମୁଖ କେନ୍ଦ୍ର। ଯୁଦ୍ଧ ସାରା ବିଶ୍ୱରେ ପେଟ୍ରୋଲ ଏବଂ ଡିଜେଲର ସଙ୍କଟ ସୃଷ୍ଟି କରୁଛି। ଭାରତ ଏହାର ବିଶ୍ୱ ସମ୍ପର୍କ, ବିଭିନ୍ନ ଦେଶରୁ ପ୍ରାପ୍ତ ସହାୟତା ଏବଂ ଗତ ଦଶନ୍ଧି ଧରି ନିର୍ମାଣ କରିଥିବା କ୍ଷମତା ଯୋଗୁଁ ସାହସିକତାର ସହିତ ଏହି ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହେଉଛି।

ସାମୂହିକ ଦାୟିତ୍ୱ ପାଇଁ ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ ନାଗରିକମାନଙ୍କୁ ଏକତା ରକ୍ଷା କରିବାକୁ ଏବଂ ଏହି ପ୍ରସଙ୍ଗକୁ ରାଜନୀତିକରଣ କରିବାରୁ ନିବୃତ୍ତ ରହିବାକୁ ଅନୁରୋଧ କରିଛନ୍ତି। ସେ ଗୁଜବ ପ୍ରସାର କରିବା ନେଇ ସତର୍କ କରାଇ କହିଛନ୍ତି, ଭୁଲ୍ ସୂଚନା ଜାତୀୟ ସ୍ୱାର୍ଥକୁ କ୍ଷତି ପହଞ୍ଚାଇପାରେ ଏବଂ କେବଳ ସରକାରୀ ସୂଚନା ଉପରେ ବିଶ୍ୱାସ କରିବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି।

## ଏପ୍ରିଲ ୪ରୁ ପାକିସ୍ତାନରେ ଲକଡାଉନ

### ଦୋକାନଠାରୁ ହାଇୱେ ସବୁ ବନ୍ଦ

ଇସଲାମାବାଦ, ୨୯।୩: ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନା କାରଣରୁ ସାରା ବିଶ୍ୱରେ ତୈଳ ସଙ୍କଟ ଦେଖାଦେଇଛି। ଏହାର ସବୁଠାରୁ ଭୟଙ୍କର ପ୍ରଭାବ ପଡ଼ୋଶୀ ଦେଶ ପାକିସ୍ତାନ ଉପରେ ପଡ଼ିଥିବା ଦେଖିବାକୁ ମିଳିଛି। ପୂର୍ବରୁ କାଙ୍ଗାଳ ଅବସ୍ଥାରେ ଥିବା ପାକିସ୍ତାନରେ ଏବେ ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ୍ ଦର ଆକାଶଛୁଆଁ ହୋଇଛି। ଏହି ଶକ୍ତି ସଙ୍କଟରୁ ମୁକ୍ତି ପାଇବା ପାଇଁ ଶେହବାଜ ସରିଫ୍ ସରକାର ଦେଶରେ 'ଲକଡାଉନ୍' ଲାଗୁ କରିବାକୁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ନିୟମ ଅନୁଯାୟୀ, ଏପ୍ରିଲ ୪-୫ ତାରିଖରୁ ସାରା ଦେଶରେ କଟକଣା ଆରମ୍ଭ ହେବ। ଲକଡାଉନ୍ ଅଧୀନରେ ଶନିବାର ମଧ୍ୟରାତ୍ରି ୧୨ଟାରୁ ରବିବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ବନ୍ଦ ରହିବ। କେବଳ ସେତିକି ନୁହେଁ, ମୋଟରୱେ ଏବଂ ହାଇୱେରେ ଗାଡ଼ି ଚଳାଚଳ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ସମୟ ମଧ୍ୟରେ ଯେଉଁମାନଙ୍କର ବିବାହ ସ୍ଥିର ହୋଇଥିଲା, ସେହି କାର୍ଯ୍ୟକ୍ରମ ମଧ୍ୟ ହୋଇପାରିବ ନାହିଁ।




ପାକିସ୍ତାନରେ ଏଲପିଜି ସିଲିଣ୍ଡରର ମୂଲ୍ୟ ଏବେ ୩୯୦୦ ରୁ ବୃଦ୍ଧି ପାଇ ୫୧୩୫ ଟଙ୍କାରେ ପହଞ୍ଚିଛି। ଏହି କାରଣରୁ ପରିବହନ ସେବା ମହଙ୍ଗା ହୋଇଥିବାବେଳେ ସାଧାରଣ ଜନତା ଏବଂ ମଧ୍ୟବିତ୍ତ ଶ୍ରେଣୀର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ଏଭଳି ଅଜବ ନିଷ୍ପତ୍ତି ଯୋଗୁଁ ଶେହବାଜ ସରିଫ୍ ପୁଣିଥରେ ବିଶ୍ୱ ଦରବାରରେ ପରିହାସର ପାତ୍ର ସାଜିଛନ୍ତି।

## ମୋଦି, ଅମିତ ଶାହ ସବୁଠୁ ଶକ୍ତିଶାଳୀ ଭାରତୀୟ

### ଶୀର୍ଷ ୨୦ଜଣରେ ରାହୁଲ ଓ ମମତା

### ୧୭ ନମ୍ବରରେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି

### ୨୧ ନମ୍ବରରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ




ନୂଆଦିଲ୍ଲୀ, ୨୯।୩: ପଶ୍ଚିମ ଏସିଆରେ ଯୁଦ୍ଧ ଜାରି ରହିଛି। ରୁଷ ଏବଂ ୟୁକ୍ରେନ ମଧ୍ୟରେ ସଂଘର୍ଷ କମିବା ନାଁ ନେଉନି। ଏହାରି ବଦଳିଛି ବିଶ୍ୱ ପୃଷ୍ଠଭୂମିର ରୂପରେଖା। ଭାରତରେ କିଏ ସବୁଠୁ ପାଓ୍ୱାରଫୁଲ, ଏନେଇ ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତିଙ୍କ ତାଲିକା ପ୍ରକାଶ ପାଇଛି। ଲଗାତାର ୧୨ ଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହ ଦି ଇଣ୍ଡିଆନ୍ ଏକ୍ସପ୍ରେସର ଶକ୍ତିଶାଳୀ ବ୍ୟକ୍ତିତ୍ୱ ତାଲିକାରେ ଟପରେ ଅଛନ୍ତି। ଦ୍ୱିତୀୟ ସ୍ଥାନରେ ଅଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ଶ୍ରେଷ୍ଠ ୧୦ରେ ଥିବା ନଅଟି ନାମ ୨୦୨୫ରେ ଯେପରି ଥିଲା ସେହିପରି ଅପରିବର୍ତ୍ତିତ ରହିଛି। କ୍ଷମତାର ସମୀକରଣ ଯୋଗୁଁ ଅପରିବର୍ତ୍ତିତ ରହିଛି।

ରାହୁଲ ଗାନ୍ଧୀ ଏବଂ ମମତା ବାନାର୍ଜୀ ହେଉଛନ୍ତି କେବଳ ଦୁଇ ଅଣ-ଏନଡିଏ ନେତା, ଯେଉଁମାନେ ଶୀର୍ଷ ୨୦ ଜଣଙ୍କ ମଧ୍ୟରେ ସ୍ଥାନ ସୁରକ୍ଷିତ କରିବାରେ ସଫଳ ହୋଇଛନ୍ତି। କଂଗ୍ରେସ ନେତାଙ୍କ ପ୍ରୟାସ ଫଳରେ ସେ ତାଙ୍କର ୯ମ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଥିଲେ। ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଏହି ତାଲିକାରେ କଂଗ୍ରେସଠାରୁ ଆଗରେ ଅଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ମଧ୍ୟ ଏହି ତାଲିକାରେ ଅଛନ୍ତି। ତାଙ୍କ ରାର୍ଙ୍କିଂରେ ଉନ୍ନତି ହୋଇଛି। ୨୦୨୫ରେ ସେ ୬୩ ତମ ସ୍ଥାନରେ ଥିଲେ। ଏବେ ଜ୍ଞାନେଶ କୁମାର ୨୦ ତମ ସ୍ଥାନକୁ ଉନ୍ନିତ ହୋଇଛନ୍ତି। ଏହି ତାଲିକାରେ ୧୭ତମ ସ୍ଥାନରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ୨୧ତମ ସ୍ଥାନରେ ବିଜେପି ସଭାପତି ନୀତିନ ନବୀନ ମଧ୍ୟ ସ୍ଥାନିତ ହୋଇଛନ୍ତି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରିବର୍ତ୍ତନଶୀଳ ମନୋଭାବ ଯୋଗୁଁ ବାଣିଜ୍ୟ, ଅର୍ଥ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟଗୁଡ଼ିକୁ ସର୍ବଦା ହାଇ ଆଲର୍ଟ ରହିବାକୁ ପଡ଼ିବ। ଫଳସ୍ୱରୂପ, ପୀୟୁଷ ଗୋୟଲ ଏହି ତାଲିକାରେ ୧୨ତମ ସ୍ଥାନରୁ ୫ମ ସ୍ଥାନକୁ ଉଠିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ମଧ୍ୟ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ଅଛନ୍ତି। ଏନଏସଏ ଅଜିତ ଡୋଭାଲ ୨୯ତମ ସ୍ଥାନରେ ପହଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବରେ ଛଅ ବର୍ଷରୁ ଅଧିକ ଅଭିଜ୍ଞତା ଥିବା ପି.କେ. ମିଶ୍ର ପ୍ରଧାନମନ୍ତ୍ରୀ ମୋଦିଙ୍କ ସବୁଠାରୁ ବିଶ୍ୱସ୍ତ ପରାମର୍ଶଦାତାଙ୍କ ମଧ୍ୟରୁ ଜଣେ। ସେ ଏହି ତାଲିକାରେ ୩୨ତମ ସ୍ଥାନରେ ଅଛନ୍ତି। କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ତାଙ୍କ ରାଙ୍କିଂରେ ୩୫ ତମ ସ୍ଥାନରେ ପହଞ୍ଚିଛନ୍ତି।

ଆସଦୁଦ୍ଦିନ ଓୱେସି ମଧ୍ୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ବର୍ତ୍ତମାନ ସେ ୫୫ତମ ସ୍ଥାନରେ ଅଛନ୍ତି। ବିଜେପି ନେତାମାନଙ୍କ ମଧ୍ୟରେ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍ ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ସଫଳତାର ସହ ଏହି ତାଲିକାରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ତଥାପି, ନୀତିଶ କୁମାରଙ୍କ ରାଙ୍କିଂରେ ହ୍ରାସ ଘଟିଛି। ପୂର୍ବରୁ ତାଲିକାରେ ୬୩ତମ ସ୍ଥାନରେ ଥିଲେ, ତାଙ୍କ ରାଙ୍କିଂ ଏବେ ୮୪ତମକୁ ଖସି ଆସିଛି। ବଲିଉଡ୍ ଜଗତରୁ ଦୁଇଟି ନୂତନ ନାମ ମଧ୍ୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଆଦିତ୍ୟ ଧର ଏବଂ ଅରିଜିତ ସିଂହ ଏହି ରାଙ୍କିଂରେ ସ୍ଥାନ ପାଇଛନ୍ତି। ଆଦିତ୍ୟ ଧର ତାଙ୍କର ଚଳଚ୍ଚିତ୍ର ଧୁରନ୍ଧର ପାଇଁ ତାଲିକାରେ ସ୍ଥାନ ପାଇଛନ୍ତି।

## ହଠାତ ଆକାଉଣ୍ଟକୁ ଆସିଲା ୧୦ କୋଟି

### କାବା ହୋଇଗଲେ ମହିଳା ଓ ପରିବାର

### ବ୍ୟାଙ୍କ କହିଲା ଯାନ୍ତ୍ରିକ ତ୍ରୁଟି

ଉତ୍ତରପ୍ରଦେଶ, ୨୯।୩: ଗୋଟେ ନିମ୍ନ ମଧ୍ୟବିତ୍ତ ପରିବାରର ବ୍ୟାଙ୍କ ଆକାଉଣ୍ଟରେ ୫୦ ହଜାର କି ଲକ୍ଷେ ଟଙ୍କା ରହିଲେ କେତେ କଥା। ସେଥିରେ କେତେ କ'ଣ ସ୍ୱପ୍ନ ଦେଖି ହୁଏ, କେତେ କ'ଣ ଛୋଟମୋଟ ଯୋଜନା କରି ହୁଏ। ଯେତିକି ଚାଉଳ ସେତିକି ଚୂନାରେ ଜୀବନ ବଞ୍ଚି ଶିଖିଯାଇଥିବା ମଣିଷଟା ଯଦି ହଠାତ୍ କୋଟି କୋଟି ଟଙ୍କା ପାଇଯାଏ ତେବେ କଣ ହେବ? ଉତ୍ତର ପ୍ରଦେଶ ମୈନପୁରୀ ଜିଲ୍ଲାରେ ଏଭଳି ଘଟଣା ସାମ୍ନାକୁ ଆସିଛି। ଜଣେ ସାଧାରଣ ଚାଷୀ ପରିବାର ବ୍ୟକ୍ତି ଏଟିଏମ ଚେକ କରିବା ପରେ ତାଙ୍କ ମାଆଙ୍କ ଆକାଉଣ୍ଟରେ ପାଖାପାଖି ୧୦ କୋଟି ଟଙ୍କା ଦେଖି କାବା ହୋଇଯାଇଛନ୍ତି।

ଜିଲ୍ଲାର ସୀତା ଦେବୀଙ୍କ ପୁଅ ଅରୁଣ କୁମାର, ରୁଟିନ ଚେକ୍ ପାଇଁ ତାଙ୍କ ମାଆଙ୍କ ଏଟିଏମ୍ କାର୍ଡ ନେଇ ଯେତେବେଳେ ବାଲାନ୍ସ ଚେକ୍ କରିଥିଲେ, ସେତେବେଳେ




ଆକାଉଣ୍ଟରେ ୯,୯୯,୪୯,୫୮୬ ଟଙ୍କା ଦେଖି ସେ କାବା ହୋଇଯାଇଥିଲେ। ପ୍ରଥମେ ସେ ତାଙ୍କ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ। ଏଥିପାଇଁ ସେ ବାରମ୍ବାର ଏଟିଏମ୍ ଚେକ୍ କରିଥିଲେ। ଏଟିଏମ ସ୍କ୍ରିନରେ ବାରମ୍ବାର ସଂଖ୍ୟା ଗଣିଥିଲେ। ଆକାଉଣ୍ଟରେ ୯ କୋଟି ୯୯ ଲକ୍ଷ ୪୯ ହଜାର ୫୮୬ ଟଙ୍କା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏନେଇ ଅରୁଣ କୁମାର କହିଛନ୍ତି 'ମୁଁ ବାଲାନ୍ସ ଚେକ୍ କଲି, ବହୁତ ଅଧିକ ଥିଲା, ପ୍ରାୟ ୯ କୋଟି ଟଙ୍କା। ଆମେ ଜାଣିନାହୁଁ ଏହା କାହାର ଟଙ୍କା'। ସୀତା ଦେବୀଙ୍କର ଏହି ଆକାଉଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଥିଲା। ତାଙ୍କ ଆକାଉଣ୍ଟରେ ଏତେ ଟଙ୍କା ଆସିଥିବା ଜାଣି ସେ ବି କାବା ହୋଇଯାଇଥିଲେ। ସେ ମଧ୍ୟ ପୁଅ ଭଳି ସମାନ କଥା କହିଛନ୍ତି। ସେ କହିଛନ୍ତି ଯେ ଏତେ ଟଙ୍କା କେଉଁଠୁ ଆସିଲା ଆମେ ଜାଣି ନାହୁଁ। ସେ ଯାହା ଟଙ୍କା ହେଇଥାଉ ସେ ନେଇଯାଉ ବୋଲି ସୀତା କହିଛନ୍ତି। ସ୍ୱାମୀ ଫର୍ଜାନ କହିଛନ୍ତି ଯେ ଆମର ଚାଷୀ ପରିବାର। ଏଇ ଟଙ୍କା ଉପରେ ଆମର କୌଣସି ଦାବି ନାହିଁ। ବ୍ୟାଙ୍କ ଖୋଲିଲା ପରେ ଆମେ ଏହାକୁ ଫେରାଇ ଦେବୁ ବୋଲି ଫର୍ଜାନ କହିଛନ୍ତି। ସୁଲତାନ ଗଞ୍ଜ ବ୍ରାଞ୍ଚର ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଧିକାରୀ କହିଛନ୍ତି ଏହା ଯାନ୍ତ୍ରୀକ ତ୍ରୁଟି ଯୋଗୁ ହୋଇଛି।

## କେରଳରେ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନୀ ରାଲି
## କଂଗ୍ରେସ-କମ୍ୟୁନିଷ୍ଟ ଉପରେ ବର୍ଷିଲେ ମୋଦି

ପଲକ୍କଡ଼, ୨୯।୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କେରଳର ପଲକ୍କଡରୁ ବିଧାନସଭା ନିର୍ବାଚନର ଶଙ୍ଖନାଦ କରିଛନ୍ତି। ଏକ ବିଶାଳ ଜନସମାବେଶକୁ ସମ୍ବୋଧିତ କରି ମୋଦି ବାମପନ୍ଥୀ ଓ କଂଗ୍ରେସ ଉପରେ ବର୍ଷିଛନ୍ତି। ଏହା ସହିତ ଆଗକୁ କେରଳରେ କେବଳ ଏନଡିଏ ସରକାର ହେବ ବୋଲି ଦୃଢ଼ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ପଲକ୍କଡର ଫୋର୍ଟ ମୈଦାନରେ ଜନସଭାକୁ ସମ୍ବୋଧିତ କରି କହିଛନ୍ତି ଯେ ଏଥର କେରଳ ପରିବର୍ତ୍ତନର ସଂକେତ ଦେଉଛି। ପଲକ୍କଡରୁ ଜଣାପଡୁଛି କେରଳରେ ଏବେ ମୁମେଣ୍ଟମ ହୋଇସାରିଛି।



ପ୍ରଧାନମନ୍ତ୍ରୀ ଏହି ଅବସରରେ କେରଳରେ ରାଜନୈତିକ ହିଂସାରେ ପ୍ରାଣ ହରାଇଥିବା ପାର୍ଟି କାର୍ଯ୍ୟକର୍ତ୍ତାଙ୍କ ସ୍ମୃତି ଚାରଣ କରି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ କେରଳର ସ୍ୱାର୍ଥ ଦୁଇ ରାଜନୈତିକ ମୁଖା ମଧ୍ୟରେ ଫଶି ରହିଛି। ଏଥିରେ ଗୋଟିଏ ପଟେ ଏଲଡିଏଫ ଥିବା ବେଳେ ଅନ୍ୟପଟେ ୟୁଡିଏଫ ରହିଛି। ଗୋଟିଏ ପଟେ କମ୍ୟୁନିଷ୍ଟ ଥିବା ବେଳେ ଅନ୍ୟପଟେ କଂଗ୍ରେସ ରହିଛି। ଏଲଡିଏଫ ଓ ୟୁଡିଏଫ ନୀତି କେବଳ ଭୋଟବ୍ୟାଙ୍କ ରାଜନୀତି ପାଇଁ କେରଳର ବିକାଶ ନିମନ୍ତେ ନୁହେଁ। ତେବେ ମୁଁ ଆପଣମାନଙ୍କୁ ଭରସା ଦେଉଛି ଏଠାରେ ହେବାକୁ ଥିବା ବିଜେପି-ଏନଡିଏ ସରକାର କେରଳର ଦ୍ରୁତ ବିକାଶ କରିବ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଜିକାଲି କମ୍ୟୁନିଷ୍ଟ ଓ କଂଗ୍ରେସ ଏକ ନୂଆ ପ୍ରୋପାଗଣ୍ଡା ଆରମ୍ଭ କରିଛନ୍ତି କମ୍ୟୁନିଷ୍ଟ କହୁଛନ୍ତି କଂଗ୍ରେସ ବିଜେପିର ବି-ଟିମ୍। ସେହିପରି କଂଗ୍ରେସ କହୁଛି କମ୍ୟୁନିଷ୍ଟ ବିଜେପିର ବି-ଟିମ୍। ଏହାର ଅର୍ଥ ହେଉଛି ଏଥର କେରଳରେ ଏଲଡିଏଫ ଓ ୟୁଡିଏଫ ଏହା ଜାଣି ସାରିଲେଣି ଯେ ଏଥର ନିର୍ବାଚନରେ ଯଦି କୌଣସି ଗୋଟିଏ ଟିମ୍ ଥାଏ ସିଏ ହେଉଛି ବିଜେପି। ପ୍ରଧାନମନ୍ତ୍ରୀ କହିଛନ୍ତି କେରଳ ମୁଣ୍ଡରେ ଏବେ ୫ଲକ୍ଷ କୋଟି ଟଙ୍କାର ଋଣ ବୋଝ। ପିଛିଲା ୧୦ ବର୍ଷରେ ଏହି ଋଣ ୩ ଗୁଣା ବଢ଼ିଛି। ରାଜ୍ୟରେ ଏନଡିଏ ସରକାର ହୁଏ ତେବେ ଦୁର୍ନୀତିଗ୍ରସ୍ତଙ୍କ ଠାରୁ ଏହି ପଇସା ବାହାର କରାଯିବ।

### ଆଇପିଏଲ୍-୧୯: ୬ ୱିକେଟ୍‌ରେ ହାରିଲା କେକେଆର୍

# ହାଇ ସ୍କୋରିଂ ମ୍ୟାଚ୍‌ରେ ମୁମ୍ବାଇ ବିଜୟୀ



ମୁମ୍ବାଇ,୨୯।୩(ସଂଚାର ବ୍ୟୁରୋ): ଚଳିତ ଆଇପିଏଲ୍‌ର ଊନବିଂଶ ସଂସ୍କରଣର ଦ୍ୱିତୀୟ ମ୍ୟାଚ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ବିଜୟୀ ହୋଇଛି। ଦଳ ଘରୋଇ ଗ୍ରାଉଣ୍ଡରେ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷରେ ଅଭିଯାନ ଆରମ୍ଭ କରି ପେସର୍ ଶାର୍ଦ୍ଦୁଲ୍ ଠାକୁରଙ୍କ ଲକ୍ଷ୍ୟଭେଦୀ ବୋଲିଂ ଓ ଓପନର ରୋହିତ ଶର୍ମାଙ୍କ ଜବରଦସ୍ତ ଅର୍ଦ୍ଧଶତକ ବଳରେ ୬ ୱିକେଟ୍‌ରେ ବିଜୟୀ ହୋଇଛି। ଏହି ହାଇସ୍କୋରିଂ ମ୍ୟାଚ୍‌ରେ ବ୍ୟାଟ୍ସମ୍ୟାନ୍‌ମାନେ ପ୍ରଭାବ ବିସ୍ତାର କରିଥିଲେ ହେଁ ଶାର୍ଦ୍ଦୁଲ୍ ୪ ଓଭର୍‌ରେ ୩୯ ରନ୍ ବ୍ୟୟ କରି ୩ଟି ୱିକେଟ୍ ନେଇଥିବାରୁ ତାଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।ପ୍ରଥମେ ବ୍ୟାଟିଂ ପାଇ କେକେଆର୍ ଦୁଇ ଜଣ ବ୍ୟାଟ୍ସମ୍ୟାନ୍‌ଙ୍କ ଅର୍ଦ୍ଧଶତକ ସହାୟତାରେ ୪ଟି ୱିକେଟ୍ ହରାଇ ୨୨୦ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ଆଜିଙ୍କ୍ୟ ରାହାଣେ ମାତ୍ର ୪୦ଟି ବଲ୍‌ର ସମ୍ମୁଖୀନ ହୋଇ ୬୭ ରନ୍ କରିଥିଲେ। ତାଙ୍କର ଏହି ଇନିଂସରେ ୩ଟି ଚୌକା ଓ ୫ଟି ଛକା ରହିଥିଲା। ଏଥିସହ ସେ ଫିନ୍ ଆଲେନ୍ (୩୭ ରନ୍, ୬ ଚୌକା, ୨ ଛକା)ଙ୍କ ସହ ପ୍ରଥମ ୱିକେଟ୍‌ରେ ୬୯ ରନ୍ ଯୋଡ଼ିଥିଲେ। ଏହାଛଡ଼ା ଅଙ୍ଗକ୍ରିଶ୍ ରଘୁବଂଶୀ ବିସ୍ଫୋରକ ବ୍ୟାଟିଂ କରି ୨୯ ବଲ୍‌ରେ ୬ଟି ଚୌକା ଓ ୨ଟି ଛକା ଜରିଆରେ ୫୧ ରନ୍‌ର ଯୋଗଦାନ ଦେଇଥିଲେ। ସେହିପରି ରିଙ୍କୁ ସିଂହ ୪ଟି ଚୌକା ସହାୟତାରେ ୩୩ ରନ୍‌ରେ ଅପରାଜିତ ଥିଲେ। ମୁମ୍ବାଇ ପକ୍ଷରୁ ଶାର୍ଦ୍ଦୁଲ୍‌ଙ୍କ ବ୍ୟତୀତ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ରୋହିତ ଓ ତାଙ୍କ ଯୋଡ଼ିଦାର ର୍‌ୟାନ୍ ରିକେଲଟନ୍ ୭୧ ବଲ୍‌ରେ ୧୪୮ ରନ୍ ଯୋଡ଼ି କୋଲ୍‌କାତା ବୋଲର୍‌ଙ୍କ ନିଦ ହଜାଇ ଦେଇଥିଲେ। ରୋହିତ ୩୮ ବଲ୍‌ରେ ୬ଟି ଲେଖାଏଁ ଚୌକା ଓ ଛକା ସହ ୮୧ ଏବଂ ରିକେଲଟନ୍ ୪୩ ବଲ୍ ଖେଳି ୪ଟି ଚୌକା ଓ ୮ଟି ଛକା ମାଧ୍ୟମରେ ସର୍ବାଧିକ ୮୧ ରନ୍ କରିଥିଲେ। ଦଳ ୧୯.୧ ଓଭର୍‌ରେ ୪ଟି ୱିକେଟ୍ ହରାଇ ୨୨୪ ରନ୍ କରି ବିଜୟ ହାସଲ କରିଥିଲା। କେକେଆର୍ ପକ୍ଷରୁ ବୈଭବ ଅରୋରା, କାର୍ତ୍ତିକ ତ୍ୟାଗୀ ଓ ସୁନୀଲ ନରିନ୍‌ଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ବୈଜ୍ଞାନିକ ପଦ୍ଧତିରେ ବିନ୍ଦୁସାଗର ଜଳ ଉପଚାର




ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସିଟି ସେଣ୍ଟର ଓ ନିକୋ ପାର୍କରେ ଅବ୍ୟବହୃତ ହୋଇ ରହିଥିବା ଡଙ୍ଗାଗୁଡ଼ିକୁ ଏବେ ପୁନଃକାର୍ଯ୍ୟକ୍ଷମ କରାଯାଇଛି। ଏହି ଡଙ୍ଗାଗୁଡ଼ିକୁ ବିନ୍ଦୁସାଗର ହ୍ରଦରୁ ଦଳ ସଫା କରିବା କାର୍ଯ୍ୟରେ ନିୟୋଜିତ କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମସି)। ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି (ଆଇଆଇସିଟି)ର ବିଶେଷଜ୍ଞଙ୍କ ସହାୟତାରେ ଦଳ ସଫା କରିବା ସହ ଜଳ ଉପଚାର ପ୍ରଣାଳୀ ମଧ୍ୟ କାର୍ଯ୍ୟକାରୀ ହେଉଛି। ବର୍ତ୍ତମାନ ସର୍ବୋତ୍ତମ ଦକ୍ଷତା ଓ ଜଳର ଗୁଣବତ୍ତାକୁ ସୁନିଶ୍ଚିତ କରିବା ପାଇଁ ବିଏମସି ପକ୍ଷରୁ କାର୍ଯ୍ୟ ଜାରି ରହିଛି। ସ୍ୱଚ୍ଛ ସର୍ବେକ୍ଷଣ କାର୍ଯ୍ୟକ୍ରମ ଅଧିନରେ ବିଏମସିର ଡ୍ରେନେଜ ଉପବିଭାଗ ତତ୍ତ୍ୱାବଧାନରେ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି ବିନ୍ଦୁସାଗର ଜଳର ବର୍ଷସାରା ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ତଥା ସ୍ୱଚ୍ଛ, ସବୁଜ ଭୁବନେଶ୍ୱର ଗଠନ ଦିଗରେ ଏହାକୁ ସାମିଲ କରିବା ପାଇଁ ପ୍ରୟାସ ଜାରି ରହିଛି।

ଲିଙ୍ଗରାଜ ମନ୍ଦିର ନିକଟରେ ଥିବା ୨୨ ଏକରର ଐତିହ୍ୟ ଜଳାଶୟ ବିନ୍ଦୁସାଗର ହ୍ରଦ ଜୈବିକ ଭାର, ଶୈବାଳ ବୃଦ୍ଧି ଓ ନୃତାତ୍ତ୍ୱିକ କାର୍ଯ୍ୟକଳାପ ହେତୁ ଜଳର ଗୁଣବତ୍ତାରେ ଗୁରୁତର ଅବନତି ଘଟିଥିଲା, ଯାହାକି ବୈଜ୍ଞାନିକ ହସ୍ତକ୍ଷେପ ଲୋଡୁଥିଲା। ବିଏମସି ଏହି ଜଳାଶୟର ମାଲିକାନା ନିଜ ହାତକୁ ନେଇ ମୁମ୍ବାଇର ଆଇଆଇସିଟି ସହାୟତାରେ ପୁନରୁଦ୍ଧାର କାର୍ଯ୍ୟ କରିଛି। ହ୍ରଦର ଜଳକୁ ନିୟମିତ ପରିଷ୍କାର ରଖିବା ପାଇଁ ୪ଟି ପମ୍ପ ସହାୟତାରେ ଜଳ ସଞ୍ଚାଳନକୁ ସୁନିଶ୍ଚିତ କରାଯାଉଛି।

### ପ୍ରଭାତ ବିଶ୍ୱାଳଙ୍କ ପ୍ରତି ଲେଖାଶ୍ରୀଙ୍କ ଅଶାଳୀନ ମନ୍ତବ୍ୟ ପ୍ରସଙ୍ଗ

# କ୍ଷମା ପ୍ରାର୍ଥନା ନ କଲେ ପ୍ରତିବାଦ ଧମକ




କଟକ,୨୯।୩(ସଂଚାର ବ୍ୟୁରୋ): ବିଜେଡି ସଭାପତି ନବୀନ ପଟ୍ଟନାୟକ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ବହିଷ୍କାର କରିଛନ୍ତି। ଏହାପରେ ମଧ୍ୟ ସେ ଦିଲ୍ଲୀରେ ବିଜେଡିର ଟ୍ରଷ୍ଟକୁ ନେଇ ଉଠାଇଥିବା ପ୍ରସଙ୍ଗ ପରିପ୍ରେକ୍ଷୀରେ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଦେଇଥିବା ମନ୍ତବ୍ୟକୁ ନେଇ ରାଜ୍ୟ ସଂସ୍କୃତି ଓ କଳା ପରିଷଦ ପକ୍ଷରୁ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଲେଖାଶ୍ରୀଙ୍କ ବିରୋଧରେ ସବୁ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂକୀର୍ତ୍ତନ ମଣ୍ଡଳୀ ଓ କଳାକାରଙ୍କ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା କରାଯାଇଛି। ଏହି ଅବସରରେ ଆଜି କଟକ ଗ୍ରାମାଞ୍ଚଳ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂସ୍କୃତି ଓ କଳା ପରିଷଦର ଜିଲ୍ଲା ସଭାପତି ଶ୍ୟାମ କୁମାର ନାୟାରଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା କରାଯାଇ ଲେଖାଶ୍ରୀଙ୍କ ନାଟକ ଆଉ ବେଶୀଦିନ ଚାଲିବ ନାହିଁ ବୋଲି କହିବା ସହ ସଂକୀର୍ତ୍ତନ ମଣ୍ଡଳୀଙ୍କ ଟଙ୍କା ଯଦି ପ୍ରଭାତ ବିଶ୍ୱାଳ ଖାଇଛନ୍ତି, ତା'ହେଲେ ଲେଖାଶ୍ରୀ ତା'ର ପ୍ରମାଣଦେବାକୁ ଦାବି କରାଯାଇଛି। ନଚେତ ଲେଖାଶ୍ରୀ ଦେଇଥିବା ମନ୍ତବ୍ୟକୁ ପ୍ରତ୍ୟାହାର କରିବା ସହ ସପ୍ତାହକ ଭିତରେ କ୍ଷମା ପ୍ରାର୍ଥନା କରନ୍ତୁ। ଯଦି ଏପରି ନ କରନ୍ତି, ତା'ହେଲେ ଲେଖାଶ୍ରୀଙ୍କ ଘର ସମ୍ମୁଖରେ ସବୁ ଜିଲ୍ଲାର ସଂକୀର୍ତ୍ତନ ମଣ୍ଡଳୀ ଓ କଳାକାର ସଂଘ ପକ୍ଷରୁ ପ୍ରତିବାଦ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ପେଟାନାଳ ନବୀକରଣ ପାଇଁ ୯୮.୨୪ କୋଟି ମଞ୍ଜୁର



କଟକ,୨୯।୩(ସଂଚାର ବ୍ୟୁରୋ): କଟକ ସହରର ପୁରାତନ ନାଳ ଭାବେ କୁହାଯାଉଥିବା ସିଡିଏ ଅଞ୍ଚଳର ପେଟାନାଳର ନବୀକରଣ ପାଇଁ ରାଜ୍ୟ ସରକାର ୯୮ କୋଟି ୨୪ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର କରିଛନ୍ତି। ଜଳସମ୍ପଦ ବିଭାଗ ଅଧିନରେ ରହିଥିବା ଡ୍ରେନେଜ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆସନ୍ତା ମାସରୁ କାମ ଆରମ୍ଭ ହେବ ବୋଲି ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ବିଭାଗୀୟ ମୁଖ୍ୟଯନ୍ତ୍ରୀ ଇଂ. ଅଭିନାଶ ରାଉଳ କହିଛନ୍ତି ଯେ ରାଜ୍ୟ ସରକାର ଫେଜ୍-୧ରେ ୨୯ କୋଟି ୩୬ ଲକ୍ଷ, ଫେଜ୍-୨ରେ ୩୬ କୋଟି ୮୦ ଲକ୍ଷ ଓ ଫେଜ୍-୩ରେ ୧୯ କୋଟି ୩୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥ ସିଭିଲ ୱାର୍କ ଓ ନାଳ ସୁରକ୍ଷା କାର୍ଯ୍ୟରେ ବିନିଯୋଗ କରାଯିବ। ସେହିଭଳି ନାଳର ଲାଇନିଂ ପାଇଁ ମଧ୍ୟ ୧୨ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ଅର୍ଥ ବିନିଯୋଗରେ ନାଳରେ ୫ଟି ପୋଲ, ବୋରୱେଲ ସହ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ। ବିଭାଗୀୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ କାମଦେବ ଦାସ, ଅଧୀକ୍ଷଣ ଯନ୍ତ୍ରୀ ମଳୟ କୁମାର ଧରୁଆ ନାଳ ପରିଦର୍ଶନ କରି ଅବଶିଷ୍ଟ କାର୍ଯ୍ୟ ନେଇ ମୁଖ୍ୟଯନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି।

# ଶୁଟିଂ ବେଳେ ବଙ୍ଗଳା ଅଭିନେତାଙ୍କ ମୃତ୍ୟୁ



ଭୋଗରାଇ,୨୯।୩(ସଂଚାର ବ୍ୟୁରୋ): ବାଲେଶ୍ୱରର ତାଳସାରୀରେ ଶୁଟିଂ ସମୟରେ ଘଟିଛି ଅଭାବନୀୟ ଘଟଣା। ପାଣିରେ ବୁଡ଼ି ଯାଇ ବଙ୍ଗଳା ଅଭିନେତା ରାହୁଲ ଅରୁଣୋଦୟ ବାନାର୍ଜୀଙ୍କର ମୃତ୍ୟୁ ହୋଇଛି। ରାହୁଲ ତାଳସାରୀରେ 'ଭୋଲେ ବାବା ପାର୍ କରେଗା' ଧାରାବାହିକର ଶୁଟିଂ ପାଇଁ ଯାଇଥିଲେ। ତେବେ ଶୁଟିଂ ସମୟରେ ହିରୋ-ହିରୋଇନଙ୍କ ଗୋଡ଼ ଖସିଯିବାରୁ ଉଭୟେ ପାଣିରେ ପଡ଼ି ଯାଇଥିଲେ। ସଙ୍ଗେ ସଙ୍ଗେ ରାହୁଲଙ୍କୁ ପାଣିରୁ ଉଦ୍ଧାର କରି ଦୀଘା ହସ୍ପିଟାଲ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଯୋଗ୍ୟତା ଆଧାରରେ ୱାର୍କଚାର୍ଜଡ଼୍‌ଙ୍କୁ ପେନ୍‌ସନ୍ ଦାବି

ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ଡିଏଲ୍‌ଆର କର୍ମଚାରୀଙ୍କୁ ସ୍ଥାୟୀ କରାଯିବା ନିମନ୍ତେ ସରକାର ଘୋଷଣା କରିଥିବା ନୀତି ପ୍ରଣୟନ ଆଧାରରେ ପେନ୍‌ସନ୍ ଓ ଅନ୍ୟାନ୍ୟ ସୁବିଧା ଦେବାକୁ 'ଓଡ଼ିଶା ପୂର୍ତ୍ତ ଅବସରପ୍ରାପ୍ତ ୱାର୍କଚାର୍ଜଡ଼୍/ରେଗୁଲାର କର୍ମଚାରୀ ସଂଘ' ପକ୍ଷରୁ ଦାବି କରାଯାଇଛି। ସଭାପତି ଅରୁଣ କେଶରୀ ପରିଡ଼ା ଓ ସାଧାରଣ ସମ୍ପାଦକ ଗଗନ ଭଞ୍ଜ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି ଯେ ୧୯୭୯ରେ ୱାର୍କଚାର୍ଜଡ଼୍ ଓ ୧୯୮୧ରେ ଏନ୍ଏମ୍ଆର ରହିତାଦେଶ ପରେ ପୂର୍ତ୍ତ ବିଭାଗ ସୁପ୍ରିମକୋର୍ଟଙ୍କ ଆଦେଶ ଅନୁସାରେ ସେମାନଙ୍କୁ ୧୯୯୨ରେ ଏକକାଳୀନ ସ୍ଥାୟୀ ନିଯକ୍ତି ଦେଲେ। ସେହିପରି ୧୯୮୧ରୁ ୧୨।୪।୧୯୯୩ ମଧ୍ୟରେ ଡିଏଲ୍‌ଆର ଭାବେ କାମ କରୁଥିବା କର୍ମଚାରୀମାନଙ୍କୁ ସ୍ଥାୟୀ କରିବା ସକାଶେ ସରକାର ୧୫।୫।୧୯୯୭ରେ ନୀତି ପ୍ରଣୟନ କଲେ। ତେବେ ସରକାର ୧୫।୫।୧୯୯୭ରେ ଏକ ସଂକଳ୍ପପତ୍ର ପ୍ରକାଶ କଲେ ଓ ନୀତି ପ୍ରଣୟନ ଘୋଷଣା ଦିନଠାରୁ ତିନି ବର୍ଷ ମଧ୍ୟରେ ଖାଲି ଥିବା ଗ୍ରୁପ୍-ସି/ଡି ପଦପଦବୀ ଭିତ୍ତିରେ ନିଯୁକ୍ତି ଦିଆଯିବ ବୋଲି କୋର୍ଟଙ୍କୁ ଜଣାଇଲେ। ସେହିପରି ଇତିମଧ୍ୟରେ ୱାର୍କଚାର୍ଜଡ଼୍ ଓ ୱାର୍କଚାର୍ଜଡ଼୍‌ରୁ ନିୟମିତ ନିଯୁକ୍ତି ପାଇ ଅବସର ନେଇଥିବା କର୍ମଚାରୀଙ୍କୁ ୧୯୯୨ ପେନ୍‌ସନ୍ ନିୟମାବଳୀ ଅନୁସାରେ ପେନ୍‌ସନ୍ ଦେବାକୁ ହାଇକୋର୍ଟ ଓ ସୁପ୍ରିମକୋର୍ଟ ସରକାରଙ୍କ ଅପିଲ୍‌କୁ ରଦ୍ଦ କରି ସେମାନେ ପେନ୍‌ସନ୍ ପାଇବା ପାଇଁ ଯୋଗ୍ୟ ବୋଲି କହିଥିଲେ। ତେଣୁ ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବା ସକାଶେ ସଂଘ ନିବେଦନ କରିଛି।

## ଭାରତୀୟ ବଧିର କ୍ରିକେଟ୍ ଟିମରେ ସନ୍ତୋଷ



କଟକ,୨୯।୩(ସଂଚାର ବ୍ୟୁରୋ): ଦକ୍ଷିଣ ଆଫ୍ରିକା ଗସ୍ତ ଲାଗି ଭାରତୀୟ ବଧିର କ୍ରିକେଟ୍ ଦଳ ଆଜି ଘୋଷଣା କରାଯାଇଛି। ଏହି ୧୪ ଜଣିଆ ଦଳରେ ଓଡ଼ିଶାର ସନ୍ତୋଷ କୁମାର ମହାପାତ୍ର ସ୍ଥାନ ପାଇଛନ୍ତି। ଭାରତ ଏହି ଗସ୍ତରେ ଘରୋଇ ଦଳ ବିପକ୍ଷରେ ୩ଟି ଟି-୨୦ ଓ ୨ଟି ଦିନିକିଆ ଖେଳିବ। ଏହି ଅନ୍ତର୍ଜାତୀୟ ମ୍ୟାଚ୍‌ଗୁଡ଼ିକ ଏପ୍ରିଲ ୨୬ରୁ ମେ' ୨ ତାରିଖ ମଧ୍ୟରେ ଖେଳାଯିବ। ଦିନିକିଆ ମ୍ୟାଚ୍ ଏପ୍ରିଲ ୨୬ ଓ ୨୮ରେ ଖେଳାଯିବାକୁ ଥିଲା ବେଳେ ଏପ୍ରିଲ୍ ୩୦, ମେ' ୧ ଓ ୨ ତାରିଖରେ ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳାଯିବ। ଏହି ଗସ୍ତ ପୂର୍ବରୁ ଏପ୍ରିଲ ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀଠାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଅନୁଗୁଳ ଜିଲ୍ଲା ତାଳଚେରର ସନ୍ତୋଷ ଜଣେ ଭଲ ଅଲ୍‌ରାଉଣ୍ଡର ହୋଇଥିବା ବେଳେ ତାଙ୍କ ପାଖରେ ଚମତ୍କାର ବ୍ୟାଟିଂ ଓ ବୋଲିଂ କରିବା ସହ ଉତ୍ତମ ଫିଲ୍ଡିଂର ଦକ୍ଷତା ରହିଛି। ସେ ୨୦୦୬ରୁ ତାଳଚେରସ୍ଥିତ ୟୁଥ୍ ସ୍ପୋର୍ଟ୍ସ କ୍ଲବ୍ ଓ ୨୦୦୮ରୁ ଅନୁଗୁଳ ଡିଷ୍ଟ୍ରିକ୍ଟ କ୍ରିକେଟ୍ ସହ ଅନୁବନ୍ଧିତ ଅଛନ୍ତି। ଗତ ମାସରେ ବାରବାଟୀ ଷ୍ଟାଡିୟମ୍‌ରେ ଆୟୋଜିତ ଏସିଆ କପ୍ ବଧିର କ୍ରିକେଟ୍ ପ୍ରତିଯୋଗିତାରେ ସନ୍ତୋଷ ଚମତ୍କାର ପ୍ରଦର୍ଶନ କରିଥିଲେ। ତାଙ୍କର ଏହି ସଫଳତା ଲାଗି ଜାତୀୟ ଦଳରେ ନିଜ ସ୍ଥାନ ସୁରକ୍ଷିତ ରଖିପାରିଛନ୍ତି। ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ସନ୍ତୋଷଙ୍କୁ ଓଡ଼ିଶା ବଧିର କ୍ରିକେଟ୍ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

# ଆଇଆଇଟି ପରାମର୍ଶ, ଦୁର୍ଘଟଣା କମୁନି



ଭୁବନେଶ୍ୱର,୨୯।୩: ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ରାଜ୍ୟ ସରକାର ଆଇଆଇଟି ମାଡ୍ରାସ ସହିତ ରାଜିନାମା କରିଥିବାବେଳେ ସେଥିରୁ ସେଭଳି ସୁଫଳ ମିଳିପାରିନାହିଁ। ରାଜିନାମା ସ୍ୱାକ୍ଷର ପରେ ସଡ଼କ ଦୁର୍ଘଟଣା ଓ ତଜ୍ଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି।

ନିକଟରେ ପରିବହନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ରାଜ୍ୟ ବିଧାନସଭାରେ ଦିଆଯାଇଥିବା ସୂଚନାରୁ ଜଣାଯାଇଛି ଯେ ସଡକ ଦୁର୍ଘଟଣା ବିଷୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ସହଯୋଗ ପାଇଁ ୨୦୨୪ ଡିସେମ୍ବରରେ ଆଇଆଇଟି ମାଡ୍ରାସ ସହିତ ଓଡିଶା ସରକାର ରାଜିନାମା ସ୍ୱାକ୍ଷର କରିଥିଲେ। ଏହି ରାଜିନାମା ଅନୁଯାୟୀ ଉକ୍ତ ସଂସ୍ଥାକୁ ବିଭିନ୍ନ ପର୍ଯ୍ୟାୟରେ ଅର୍ଥ ଦିଆଯାଇଥାଏ। ବର୍ତ୍ତମାନ ସୁଦ୍ଧା ଏହି ସଂସ୍ଥାକୁ ଓଡ଼ିଶା ସରକାର ୪ କୋଟି ୫୨ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ପ୍ରଦାନ କରିସାରିଲେଣି।

ତେବେ ସଡ଼କ ଦୁର୍ଘଟଣା ସଂକ୍ରାନ୍ତରେ ମିଳିଥିବା ସୂଚନାନୁଯାୟୀ, ଆଇଆଇଟି ମାଡ୍ରାସ ସହ ଚୁକ୍ତିନାମା ସ୍ୱାକ୍ଷରିତ ସମୟରେ ଅର୍ଥାତ୍ ୨୦୨୪ରେ ରାଜ୍ୟରେ ଦୈନିକ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହାରାହାରି ୧୭ ରହିଥିବା ବେଳେ ୨୦୨୫ରେ ତାହା ୧୮କୁ ବୃଦ୍ଧି ପାଇଛି। ସେହିଭଳି ଆହତମାନଙ୍କ ସଂଖ୍ୟାରେ ବି ବୃଦ୍ଧି ପରିଲକ୍ଷିତ ହୋଇଛି।

ଏହି ସୂଚନା ଅନୁଯାୟୀ, ୨୦୨୪ ବର୍ଷରେ ରାଜ୍ୟରେ ୧୨,୩୭୫ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୨୦୨୫ରେ ତାହା ୧୨,୭୮୨କୁ ବୃଦ୍ଧି ପାଇଛି। ସେହିଭଳି ସଡ଼କ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ସଂଖ୍ୟା ୨୦୨୪ରେ ୬୧୪୨ ଥିବା ବେଳେ ୨୦୨୫ରେ ତାହା ୬୪୮୩କୁ ବୃଦ୍ଧି ପାଇଛି। ଏହାଛଡ଼ା ଆହତ ବ୍ୟକ୍ତିଙ୍କ ସଂଖ୍ୟା ଏହି ସମୟ ମଧ୍ୟରେ ୧୦,୭୭୦ ରୁ ୧୦,୮୦୬କୁ ବଢ଼ିଥିବା ବେଳେ ଦୈନିକ ହାରାହାରି ମୃତ୍ୟୁ ସଂଖ୍ୟା ୧୭ରୁ ୧୮କୁ ବୃଦ୍ଧି ପାଇଛି। ତେବେ ଦୈନିକ ହାରାହାରି ଆହତଙ୍କ ସଂଖ୍ୟା ୩୦ରେ ଅପରିବର୍ତ୍ତିତ ରହିଛି। ଏକ ଖ୍ୟାତିସମ୍ପନ୍ନ ସଂସ୍ଥା ସହ ରାଜିନାମା କରିବା ଓ ଉକ୍ତ ସଂସ୍ଥାକୁ କୋଟି କୋଟି ଟଙ୍କା ରାଜକୋଷରୁ ଦେବା ପରେ କି ସୁଫଳ ମିଳିଛି, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏହି ସଂସ୍ଥା ଓଡ଼ିଶା ସରକାରଙ୍କୁ କି ପ୍ରକାର ସହଯୋଗ କଲା ଓ ପରାମର୍ଶ ଦେଲା ଏବଂ ଓଡ଼ିଶା ସରକାର ତାହାକୁ କିଭଳି କାର୍ଯ୍ୟରେ ଲଗାଇଲେ, ତାହା ଏବେ ଆଲୋଚନାରେ ବିଷୟବସ୍ତୁ ପାଲଟିଛି। ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ଆଇଆଇଟି ମାଡ୍ରାସ ସହ ରାଜିନାମା କରିବା ପରେ ଉକ୍ତ ସଂସ୍ଥା ଓଡ଼ିଶାରେ ତା'ର ଏକ ଦପ୍ତର ଖୋଲିଥିବା ବେଳେ ଏଥିରେ କିଛି ଅବସରପ୍ରାପ୍ତ ଅଧିକାରୀ ଓ ଆଉ କିଛି ଯୁବକଙ୍କୁ ନିଯୁକ୍ତ ଦେଇଥିଲା।ଆଇଆଇଟି ମାଡ୍ରାସର ବିଶେଷଜ୍ଞମାନେ ଓଡ଼ିଶା ଗସ୍ତରେ ଆସୁଥିବା ବେଳେ ସେମାନଙ୍କର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଥିଲେ। ଇତିମଧ୍ୟରେ ଆଇଆଇଟି ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନେକଗୁଡ଼ିଏ ପରାମର୍ଶ ଦିଆଯାଇଥିଲେ ମଧ୍ୟ ତା' ରାଜ୍ୟରେ ସଡ଼କ ଦୁର୍ଘଟଣାକୁ ରୋକିବାରେ ସହାୟକ ହୋଇ ନ ଥିବା ଖୋଦ ପରିବହନ ବିଭାଗ ସୂଚନାରୁ ଜାଣିବାକୁ ମିଳିଛି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଚଳିତ...

ଏବେ ଓଡ଼ିଶାର ନୂଆପଡ଼ା, କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାରେ ଯଥେଷ୍ଟ କମ୍‌ସଂଖ୍ୟକ ମାଓବାଦୀ ସକ୍ରିୟ ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୁଲିସ୍ ପକ୍ଷରୁ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି। ତେବେ ସେମାନେ ତୁରନ୍ତ ପୁଲିସ୍ ନିକଟରେ ଆତ୍ମସମର୍ପଣ କରି ସାମାଜିକ ସ୍ରୋତରେ ସାମିଲ୍ ହେବାକୁ ଡିଜିପି ଶ୍ରୀ ଖୁରାନିଆ ଆହ୍ୱାନ ଦେଇଛନ୍ତି।

## ସୁଜାତା...

ପରିଶ୍ରମ କରି ନିଜେ ସ୍ୱାବଲମ୍ବୀ ହୋଇ ପରିବାରର ଆର୍ଥିକ ସ୍ଥିତିକୁ ସଶକ୍ତ କରିବା ସହ ସୁଜାତା ଅନ୍ୟମାନଙ୍କ ପାଇଁ ରୋଜଗାର ମଧ୍ୟ ସୃଷ୍ଟି କରିପାରିଛନ୍ତି। ଫଳରେ ମାତ୍ର ଦୁଇରୁ ତିନି ବର୍ଷ ମଧ୍ୟରେ ସେ ସଫଳତାର ଶୀର୍ଷକୁ ଛୁଇଁପାରିଛନ୍ତି। ତାଙ୍କ ସଫଳତା ଆଜିର ଦିନରେ ସମାଜର ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣାଦାୟକ ଓ ଆଶାର କିରଣ ବୋଲି ମୋଦି କହିଛନ୍ତି।

ସେହିପରି କେନ୍ଦ୍ରାପଡ଼ାର ପ୍ରତିଭାବାନ ଯୁବକ ଓମ୍ ପ୍ରକାଶଙ୍କୁ ପ୍ରଶଂସା କରିବାକୁ ଯାଇ ମୋଦି କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ 'ମାଇଁ ଭାରତ ବଜେଟ୍ କ୍ୱେଷ୍ଟ-୨୦୨୬' ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରାୟ ୧୨ ଲକ୍ଷ ଯୁବକଯୁବତୀଙ୍କ ମଧ୍ୟରୁ 'ୱିମେନ୍ ଲେଡ୍ ଡେଭଲପମେଣ୍ଟ' ବା ମହିଳାଙ୍କ ନେତୃତ୍ୱରେ ବିକାଶ ସମ୍ପର୍କିତ ପ୍ରବନ୍ଧରେ ଓମ୍ ପ୍ରକାଶଙ୍କ ଚିନ୍ତାଧାରା ଓ ବିଶ୍ଳେଷଣ ବେଶ୍ ପ୍ରଭାବଶୀଳ। ୧୨ ଲକ୍ଷ ପ୍ରତିଯୋଗୀଙ୍କ ମଧ୍ୟରୁ ଓମ୍ ପ୍ରକାଶ ୧.୬ ଲକ୍ଷ ପ୍ରତିଯୋଗୀଙ୍କ ସୂଚୀରେ ବି ସାମିଲ୍ ହୋଇଥିଲେ। ତାଙ୍କ ପ୍ରବନ୍ଧନରେ ଓମ୍ ପ୍ରକାଶ ଯେପରି ଭାବେ ଅନ୍ତର୍ଭୁକ୍ତିକରଣ ପ୍ରଗତିରେ ମହିଳାଙ୍କ ଭାଗୀଦାରୀ ନେଇ ସଶକ୍ତ ଚିନ୍ତାଧାରା ପ୍ରତିଫଳିତ କରିଛନ୍ତି, ତା' ଅନନ୍ୟ। ଓମ୍ ପ୍ରକାଶଙ୍କ ପରି ଯେଉଁମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ, ସେମାନଙ୍କ ଚିନ୍ତାଧାରା ଓ ବିଶ୍ଳେଷଣ ଦେଶ ବିକାଶରେ ସହଯୋଗ କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଆଶା ବ୍ୟକ୍ତ କରିଛନ୍ତି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓମ୍ ପ୍ରକାଶଙ୍କ ଉଲ୍ଲେଖନୀୟ ସଫଳତାକୁ ପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ଓମ୍ ପ୍ରକାଶଙ୍କ ପ୍ରବନ୍ଧ ପ୍ରଶଂସିତ ହେବା ଆମ ରାଜ୍ୟର ଯୁବ ପ୍ରତିଭାଙ୍କ ବୌଦ୍ଧିକ ଦକ୍ଷତାର ପରିଚୟ ଦେଉଛି ଶ୍ରୀ ମାଝୀ କହିବା ସହ ଏପରି ସଫଳତା ପାଇଁ ତାଙ୍କୁ ଆନ୍ତରିକତା ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ଓମ୍ ପ୍ରକାଶ କେନ୍ଦ୍ରାପଡ଼ାର ଚାନ୍ଦୋଳସ୍ଥିତ ହୃଦାନନ୍ଦ ସ୍ମାରକୀ ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ର।

## ନବୀନଙ୍କ...

ବୋଲି ବିଜେଡି ବିଧାୟକ ମଧ୍ୟ କହିଛନ୍ତି। ଏଥିସହ ବିଧାୟକ ଫାଙ୍କାରେ ଗୁଳି ଚାଳନା କରିଥିଲେ ବି ତାଙ୍କ ପିଏସଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କ'ଣ ପାଇଁ ବୋଲି ବିଜେଡି ପକ୍ଷରୁ ପ୍ରଶ୍ନ କରାଯାଇଛି। ଏହାର ଜବାବ ଦେବାକୁ ଯାଇ ଯିଏ ବି ହୁଅନ୍ତୁ ନା କାହିଁକି, କେହି ବି ଆଇନର ଉର୍ଦ୍ଧ୍ୱରେ ନୁହଁନ୍ତି। ଭୁଲ କଲେ ନିଶ୍ଚିତ ଦଣ୍ଡ ମିଳିବ ବୋଲି ଶାସକ ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ରାମ ନବମୀରେ ଟିଟିଲାଗଡ଼ ସହରର ରାଧାକୃଷ୍ଣ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାକାରୀ ନଗର ପରିଭ୍ରମଣ କରୁଥିଲେ। ରାମ ନାମରେ ସମଗ୍ର ସହର ପ୍ରକମ୍ପିତ ହେଉଥିଲା। ଶତାଧିକ ପୁରୁଷ ଓ ମହିଳା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶାସ୍ତ୍ରୀ ଛକରେ ଶୋଭାଯାତ୍ରା ପହଞ୍ଚିବା ପରେ ଟିଟିଲାଗଡ଼ ବିଧାୟକ ଶ୍ରୀ ଜୈନ ସାମିଲ ହୋଇଥିଲେ। ଅଚାନକ ସେ ତାଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କୁ ପାଖକୁ ଡାକି ହାତରେ କଳା ରଙ୍ଗର ଏକ ପିସ୍ତଲ ଧରି ଉପରକୁ ଉଠାଇ ଗୋଟିଏ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲେ।

## ଟିଏମସିର...

ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ନନ୍ଦିଗ୍ରାମରେ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଥିବା ଅଦମ୍ୟ ଉତ୍ସାହ, ଅନୁଶାସନ ଓ ସମର୍ପଣ ଭାବକୁ ପ୍ରଶଂସା କରି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ଏଠାକାର ଜନତାଙ୍କ ଅକୁଣ୍ଠ ସମର୍ଥନ ପୁଣି ଥରେ ପଦ୍ମ ଫୁଟାଇବା ପାଇଁ ସ୍ପଷ୍ଟ ସଙ୍କେତ ଦେଉଛି। ପଶ୍ଚିମବଙ୍ଗରେ ପରିବର୍ତ୍ତନ ହେବ ଓ ଏକ ନୂତନ ବିକଶିତ ବଙ୍ଗଳା ନିର୍ମାଣ ହେବାର ସମୟ ଉପନୀତ ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ବିଧାୟିକାଙ୍କ...

ପୁଲିସର ଏକ ଟିମ ମନୋରମାଙ୍କ ସରକାରୀ ବାସଭବନରେ ଚଢ଼ାଉ କରିଥିଲେ ହେଁ ବିଧାୟିକା କିମ୍ବା ତାଙ୍କ ସ୍ୱାମୀଙ୍କୁ ପାଇନଥିଲେ। ଏହି ଘଟଣାକୁ ନେଇ ବିଜେଡି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେଡି ଯୁବ ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାପତି ଇପ୍ସିତା ସାହୁ, ମନ୍ମଥ ରାଉତରାୟଙ୍କ ସମେତ ଅନ୍ୟ ବିଜେଡି ନେତା ଉପସ୍ଥିତ ରହି ଏ ଘଟଣାକୁ ବିରୋଧ କରିଛନ୍ତି। କାହିଁକି କେସିଙ୍ଗା ପୁଲିସ ବିନା ୱାରେଣ୍ଟରେ ବିଧାୟିକାଙ୍କ ଘରେ ଚଢ଼ାଉ କଲା, ତାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ନର୍ଲା ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ସ୍ୱାମୀ ଦୁର୍ଗାପ୍ରସାଦ ମହାନ୍ତି ଓରଫ ମୁନ୍ନାଙ୍କ ନାଁରେ ସାଂଘାତିକ ଅଭିଯୋଗ। ଗତ ମାସ ୧୫ ତାରିଖରେ ନର୍ଲା ତହସିଲଦାରଙ୍କୁ ଫୋନରେ ହତ୍ୟା ଧମକ ଦେବା ସହ ଅସହ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ତହସିଲଦାର ନର୍ଲା ଥାନାରେ ଅଭିଯୋଗ କରିଥିଲେ। ଏସଡିପିଓ ସନ୍ଦୀପ କୁମାର ତଦନ୍ତ ଅଧିକାରୀ ଭାବେ ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୋଗ ପରେ ସ୍ୱାମୀ ଦୁର୍ଗାପ୍ରସାଦଙ୍କୁ ଖୋଜୁଛି ପୁଲିସ। ହେଲେ ପୁଲିସ୍ ଧରାଦେଉନାହାନ୍ତି ମୁନ୍ନା।

ତେବେ ଗୁଣ୍ଡାଗିରି ମୁନ୍ନାଙ୍କ ପୁରୁଣା ରୋଗ। ୧୨ ବର୍ଷରୁ ଅଧିକ ସମୟ ନର୍ଲା ଅଞ୍ଚଳରେ ଗୁଣ୍ଡାରାଜ ଚଲାଇଆସୁଛନ୍ତି ସେ। ଗତ କେସିଙ୍ଗା ଅଧ୍ୟକ୍ଷ ନିର୍ବାଚନ ସମୟରେ ଜଣଙ୍କୁ ଅସଭ୍ୟ ଭାଷାରେ ଗାଳି କରିବା ସହ ହତ୍ୟା ଧମକ ଅଡିଓ ବି ଭାଇରାଲ ହୋଇଥିଲା। କିଛି ମାସ ତଳେ ଛତିଗୁଡ଼ା ଛକଠାରେ ବିଜେଡ଼ିର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା ଓ ଦୁଇ ଗୋଷ୍ଠୀ ନର୍ଲା ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଥିରେ ମଧ୍ୟ ମୁନ୍ନାଙ୍କ ସମ୍ପୃକ୍ତିର ଅଭିଯୋଗ ଆସିଥିଲା। ସେତିକି ନୁହେଁ, ସରକାରୀ ଜମିରେ ବିରାଟ ଅଟ୍ଟାଳିକା ତିଆରି କରିଥିବା ଅଭିଯୋଗ ବି କରିଛନ୍ତି ସ୍ଥାନୀୟ ଲୋକେ।

ବିନା ନୋଟିସରେ ବିଧାୟିକାଙ୍କ ଘରକୁ ପୁଲିସ ପଶିବା କୁ ମୁଁ ନିନ୍ଦା କରୁଛି। ଏନେଇ ଭୁବନେଶ୍ୱରର ସ୍ଥାନୀୟ ପୁଲିସକୁ ମଧ୍ୟ ଖବର ଦିଆଯାଇନାହିଁ। ମନୋରମା ମହାନ୍ତି ରାଜ୍ୟସଭା ନିର୍ବାଚନରେ ବିଜେପିକୁ ଭୋଟ ନ ଦେବାରୁ ସରକାର ଏପରି କରୁଛନ୍ତି। ଏହାଦ୍ୱାରା ଜନପ୍ରତିନିଧିଙ୍କ ମାନହାନି ହେଉଛି ବୋଲି ଅଭିଯୋଗ କରିଛନ୍ତି ବିଜେଡି ବିଧାୟକ ପ୍ରଦୀପ ଦିଶାରୀ। ଶ୍ରୀ ଦିଶାରୀଙ୍କୁ ଜବାବ ଦେଇଛନ୍ତି ବିଜେପି ମୁଖପାତ୍ର ଅନୀଲ ବିଶ୍ୱାଳ। ବିଜେଡିର କ'ଣ ଆଇନ ଉପରେ ଭରସା ନାହିଁ ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି।

## ହୋହଲ୍ଲାରେ...

ବିଧାୟକ ନବୀନ ଜୈନଙ୍କ ରାମ ନବମୀ ଶୋଭାଯାତ୍ରାରେ ବନ୍ଧୁକ ଫୁଟାଇବାକୁ ନେଇ ବିଜେଡି ତାଙ୍କ ଗିରଫଦାରୀ ଦାବି କରିବାରେ ଲାଗିଛି। ସେହିଭଳି ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କୁ ସ୍ୱାମୀଙ୍କୁ ଖୋଜିବାକୁ ଯାଇ କେସିଙ୍ଗା ପୁଲିସ୍ ରାଜଧାନୀରେ ତାଙ୍କ ଘରେ ପଶିବାକୁ ମଧ୍ୟ ବିଜେଡି ପ୍ରସଙ୍ଗ କରିଛି। ଏଥିସହିତ କେନ୍ଦ୍ରୀୟ ବିଜେପି ନେତା ନିଶିକାନ୍ତ ଦୁବେ ବିଜୁବାବୁଙ୍କ ପ୍ରତି କେତେକ କଟୁ ମନ୍ତବ୍ୟ ଦେବାକୁ ନେଇ ବିଜେଡି ଖଡ୍ଗହସ୍ତ ହେବା ସହ ତା'ର ପ୍ରତିବାଦକୁ ଜୋରଦାର୍ କରିଛି।

ଆସନ୍ତାକାଲି ବିଜେଡି ନିଶ୍ଚିତ ଭାବେଏହିସବୁ ପ୍ରସଙ୍ଗ ଗୃହରେ ଉଠାଇବା ଏକପ୍ରକାର ନିଶ୍ଚିତ ହୋଇଥିବାରୁ ବଜେଟ୍ ଆଲୋଚନା କେତେଦୂର ହେବ, ତାହାକୁ ନେଇ ସମସ୍ତେ ସନ୍ଦେହରେ ରହିଛନ୍ତି। ବଜେଟ୍ ଅଧିବେଶନରେ ସାଧାରଣତଃ ଯେଉଁସବୁ ବିଭାଗର ଖର୍ଚ୍ଚଦାବି ଆଲୋଚନା ପରିସରକୁ ନ ଆସି ଗିଲୋଟିନରେ ପାରିତ ହୋଇଥାଏ, ବିରୋଧୀ ଦଳର ସଦସ୍ୟମାନେ ଶେଷଦିନରେ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନାରେ ଅଂଶଗ୍ରହଣ କରି ସେହିସବୁ ବିଭାଗ ସହ ସରକାରଙ୍କର ବିଭିନ୍ନ ଦୋଷଦୁର୍ବଳତା ଉପରେ କହିବାର ସୁଯୋଗ ପାଇଥାନ୍ତି। ଶାସକ ଦଳ ମଧ୍ୟ ଖର୍ଚ୍ଚଦାବି ଆଲୋଚନା ସମୟରେ ନିଜ ସଫଳତା ବଖାଣିବା ସହ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଥାନ୍ତି।

ବର୍ତ୍ତମାନ ରାଜ୍ୟ ରାଜନୀତିରେ ବିରୋଧୀ ଦଳ ଯେଭଳି ଭାବେ ବିଭିନ୍ନ ପ୍ରସଙ୍ଗରେ ବିଧାନସଭାରେ ହଟ୍ଟଗୋଳ ଜାରି ରଖିଛି, ସେଥିରୁ ଚଳିତ ବଜେଟ୍ ଅଧିବେଶନରେ ବିରୋଧୀଙ୍କ ବିନା ବଜେଟ୍ ପାରିତ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ତେବେ ରାଜ୍ୟସଭା ନିର୍ବାଚନ ପରେ କ୍ରସ ଭୋଟିଂ କରି ବିଜେଡି ଓ କଂଗ୍ରେସରୁ ବିଦା ହୋଇଥିବା କିଛି ବିଧାୟକ ଆଲୋଚନାରେ ଭାଗ ନେଉଥିବା ବେଳେ ବିରୋଧୀଙ୍କ ହଟ୍ଟଗୋଳ ଭିତରେ ସେମାନେ କହିବାର କେତେ ସୁଯୋଗ ପାଇବେ, ତା' ଉପରେ ସମସ୍ତଙ୍କ ନଜର।

## ପ୍ରତିବାଦ...

ଓ ଭିତ୍ତିହୀନ ବୟାନ ଦେଇଥିଲେ। ବିଜୁବାବୁ ଜଣେ ଅନ୍ତର୍ଜାତୀୟ ପ୍ରତିଷ୍ଠାସମ୍ପନ୍ନ ବ୍ୟକ୍ତି ଥିଲେ। ସେ ଜଣେ କିମ୍ବଦନ୍ତୀ ପୁରୁଷ ଓ ଜଣେ ରାଜନେତା ଭାବେ ବେଶ୍ ସଫଳ ରହିଥିଲେ। ସେ ଭାରତ ପାଇଁ ବିଶ୍ୱ କୂଟନୀତି ସୁନିଶ୍ଚିତ କରିବାରେ ବି ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ବ୍ୟାପକ ଭାବେ ଜଣାଶୁଣା ଥିଲେ। ଇଣ୍ଡୋନେସିଆର ପ୍ରତିରୋଧ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଉଦ୍ଧାର କରିବାରେ ତାଙ୍କର ଭୂମିକା ପାଇଁ ସେ ସମ୍ମାନିତ ହୋଇଥିଲେ।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସସ୍ମିତ କହିଛନ୍ତି, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ରୁଷିଆ ନାଗରିକମାନଙ୍କୁ ସମର୍ଥନ କରିବାରେ ବିଜୁବାବୁଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ସ୍ୱାଧୀନତା ଆନ୍ଦୋଳନ ସମୟରେ ତାଙ୍କର ଭୂମିକା ପାଇଁ ମଧ୍ୟ ସେ ସମ୍ମାନିତ ହୋଇଥିଲେ। ସେ ଜଣେ ଏପରି ବ୍ୟକ୍ତି, ଯାହାଙ୍କର ସର୍ବଦା ଏକ ମହାନ ଓ ଅନ୍ତର୍ଜାତୀୟ ପ୍ରତିଷ୍ଠା ଥିଲା। ବିଜୁବାବୁ ସର୍ବଦା ଅନ୍ତର୍ଜାତୀୟ ଓ ବିଶ୍ୱ ସ୍ତରରେ ମାତୃଭୂମି ଭାରତର ସେବାରେ ନିୟୋଜିତ ଥିଲେ। କିନ୍ତୁ ତାଙ୍କୁ ଅପମାନଜନକ ସନ୍ଦର୍ଭ ସହ ଯୋଡ଼ିବା ଓ ବୟାନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତେଣୁ ପ୍ରତିବାଦ ସ୍ୱରୂପ ସେ କେବଳ ଏହାକୁ ନିନ୍ଦା କରିନାହାଁନ୍ତି, ବରଂ ଯୋଗାଯୋଗ ଏବଂ ଆଇଟି କମିଟିରୁ ଇସ୍ତଫା ଦେଇଛନ୍ତି। ବିଜେପି ନେତାମାନେ ଓଡ଼ିଆ ଅସ୍ମିତା କଥା କହୁଛନ୍ତି। କିନ୍ତୁ ସେମାନେ ଏତେ ନିମ୍ନ ସ୍ତରକୁ ଖସିଯାଉଛନ୍ତି କିପରି ବୋଲି ସସ୍ମିତ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ,ଯେ ଶ୍ରୀ ଦୁବେ ଯୋଗାଯୋଗ ଏବଂ ଆଇଟି କମିଟିର ଅଧ୍ୟକ୍ଷ ଅଛନ୍ତି। ବିଜେଡିର ଅନ୍ୟତମ ରାଜ୍ୟସଭା ସାଂସଦ ମଧ୍ୟ ଏକ୍ସରେ ଦୁବେଙ୍କ ମନ୍ତବ୍ୟକୁ ନିନ୍ଦା କରିଛନ୍ତି।

## ଫେରୁଛନ୍ତି...

ଜାହାଜଟି ଶ୍ରୀ ଦୀକ୍ଷିତଙ୍କ ନେତୃତ୍ୱରେ ଏଲ୍‌ପିଜି ବୋଝେଇ କରି ଗତକାଲି ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରିଥିବା ବେଳେ ଆଜି ଗଲ୍‌ଫ ଅଫ୍ ଓମାନ୍ ଅତିକ୍ରମ କରିଥିବା ଜଣାପଡ଼ିଛି। ଉକ୍ତ ଜାହାଜଟିକୁ ଭାରତୀୟ ନୌସେନା ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଉଛି। ଏଥିସକାଶେ ଶ୍ରୀ ଦୀକ୍ଷିତ ନୌସେନାକୁ ଧନ୍ୟବାଦ ଦେଇଛନ୍ତି। ଗତକାଲି ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ପାର୍ କରି ଏବେ ଗଲ୍ଫ ଅଫ୍ ଓମାନ ଅତିକ୍ରମ କରିଛି। ଭାରତୀୟ ନୌସେନାଙ୍କୁ ଧନ୍ୟବାଦ ଜଣାଇଛନ୍ତି ଅଶୋକ ଦୀକ୍ଷିତ। ସୂଚନାଯୋଗ୍ୟ ଯେ ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧଜନିତ ଉତ୍ତେଜନା ପରିପ୍ରେକ୍ଷୀରେ ଶ୍ରୀ ଦୀକ୍ଷିତଙ୍କ ଜାହାଜଟି ଉକ୍ତ ଅଞ୍ଚଳରେ ୩୪ ଦିନ ଧରି ଫସିରହିଥିଲା। ଫଳତଃ ଶ୍ରୀ ଦୀକ୍ଷିତଙ୍କ ପରିବାର ଲୋକେ ଅନିଶ୍ଚିତତା ମଧ୍ୟରେ ଦିନ କାଟୁଥିଲେ। ତେବେ ଆଜି ଶ୍ରୀ ଦୀକ୍ଷିତ ତାଙ୍କ ଜାହାଜଟି ହର୍ମୁଜ୍ ପ୍ରଣାଳୀ ସହ ସମସ୍ତ ବାଧାକୁ ଅତିକ୍ରମ କରିଥିବା ଦର୍ଶାଇବା ସହ ପରିବାର ଲୋକଙ୍କ ଅନିଶ୍ଚିତତାକୁ ମଧ୍ୟ ଦୂର କରିଛନ୍ତି।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ



ନାଳଗିରି, ୨୯।୩ (ସଂଚାର ବ୍ୟୁରୋ): ନାଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଶିବିର ତରଫରୁ ସାତ ଦିନିଆ ଶିବିରର ଚତୁର୍ଥ ଦିବସରେ ବାଲେଶ୍ୱର ଜିଲ୍ଲା ନିଶା ନିବାରଣ ଅନୁଷ୍ଠାନ 'ମନା' (ମଦକୁ ନା) ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ 'ମନା' ଅନୁଷ୍ଠାନର ସଭାପତି ତଥା ବାଲେଶ୍ୱରର ପ୍ରାକ୍ତନ ଲୋକପାଳ ଶ୍ରୀଯୁକ୍ତ ସୁବ୍ରତ କୁମାର କର, ଉପ ସଭାପତି ଶିକ୍ଷାବିତ୍ ପ୍ରଫେସର ସୁରେଶ ଦାଶ, ଉପଦେଷ୍ଟା ଶିକ୍ଷାବିତ୍ ତ୍ରିଦିବ ନାୟକ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ଦାସ, ଉପଦେଷ୍ଟା ଗୀତାଞ୍ଜଳି କର, ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ନିଶା ନିବାରଣ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ । ନିଶା ମଣିଷକୁ ବିପଥ ଗାମୀ କିପରିକରାଇ ପରିବାର. ଠାରୁ ନିଶାଶକ୍ତ ବ୍ୟକ୍ତି କିଭଳି ଗୁରୁତ୍ୱ ହିନ ହୋଇଯାଏ ଓ ଅଳ୍ପ ବୟସର ସ୍ତ୍ରୀ ଲୋକମାନେ ସ୍ୱାମୀ ଠାରୁ ଅଲଗା ହୋଇଥାନ୍ତି, ବିଧବା ହୋଇଯିବା ସହିତ ପିଲାମାନେ ପିତୃ ମାତୃ ହରାଇ କିଭଳି ଦୁଃଖ ରେ ପଡନ୍ତି ଏବଂ ପରିବାରର ଭବିଷ୍ୟତ କେତେ ଦୁଃଖମୟ ହୋଇଯାଏ ତାହା ବର୍ଣ୍ଣନା କରିଥିଲେ । ଶେଷରେ ଛାତ୍ରୀମାନଙ୍କୁ ଅନୁରୋଧ କରିଥିଲେ ଆମେ କେହି ନିଶା ଖାଇବା ନାହିଁ ଓ ଛୁଇଁ ବା ନାହିଁ କି ଆମ ପଡୋଶୀରେ ଖାଉଥିବା ଲୋକଙ୍କୁ ବୁଝାଇ ସୁଝାଇ ଯଦି ବନ୍ଦ କରାଇ ପାରିବା ତେବେ ଆମ ଉଦେଶ୍ୟ ସାର୍ଥକ ହେବା ସହିତ ଏକ ସୁସ୍ଥ ସମାଜ ଗଠନରେ ଆମ ଭାଗିଦାରୀ ରହିଲା ବୋଲି ଆମେ ଖୁସି ହେବା।

### ବିଧାୟକ ଅଂଶୁମାନ ମହାନ୍ତିଙ୍କ ମହାନତା

## ଦୁର୍ଘଟଣାଗ୍ରସ୍ତଙ୍କୁ ମେଡିକାଲରେ ପହଞ୍ଚାଇଲେ



ନିଶ୍ଚିନ୍ତକୋଇଲି, ୨୯।୩ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବଡପଡା - କେନ୍ଦୁପାଟଣା ଛକ ମଝିରେ (କେନାଲ ରାସ୍ତା) ଆଜି ଦିନ ୨ଟା ସମୟରେ ଜଣେ ବ୍ୟକ୍ତି ନିଜ ମଟର ସାଇକେଲରେ ବନ୍ଦକାଟିଆରୁ କଟକ ଯିବା ବେଳେ ଏକ ଅଜଣା ଗାଡି ଧକ୍କାଦେଇ ଚାଲିଯାଇଥିଲା। ଏହି ଦୁର୍ଘଟଣାରେ ବ୍ୟକ୍ତି ଗୁରୁତର ଆହତ ହୋଇ ରାସ୍ତା କଡରେ ପଡ଼ିଥିବା ଅବସ୍ଥାରେ ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ସେହି ବାଟ ଦେଇ ଯାଉଥିବା ବେଳେ ସେଠାରେ ଅଟକି ଆମ୍ବୁଲାନ୍ସକୁ ଫୋନ କରି ଡାକିଥିଲେ। କିନ୍ତୁ ଡେରି ହେବାରୁ ସେ ନିଜ ଗାଡିରେ ସେଠୁ ନିଶ୍ଚିନ୍ତକୋଇଲି ସିଏଚ୍‌ସି ନେବା ସମୟରେ ଆମ୍ବୁଲାନ୍ସ ଆସି ପହଞ୍ଚି ଥିଲା ଏବଂ ଆମ୍ବୁଲାନ୍ସରେ ନିଜେ ଆହତ ବ୍ୟକ୍ତିଙ୍କୁ ନିଶ୍ଚିନ୍ତକୋଇଲି ସିଏଚ୍‌ସିରେ ପହଞ୍ଚାଇଥିଲେ। ଉତ୍ତମ ଚିକିତ୍ସା ପାଇଁ ଡାକ୍ତରଙ୍କ ସହ ଆଲୋଚନା କରି ପରିବାର ଲୋକ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରି ତାଙ୍କୁ ଭେଟି ସମବେଦନା ଜଣାଇଥିଲେ। କଟକ ବଡ ମେଡିକାଲକୁ ପଠାଇବା ପର୍ଯ୍ୟନ୍ତ ମଧ୍ୟ ଅପେକ୍ଷା କରିଥିଲେ। ଏଭଳି ମହାନ କାମ ପାଇଁ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

## ପ୍ରବଳ ଗ୍ରୀଷ୍ମ ସତ୍ତ୍ୱେ ରାସ୍ତାରେ ଲହଡି ଭାଙ୍ଗୁଛି ପାଣି



କେନ୍ଦ୍ରାପଡା,୨୯।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଂଚଳରେ ପାନୀୟ ଜଳ ସମସ୍ୟା ସଂକଟ ସୃଷ୍ଟି କରିଥିବାବେଳେ କେନ୍ଦ୍ରାପଡା ଗୋପ ଚିଲି କଲୋନୀ ପାଖରେ ପାଇପ୍ ଫାଟି ଗତ ଦୁଇଦିନ ହେଲା ପାନୀୟ ଜଳ ମୁଖ୍ୟରାସ୍ତା ଉପରେ ଲହଡି ଭାଙ୍ଗୁଛି । କେତେକ ଅଂଚଳରେ ଜଳ ସଂକଟ ଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଦୁଇଦିନ ହେଲା ରାସ୍ତା ଉପରେ ପାନୀୟ ଜଳ ଲହଡି ଭାଙ୍ଗୁଛି । ତୁରନ୍ତ ଏହାକୁ ମରାମତି କରିବା ପାଇଁ ସ୍ଥାନୀୟ ଅଂଚଳରେ ଦାବି ହେଉଛି ।

### ବୃଦ୍ଧି ପାଉଛି ବେଆଇନ ଇଟାଭାଟି

# ଧୂଆଁ ଓ ଉତ୍ତାପରେ ଲୋକେ ହନ୍ତସନ୍ତ

**ସବୁ ଜାଣି ପ୍ରଶାସନ ନୀରବ**

**ପରିବେଶ ଓ ସ୍ୱାସ୍ଥ୍ୟ ଉପରେ ପଡୁଛି ଗୁରୁତର ପ୍ରଭାବ**



ଛତ୍ରପୁର,୨୯।୩ (ସଂଚାର ବ୍ୟୁରୋ): ଗଞ୍ଜାମ ତହସିଲ ଅଞ୍ଚଳରେ ବେଆଇନ୍ ଇଟାଭାଟି ବୃଦ୍ଧି ପାଉଥିବାରୁ ପରିବେଶ ଓ ଜନଜୀବନ ପାଇଁ ଗୁରୁତର ଚିନ୍ତାର କାରଣ ହୋଇଉଠିଛି। ଭାଟିରୁ ନିର୍ଗତ ଧୂଆଁ ଚାରିପାଖ ଅଞ୍ଚଳକୁ ପ୍ରଦୂଷିତ କରୁଥିବା ସହ ଅଞ୍ଚଳବାସୀଙ୍କୁ ଶ୍ୱାସକଷ୍ଟ ଓ ବିଭିନ୍ନ ରୋଗରେ ପୀଡ଼ିତ କରୁଛି। ବିଶେଷକରି ଗ୍ରୀଷ୍ମ ଋତୁରେ ସମସ୍ୟାଟି ଆହୁରି ଭୟାବହ ରୂପ ନେଉଛି। ଗୋଟିଏ ପଟେ ତୀବ୍ର ଖରା ଓ ଉଚ୍ଚ ତାପମାତ୍ରା ଲୋକମାନଙ୍କୁ ଅସହ୍ୟ କଷ୍ଟ ଦେଉଥିବା ବେଳେ, ଅନ୍ୟପଟେ ଇଟାଭାଟିର ଅନବରତ ଧୂଆଁ ଓ ତାପ ଅଞ୍ଚଳର ଉଷ୍ଣତାକୁ ଆହୁରି ବଢ଼ାଇ ଦେଉଛି।

ସୂଚନା ଅନୁଯାୟୀ, ଗଞ୍ଜାମ ତହସିଲ ଅନ୍ତର୍ଗତ ବୁଗୁଡ଼ି, ସାନ ରାମଚନ୍ଦ୍ରପୁର, ମଲାଡ, ସନ୍ତୋଷପୁର ଓ କରପଡ଼ା ରାଜସ୍ୱ କାର୍ଯ୍ୟାଳୟ ଅଧୀନ ଅଞ୍ଚଳରେ ୪୦ରୁ ଅଧିକ ବେଆଇନ୍ ଇଟାଭାଟି ଗଢ଼ିଉଠିଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ, କିଛି ରାଜସ୍ୱ କର୍ମଚାରୀ ଓ ଭାଟି ମାଲିକଙ୍କ ମଧ୍ୟରେ ମିଳିଭଗତ ଥିବାରୁ ଏହି ବେଆଇନ୍ କାରବାର ନିର୍ବିଘ୍ନରେ ଚାଲିଆସୁଛି। ଏହି ଭାଟିମାନଙ୍କ ପାଖରେ କନ୍‌ସେଣ୍ଟ ଟୁ ଅପରେଟ୍ (ସିଟିଓ) ଓ ପରିବେଶ ମଞ୍ଜୁରୀ (ଇସି) ନଥିବା ସତ୍ତ୍ୱେ ସେମାନେ ଦୀର୍ଘଦିନ ଧରି ବେଆଇନ୍ ଏହାକୁ ଚଲାଉଥିବା ଅଭିଯୋଗ ହେଉଛି।

ପୂର୍ବବର୍ଷ ବେଆଇନ୍ ଭାଟିଗୁଡ଼ିକୁ ନେଇ ଗଞ୍ଜାମ ତହସିଲ ପ୍ରଶାସନ ପକ୍ଷରୁ ପ୍ରାୟ ୩୬ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଥିଲା। କିନ୍ତୁ ଚଳିତ ୨୦୨୫-୨୦୨୬ ଆର୍ଥିକ ବର୍ଷ ଶେଷ ପାଇଁ ଆସିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଗୋଟିଏ ଟଙ୍କା ମଧ୍ୟ ଆଦାୟ ହୋଇନଥିବାରୁ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ଗୁରୁତର ପ୍ରଶ୍ନ ଉଠିଛି। ଏହାକୁ ନେଇ ପ୍ରଶାସନ ଓ ଭାଟି ମାଲିକଙ୍କ ମଧ୍ୟରେ ମିଳିଭଗତ ଥିବା ସନ୍ଦେହ ଆହୁରି ଗାଢ଼ ହେଉଛି। ସବୁକିଛି ଜାଣି ଶୁଣି ପ୍ରଶାସନ ନୀରବ ରହିଥିବା ବେଳେ ବେଆଇନ୍ ଇଟାଭାଟି ମାଲିକମାନେ ପ୍ରଶାସନକୁ ଖୋଲା ଚାଲେଞ୍ଜ ଦେଇ ନିର୍ଭୟରେ କାରବାର ଚାଲୁ ରଖିଛନ୍ତି।

ସ୍ଥାନୀୟ ଲୋକମାନେ ତତ୍କାଳ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବେଆଇନ୍ ଭାଟିଗୁଡ଼ିକୁ ବନ୍ଦ କରିବା ସହ ଦୋଷୀଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ଦାଦନ ଖଟିବାକୁ ଯାଇ ଯୁବକ ମୃତ

ସୁନ୍ଦରଗଡ,୨୯।୩ (ସଂଚାର ବ୍ୟୁରୋ): କର୍ଣ୍ଣାଟକର କାଙ୍କାନାଡ଼ି ସହରକୁ ଦାଦନ ଖଟିବାକୁ ଯାଇଥିବା ସୁନ୍ଦରଗଡ ଜର୍ମାଲର ଜଣେ ବ୍ୟକ୍ତିଙ୍କ ମୃତ ଶରୀର ରବିବାର ଦିନ ଗାଁରେ ପହଞ୍ଚିବା ପରେ ମୃତକଙ୍କ ସ୍ତ୍ରୀ, ତାଙ୍କ ସମ୍ପର୍କୀୟ ଏବଂ ସାରା ଗାଁ ସ୍ତବ୍ଧ ହୋଇଯାଇଛି। ମୃତକ ହେଲେ ଚୈତନ୍ୟ କିଶାନ (୩୫)। ସେ ଦୁଇ ପଇସା ରୋଜଗାର କରି ତାଙ୍କ ପରିବାର ପୋଷିବା ଉଦ୍ଦେଶ୍ୟରେ ଦାଦନ ଖଟିବାକୁ ଯାଇଥିଲେ। ହେଲେ ତାଙ୍କ ମରଶରୀର ଫେରିଲା। ଏକ୍ସପର୍ଟ କଲେଜ, ବାଲାଚିଲା, ମାଙ୍ଗାଲୋରରେ ରଙ୍ଗ ଲଗାଉଥିବା ବେଳେ ପ୍ରାୟ ୫୦ ଫୁଟ ଉପରୁ ପଡ଼ି ତାଙ୍କର ଗତ ୨୭ ତାରିଖ ଦିନ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଆଜି ଗାଁରେ ଶବ ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



# ଗୋବରୀ ସେତୁ ଉପରେ ପାଇପ ବିଛାକୁ ବିରୋଧ



ମାହାଙ୍ଗା, ୨୯।୩ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକରେ ନିର୍ମାଣ କାର୍ଯ୍ୟ କରୁଥିବା ମେଗା କମ୍ପାନୀ ମନମୁଖି ଭାବେ ପାଇପ ବିଛାଉଥିବା ନେଇ ଅଭିଯୋଗ ହୋଇଛି। ସୂଚନା ମୁତାବକ ମେଗା କମ୍ପାନୀ କୌଣସି ନାଳ ଓ ନଦୀର ସେତୁ ପାର କରିବା ପାଇଁ ସ୍ୱତନ୍ତ୍ର ଖୁଣ୍ଟ ନିର୍ମାଣ କରିବା ନିମନ୍ତେ ଆର୍ଥିକ ବ୍ୟୟ ବରାଦ ହୋଇଥିବାବେଳେ ମନମୁଖି ଭାବେ ବିଭିନ୍ନ ସେତୁ ଓ ନାଳ, କଲଭର୍ଟ ଉପରେ ପାନୀୟଜଳ ପାଇପ ବିଛାଉଥିବା ଦେଖିବାକୁ ମିଳିଛି। ଏହିପରି ଭାବେ ସାଲେପୁର -କୁଆଁପାଳ ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତାର ପଶୁଲୁଣ୍ଡା ଗୋବରୀ ସେତୁ ଉପରେ ମନମୁଖି ଭାବେ ଲୁହା ପାଇପ ବିଛାଉଥିବା ବେଳେ ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିଛନ୍ତି।

ଏହି ଗୋବରୀ ସେତୁଟି ଅଣ ଓସାରିଆ ହୋଇଥିବା ବେଳେ ଏହା ଉପରେ ଦୁଇଟି ଚାରି ଚକିଆ ଯାନ ପରସ୍ପରକୁ ଅତିକ୍ରମ କରିପାରନ୍ତି ନାହିଁ। ଏହି ପରିପ୍ରେକ୍ଷୀରେ ଅଣଓସାରିଆ ପୋଲ ଉପରେ ମେଗା କଂପାନୀ ପାଇପ ବିଛାଉ ଥିବାରୁ ରାସ୍ତା ଓସାର ଆହୁରି ସଂକୀର୍ଣ୍ଣ ହୋଇଯାଉଛି। ଯାହା ଫଳରେ ଏହି ସେତୁ ଉପରେ ଗାଡି ଅତିକ୍ରମ କରିବା ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ବୃଦ୍ଧି ପାଇଛି। ତୁରନ୍ତ ମାହାଙ୍ଗା ପାନୀୟ ଜଳ ଓ ପରିମଳ ବିଭାଗ ଗୋବରୀ ସେତୁ ନିକଟରେ ସ୍ୱତନ୍ତ୍ର ଖୁଣ୍ଟ ନିର୍ମାଣ କରି ପାନୀୟ ଜଳ ପାଇପ ବିଛାଇବାକୁ ସାଧାରଣରେ ଦାବୀ ହୋଇଛି।

ଏ ସମ୍ପର୍କରେ ପାନୀୟଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଦେବାଶିଷ ମାହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ଏହି ପାଇପ ବିଛାକୁ ବନ୍ଦ କରାଯାଇଛି। ପୋଲ ବାହାରେ ପାଇପ ବିଛାଇବା ପାଇଁ ମେଗା କଂପାନୀକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

## ଜିଲ୍ଲା ସଂକୀର୍ତ୍ତନ ମଣ୍ଡଳୀ ଓ କଳାକାରଙ୍କ ବିକ୍ଷୋଭ



କେନ୍ଦ୍ରାପଡା, ୨୯।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ସଂକୀର୍ତ୍ତନ ମଣ୍ଡଳୀ ଓ କଳାକାରମାନଙ୍କ ପକ୍ଷରୁ ଜିଲ୍ଲାକାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରାଯାଇଛି । ବିଜୁ ମହିଳା ଜନତା ଦଳର ରାଜ୍ୟ ଉପସଭାନେତ୍ରୀ ଶ୍ରୀମତୀ ଲେଖାଶ୍ରୀ ସାମନ୍ତସିଂହାର ଚୌଦ୍ୱାର କଟକର ମାନ୍ୟବର ପୂର୍ବତନ ବିଧାୟକ ଡକ୍ଟର ପ୍ରଭାତ ରଂଜନ ବିଶ୍ୱାଳଙ୍କ ପ୍ରତି ଦେଇଥିବା ଆଶାଳୀନ ମନ୍ତବ୍ୟ ବିରୋଧରେ ସଂଘ ପକ୍ଷରୁ ବିକ୍ଷୋଭ କରାଯାଇଛି। ସଂସ୍କୃତି ଓ କଳା ପରିଷଦ ଓଡିଶା କେନ୍ଦ୍ରାପଡା ଜିଲ୍ଲା ଶାଖା ତରଫରୁ ଶତାଧିକ କଳାକାରମାନେ ବିକ୍ଷୋଭ ପ୍ରଦର୍ଶନ କରି ଶ୍ରୀମତୀ ଲେଖାଶ୍ରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ଜିଲ୍ଲା ସଭାପତି ନବଘନ ନାୟକଙ୍କ ନେତୃତ୍ୱରେ ଏହି ବିକ୍ଷୋଭରେ ସମ୍ପାଦକ ସୁଦର୍ଶନ ମଲ୍ଲିକଙ୍କ ସହ କଳାକାର କୈଳାଶ ମଲ୍ଲିକ, ସର୍ବେଶ୍ୱର ମଲ୍ଲିକ, ଅମର ମଲ୍ଲିକ, ସାଗର ବାରିକଙ୍କ ସହ ଶତାଧିକ କଳାକାର ଏହି ବିକ୍ଷୋଭରେ ଉପସ୍ଥିତ ଥିଲେ ।

### ଉତ୍କୃଷ୍ଟ ସେବା ପାଇଁ ରାଜ୍ୟସ୍ତରରେ ପ୍ରଥମ ପୁରସ୍କାର ପାଇଲା

## ଡୁମୁରିମୁଣ୍ଡା ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର



ନବରଙ୍ଗପୁର/ରାଇଘର, ୨୯।୩ (ସଂଚାର ବ୍ୟୁରୋ): ନବରଙ୍ଗପୁର, ରାଇଘର ବ୍ଲକର ଡୁମୁରିମୁଣ୍ଡାର ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର କଙ୍ଗାରୁ ମଦର କେୟାର ସେବା ପାଇଁ ରାଜ୍ୟସ୍ତରରେ ପ୍ରଥମ ପୁରସ୍କାର ଲାଭ କରିଛି। କଙ୍ଗାରୁ ମଦର କେୟାର କାର୍ଯ୍ୟକ୍ରମ ମା' ଓ ନବଜାତ ଶିଶୁଙ୍କ ଜୀବନରେ ଏହି ପ୍ରୟାସ ଆଣୁଛି ପରିବର୍ତ୍ତନ।

ପିପିପି ମୋଡ଼ରେ ଚାଲିଥିବା ଡୁମୁରିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବେ ରାଜ୍ୟରେ ଗଢ଼ିଛି ନୂଆ ପରିଚୟ। କଙ୍ଗାରୁ ମଦର କେୟାର ସେବାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଏହି କେନ୍ଦ୍ରକୁ ମିଳିଛି ପ୍ରଥମ ପୁରସ୍କାର। କଙ୍ଗାରୁ ମଦର କେୟାର ଅର୍ଥାତ ମା' ଓ ଶିଶୁଙ୍କ ମଧ୍ୟରେ ସିଧାସଳଖ ସ୍ପର୍ଶ। ଏହି ପ୍ରଣାଳୀରେ ଅପ୍ରାପ୍ତ ବା ଅଳ୍ପ ଓଜନର ଶିଶୁଙ୍କୁ ମା'ର ଛାତିରେ ଧରି ରଖାଯାଏ, ଯାହା ତାଙ୍କର ଶରୀର ତାପମାତ୍ରା ନିୟନ୍ତ୍ରଣ, ଓଜନ ବୃଦ୍ଧି ଓ ସୁସ୍ଥ ବିକାଶକୁ ସହାୟତା କରେ । ଏହି ନୂଆ ପ୍ରୟାସକୁ ଶିଶୁ ଓ ଶିଶୁର ପରିବାର ମଧ୍ୟ ଗ୍ରହଣ କରୁଛନ୍ତି ବୋଲି ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା ସୁରେନ୍ଦ୍ର ନାଥ ଦାସ ପ୍ରକାଶ କରିଛନ୍ତି।

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଡୁମୁରିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୨୦୨୦ରୁ ଆରମ୍ଭ ହୋଇଥିବା କଙ୍ଗାରୁ ମଦର କେୟାର ଫଳରେ ବର୍ତ୍ତମାନ ସୁଦ୍ଧା ୭୦୦ ଜଣ ଶିଶୁଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇବା ସମ୍ଭବ ହୋଇପାରିଛି। ନବରଙ୍ଗପୁର ଜିଲ୍ଲା ଭଳି ଉପାନ୍ତ ଅଞ୍ଚଳ ରେ ଯେଉଁଠି ସ୍ୱାସ୍ଥ୍ୟ ସେବା ଆପେକ୍ଷକୃତ କମ ମିଳିଥାଏ ସେହିଠାରେ ଏହି ପ୍ରକାର ଖର୍ଚ୍ଚ ବିନା ଶିଶୁ ଙ୍କୁ କେବଳ ସଚେତନତା ରେ ସୁସ୍ଥ ହୋଇ ପାରୁଛନ୍ତି ଏକ ମାଇଲ ଖୁଣ୍ଟ ସଦୃଶ୍ୟ।

# ଆକ୍ସନ ମୋଡ୍‌ରେ କନିଷ୍ଠ ଲଘୁ ଖଣିଜ ଅଧିକାରୀ



ବାଲିଆପାଳ,୨୯।୩ (ସଂଚାର ବ୍ୟୁରୋ): ଆକ୍ସନ ମୋଡରେ ବାଲିଆପାଳ ଜୁନିଅର ଲଘୁ ଖଣିଜ ଅଧିକାରୀ ସତ୍ୟ ଚିନ୍ମୟ ଜେନା। ଚୋରା ବାଲି ଚାଲାଣ ବେଳେ ଗୋଟିଏ ଡମ୍ପର ଏବଂ ଟ୍ରାକ୍ଟରକୁ ଗୋଡ଼ାଇ ଗୋଡ଼ାଇ ଧରିଲେ ଜୁନିଅର ଲଘୁ ଖଣି ଅଧିକାରୀ ସତ୍ୟ ଚିନ୍ମୟ ଜେନା ଓ ବାଲିଆପାଳ ଆଇଆଇସି ସଲିଖାନ୍ ମୁର୍ମୁ।

ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ ଛୋଟ ଖାନପୁର ଚଡବଡାପାଳ ବୁନ୍ଦା କୋଠାରୁ ବାଲି ମାଫିଆମାନେ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରୁଥିବା ଖବର ପାଇଁ ଜଳେଶ୍ୱର ଜୁନିଅର ଖଣି ତାପସ ନାୟକ ଏବଂ ବସ୍ତା ବାଲିଆପାଳ ଜୁନିୟର ଲଘୁ ଖଣିଜ ଅଧିକାରୀ ସତ୍ୟ ଚିନ୍ମୟ ଜେନା ଚଢ଼ାଉ କରିଥିଲେ। ଦୀର୍ଘ ବର୍ଷ ହେବ ବାଲିଆପାଳରେ ଛୋଟ ଖାନପୁର ଚଡବଡାପାଳ ବୁନ୍ଦା କୋଠାରେ ବେଆଇନ ଭାବେରେ ବାଲି, ମାଟି ଚୋରା ଚାଲାଣ କମିବାର ନାଁ ଧରୁନଥିଲା। ବାଲିଆପାଳ ଜୁନିଅର ଲଘୁ ଖଣିଜ ଖଣି ଅଧିକାରୀ ସତ୍ୟ ଚିନ୍ମୟ ଜେନା ଆସିବା ଦିନ ଠାରୁ ଆକ୍ସନ ମୁଡ୍‌ରେ। ମାଫିଆ ମାନଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ନେଇଛନ୍ତି ଲଘୁ ଖଣି ଅଧିକାରୀ ସତ୍ୟ ଚିନ୍ମୟ ଜେନା। ଚୋରା ବାଲି ମାଫିଆ ମାନଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ପାଇଁ ବାଲିଆପାଳ ଖଣି ଅଧିକାରୀଙ୍କୁ ପ୍ରଶଂସା କରୁଛି ଅଞ୍ଚଳବାସୀ।

ଏହି କାରଣରୁ ଏହି ଅଞ୍ଚଳରେ ଚୋରା ବାଲି ଚାଲାଣ କମିଛି। ଆଉ ବାଲି ମାଫିଆ ଖଣି ଅଧିକାରୀ ଭୟରେ ଲୁଚିବା ସହିତ ଆଗୁଆ ଫାଇନ ପାଇଁ ତତ୍ପର ହୋଇଛନ୍ତି। ବାଲିଆପାଳ ଅଞ୍ଚଳରେ ବାଲି ଓ ମାଟି ମାଫିଆଙ୍କ ବିରୋଧରେ ମଧ୍ୟ ଖଣି ଅଧିକାରୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାହାକୁ ବହୁ ମାତ୍ରାରେ ରୋକିବାରେ ସକ୍ଷମ ହୋଇ ପାରିଛି।

# କନ୍ଧମାଳ ଜିଲ୍ଲା ଗସ୍ତରେ ପୁଲିସ ମହାନିର୍ଦ୍ଦେଶକ



ଫୁଲବାଣୀ,୨୯।୩ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଗସ୍ତରେ ପୋଲିସ ମହା ନିର୍ଦ୍ଦେଶକ ୱାଇ. ବି ଖୁରାନିଆ। ପ୍ରଥମେ ସେ ହେଲିକେପ୍ଟରେ ଯୋଗେ ଭୁବନେଶ୍ୱରରୁ ଆସି ଦିନ ୧୦.୧୦ ଘଣ୍ଟିକା ସମୟରେ ଆସି ମାଦିକୁନ୍ଦା ଛକ ସ୍ଥିତ ରିଜର୍ଭ ପୋଲିସ ପଡିଆ ଠାରେ ଅବତରଣ କରିଥିଲେ ସେଠାରେ ତାଙ୍କୁ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, କନ୍ଧମାଳ ଏସପି ହରିଶ ବିଶି, ପ୍ରମୁଖ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

ଡିଜିପି ଙ୍କ ସହିତ ଏଡିଜିପି ସଂଜୀବ ପଣ୍ଡା, ଡିଆଇଜି ଅଖିଳେଶ୍ୱର ସିଂ ପ୍ରମୁଖ ଆସିଛନ୍ତି। ସେଠାରୁ ପୁଲିସ ରିଜର୍ଭ ଠାରେ ଏକ ଇଣ୍ଡୋର ସ୍ପୋର୍ଟ୍ସ କଂପ୍ଲେକ୍ସକୁ ଉଦଘାଟିତ କରିଛନ୍ତି। ପରେ ପରେ ଏସଓଜି, ଡିଭିଏଫ, ସିଆରପିଏଫ ଯବାନ ମାନଙ୍କ ସହିତ ଏକ ଆଲୋଚନାରେ ଭାଗ ନେଇଥିଲେ। ଯବାନମାନେ ଦିନ ରାତି ଏକ କରି କମ୍ବିଂ ଅପରେସନରେ ସାମିଲ ହେବା ସହ ମାଓବାଦୀଙ୍କୁ ଆତ୍ମସମର୍ପଣ କରିବା ପାଇଁ ବାଧ୍ୟ କରାଇବା ସହ ଦୁର୍ଦ୍ଧାନ୍ତ ମାଓ ନେତା ଗଣେଶ ଓ ତାଙ୍କ ସହଯୋଗୀ ମାନଙ୍କୁ ଏନକାଉଣ୍ଟର କରିଥିଲେ। କନ୍ଧମାଳ ଜିଲାରେ ଗାତ ଦୁଇ ମାସରେ ୨୦ରୁ ଊର୍ଦ୍ଧ୍ୱ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ପୁଲିସ ମହାନିର୍ଦ୍ଦେଶକଙ୍କ ସହିତ ଦକ୍ଷିଣାଞ୍ଚଳ ଡିଆଇଜି ନୀତି ଶେଖର,୧୩୬ ବାଟାଲିଆନ କାମାଣ୍ଡେଣ୍ଟ ମାନସ ରଞ୍ଜନ ପଣ୍ଡା, ୨୧ ସିବିଏସଏଫ ୧୧୬ ଅଜୟ କୁମାର, ଆଇଜିପି ଦୀପକ କୁମାର ଓ କନ୍ଧମାଳ ଏସପି ହରିଶ ବିଶି ପ୍ରମୁଖ ଉପସ୍ଥିତ ଥିଲେ ।

# ମାର୍ଶାଘାଇ ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ମାର୍ଶାଘାଇ,୨୯।୩(ସଂଚାର ବ୍ୟୁରୋ): ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ରବିବାର ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମିତି ସଭାପତି ପ୍ରଦୀପ୍ତ କୁମାର ଗାହଣ,ଉପସଭାନେତ୍ରୀ ନମିତା ଚଇନି ଅତିଥି ଭାବେ ଯୋଗଦେଇଥିଲେ । ସମିତି ସମ୍ପାଦକ ଗୋବର୍ଦ୍ଧନ ସାହୁ ବାର୍ଷିକ ବିବରଣୀ ପାଠକରିବା ପରେ ସମିତି ଦ୍ୱାରା ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । ଚାଷୀଙ୍କୁ ଋଣ ପ୍ରଦାନ ଏବଂ ଆଦାୟ ସହିତ ମଣ୍ଡି ପରିଚାଳନା ଏବଂ ଆୟବ୍ୟୟ ସାର, ଔଷଧ ବିହନ ଯୋଗାଣ, ସାଧାରଣ ବଣ୍ଟନ ଆଦିର ରିପୋର୍ଟ ପ୍ରଦାନ କରିଥିଲେ । ସମିତିର ଜମିପଟ୍ଟା ହାସଲ , ଜବରଦଖଲ ଉଚ୍ଛେଦ,ଗୃହନିର୍ମାଣ,ପାଚେରୀ ନିର୍ମାଣ ଆଦି କ୍ଷେତ୍ରରେ ନିର୍ଦ୍ଦେଶକ ମଣ୍ଡଳୀଙ୍କ ସାମୁହିକ ସହଯୋଗକୁ ପ୍ରଶଂସା କରାଯାଇଥିଲା । ସହ ସମ୍ପାଦକ ପ୍ରଦ୍ୟୁମ୍ନ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।

ନିର୍ଦ୍ଦେଶକ ମନୋରଞ୍ଜନ ସାମଲ, ଗୀତାଞ୍ଜଳି ସାହୁ,ମଧୁସୂଦନ ବେହେରା, ଗୁରୁଚରଣ ସ୍ୱାଇଁ, ବିଜ୍ଞାନ ଦାସ, ରମାକାନ୍ତ ମଲିକ,ମାନସ ସାହୁ, ଚାଷୀ ତଥା ପରକୁଳା ପଞ୍ଚାୟତ ସମିତି ସଭ୍ୟ ସଞ୍ଜୟ ପାତ୍ର,ମନୋରଞ୍ଜନ ବସନ୍ତିଆ, ରଞ୍ଜନ ବେହେରା, ଲଲାଟେନ୍ଦୁ ସାହୁ, ରଶ୍ମିରଂଜନ ରଥ, ଆଦିକନ୍ଦ ପତି, ରଞ୍ଜନ ସାହୁ, ଶଙ୍କର୍ଷଣ ରାଉତ,ବିଚିତ୍ରାନନ୍ଦ ବେଉରା, ଅଭୟ ପ୍ରସାଦ ଦାସ, ଶ୍ୱେତ କୁମାର ବେଉରା, ଶୁଭ୍ରାଂଶୁ ରଞ୍ଜନ ଦାସ, ପ୍ରମୋଦ କୁମାର ବେହେରା, ଅଭିରାମ ଜେନା, ସୁରେଶ ଜେନା, ବଳରାମ ସ୍ୱାଇଁ, ଶ୍ରୀଧର ରାଉତ, ରବୀନ୍ଦ୍ର ଗୁରୁ, ଶିବପ୍ରସାଦ ପରିଡା, ରଶ୍ମିରଂଜନ ରାଉତ, ବିଷ୍ଣୁପ୍ରସାଦ ନାୟକ, ତ୍ରିଲୋଚନ ଯେନା,ବାବୁଲି ମଲିକ, ସମିତି କର୍ମଚାରୀ ସଞ୍ଜୟ ଦାସ, ଜ୍ଞାନ ରଞ୍ଜନସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଦୁଇ ଯୁବକଙ୍କୁ ବାନ୍ଧି ମାଡ଼ ମାରିବା ଘଟଣା

# ନ୍ୟାୟ ଦାବିରେ ୩୧ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଚେତାବନୀ



ଯାଜପୁର,୨୯।୩ (ସଂଚାର ବ୍ୟୁରୋ): ଦୁଇ ଯୁବକଙ୍କୁ ଉଠାଇ ନେଇ ଗାଁ ମଝିରେ ବାନ୍ଧି ମାଡ଼ମାରି କଙ୍ଗାରୁକୋର୍ଟ କରିବା ଘଟଣା ଏବେ ଭିନ୍ନ ମୋଡ଼ ନେବା ଆଶଙ୍କା ପ୍ରକାଶ ପାଇଛି । କାରଣ ପୁଲିସ ଠାରେ ଅଭିଯୋଗ ପରେ ବି ପୁଲିସ ନ୍ୟାୟ ଦେବା ପରିବର୍ତ୍ତେ ହେପାଜତରେ ରଖି ଯୁବକଦ୍ୱୟଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ହୋଇଥିଲା। ଏପରିକି ଏହିଁ ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶନାମାକୁ ପୁଲିସ ଉଲଙ୍ଘନ ବି କରିଥିଲେ। ତେଣୁ ଶାରୀରିକ ମାନସିକ ନିର୍ଯାତନା ଦେବା ଘଟଣାରେ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବିଭିନ୍ନ ସାମାଜିକ ସଂଗଠନ ପ୍ରତିବାଦର ସ୍ୱର ଉଠାଇଥିଲେ। କିନ୍ତୁ ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ଅଭିଯୋଗକାରିଙ୍କ ବିରୁଦ୍ଧରେ ଆସନ୍ତା ଦୁଇ ଦିନ ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ମୂଳ ନିବାସି ଛାତ୍ର ଓ ଯୁବ ସାମ୍ମୁଖ୍ୟ, ଭୀମ ଆର୍ମି, ସାନ୍ତାଳ ସମାଜ, ବିର୍ସା ବିଗ୍ରେଡ଼,ଆମ୍ବେଦକର ଫାଉଣ୍ଡେସନ, ସାମାଜିକ ସମତା ଅଭିଯାନ, ମୂଳ ନିବାସି ସମତା ପରିଷଦ, ଆମ୍ବେଦକର ଉନ୍ନୟନ ପରିଷଦ, ମୂଳ ନିବାସୀ ଛାତ୍ର ମଞ୍ଚ, ଅନୁସୂଚିତ ଜାତି ଜନ ଜାତି ମିଳିତ କ୍ରିୟାନୁଷ୍ଠାନ କମିଟି, ଆମ୍ବେଦକର ବିକାଶ ପରିଷଦ ସହ ଜିଲ୍ଲାର ପୋନ୍ଦରଟି ଗଣସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବ ବୋଲି ନିଷ୍ପତ୍ତି ହୋଇଛି।

ସୂଚନାଯୋଗ୍ୟ ଯାଜପୁର ସଦରଥାନା ମହେଶ୍ୱରପୁର ଗାଁର ରାଜେନ୍ଦ୍ର ମହାରଣା ଓ କଣ୍ଟାବଣିଆ ଗାଁର ଦେବାଶିଷ ମଲ୍ଲିକଙ୍କୁ ଘରୁ ଉଠାଇ ନେଇ ମହେଶ୍ୱରପୁର ଗାଁର ପ୍ରାୟ ଶହେରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଙ୍ଗବଦ୍ଧ ହୋଇ ଗାଁ ମଝିରେ ବାନ୍ଧିବା ସହ ନିସ୍ତୁଜ ମାଡ଼ ମାରିଥିଲେ। ସ୍ନେହାଶିଷ ମଲିକ ନାମକ ଜଣେ ଯୁବକଙ୍କ ମା'ଙ୍କୁ ମଧ୍ୟ ଉଠାଇ ନେଇଥିଲେ। ଏ ସମ୍ପର୍କରେ ପୁଲିସକୁ ଖବର ଦେବାରୁ ଯାଜପୁର ସଦର ପୁଲିସ ଉକ୍ତ ଦୁଇ ଯୁବକଙ୍କ ସହ ସ୍ନେହାଶିଷଙ୍କ ମାଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ। କିନ୍ତୁ ସେମାନଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ପୁଲିସ ଓଲଟା ଉକ୍ତ ତିନି ଜଣଙ୍କୁ ଦୁଇ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଥାନାରେ ଅଟକ ରଖି ଥାର୍ଡ଼ ଡିଗ୍ରୀ ବ୍ୟବହାର କରି ନିର୍ଯାତନା ଦେବା ସମ୍ପର୍କରେ ପୀଡିତ ପରିବାର ଯାଜପୁର ଏସପି, ଜିଲ୍ଲାପାଳ ଏବଂ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ହେଲେ ପୁଲିସ କେବଳ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରି ନିଜର ଦାୟିତ୍ୱ ସାରିଦେଇଛନ୍ତି। ସଙ୍ଗବଦ୍ଧ ଆକ୍ରମଣ କରି କଙ୍ଗାରୁ କୋର୍ଟ କରିଥିବା ଅନ୍ୟ ବ୍ୟକ୍ତି ବିଶେଷଙ୍କୁ ଏପର୍ଯ୍ୟନ୍ତ ଗିରଫ କରିବାରେ ସକ୍ଷମ ହୋଇନାହିଁ କି ଥାନାରେ ନିର୍ଯାତନା ଦେଇଥିବା ପୁଲିସ ଅଧିକାରୀଙ୍କ ବିରୁଦ୍ଧରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ତେଣୁ ଆଗାମୀ ଦୁଇ ଦିନ ମଧ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆସନ୍ତା ୩୧ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଜିଲ୍ଲା ତମାମ ଗଣସଂଗଠନ ପକ୍ଷରୁ ଚେତାବନି ଦିଆଯାଇଛି।

## ଇସ୍ତଫା ଦେବେ ଲେଫ୍ରିପଡା ମଣ୍ଡଳ ସଭାପତିଙ୍କ ସହ ସମସ୍ତ ପଦାଧିକାରୀ



ସୁନ୍ଦରଗଡ,୨୯।୩ (ସଂଚାର ବ୍ୟୁରୋ): ସୁନ୍ଦରଗଡ ଭାଜପା ଜିଲ୍ଲାସ୍ତରୀୟ ପଦାଧିକାରୀ, ମୁଖ୍ୟତଃ ଜୁଏଲଙ୍କ ଅନୁଗତ ତଥା ତାଙ୍କ ପ୍ରତିନିଧିଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ଲେଫ୍ରିପଡା ଖ ମଣ୍ଡଳର ପଦାଧିକାରୀ ଓ କର୍ମକର୍ତ୍ତାମାନେ। ଦଳର ପୋଷ୍ଟର ମାରିବା ଠାରୁ ଆରମ୍ଭ କରି ଭୋଟ ଗୋଛାଇବା ପର୍ଯ୍ୟନ୍ତ ସମସ୍ତ ପ୍ରକାର କାମ ଗତ ୧୯୯୭ ମସିହାରୁ କରି ଆସୁଥିବା ବେଳେ ଆଜି ସେମାନଙ୍କୁ ଆଦର ମିଳିବା ପରିବର୍ତ୍ତେ ଅନାଦର ମିଳୁଛି। ଶୁଭ ଦୃଷ୍ଟି ପରିବର୍ତ୍ତେ ଅଣଦେଖା ମିଳୁଛି। ସବୁଠୁ ବଡ଼ କଥା ହେଉଛି ଭାଜପା କ୍ଷମତାକୁ ଆସିବା ଦିନ ଠାରୁ ସେହି ଅଞ୍ଚଳରେ ଉନ୍ନତି ପରିବର୍ତ୍ତେ ଅବନତି ଘଟୁଛି। ନା ଅଞ୍ଚଳର ଉନ୍ନତି ପାଇଁ ଜିଲ୍ଲାସ୍ତରୀୟ ପଦାଧିକାରୀ ଚାହୁଁଛନ୍ତି ନା ଉନ୍ନତି କରିବାରେ ଉଦ୍ୟମ କରୁଛନ୍ତି। ସେଥି ପାଇଁ ଏମାନେ ଶକ୍ତି ପୀଠ ଚନ୍ଦଲୀରେ ଏକ ଜରୁରୀ ବୈଠକ କରି ଇସ୍ତଫା ଦେବାପାଇଁ ନିଷ୍ପତ୍ତି ନେଇଛନ୍ତି ।

## ବ୍ୟଙ୍ଗକବି ଅପର୍ତ୍ତି ସେଠୀ ସମ୍ବର୍ଦ୍ଧିତ



କେନ୍ଦ୍ରାପଡା,୨୯।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡାର ଜଣାଶୁଣା ବ୍ୟଙ୍ଗକବି ଅପର୍ତ୍ତି ସେଠୀଙ୍କୁ ବିରଜା ବ୍ୟଙ୍ଗଶ୍ରୀ ୨୦୨୬ ସମ୍ମାନରେ ସମ୍ମାନୀତ କରାଯାଇଛି । ବୁଧ ସଂସ୍କୃତି ଭବନ ପରିସରରେ ବିରଜାକୃପା ସାହିତ୍ୟ ପରିବାର ପକ୍ଷରୁ ୫ମ ବାର୍ଷିକ ପୁସ୍ତକ ଉନ୍ମୋଚନ ଉତ୍ସବରେ ଶ୍ରୀ ସେଠୀଙ୍କୁ ସମ୍ମାନୀତ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାର ଶିକ୍ଷକ ଭୂପତି ଭୂଷଣ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠାନର ସଭାପତି ବିଦ୍ୟୁତ୍‌ପ୍ରଭା ମିଶ୍ର, ସମ୍ପାଦକ ବୈଦ୍ୟନାଥ ପଣ୍ଡା, ସଂଯୋଜକ ପ୍ରମୋଦ କୁମାର ନାୟକ, ଇଂଜିନିୟର ଅକ୍ଷୟ କୁମାର ସୁତାରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

ସିଟି salad

## ଏଲିନାଙ୍କ ଢାବାରେ ଲିକୁଙ୍କ ବଲ୍ଲେ ବଲ୍ଲେ

ଯାଜପୁରର ବଲେ ବଲେ ଢାବା ପୁଣି ଚର୍ଚ୍ଚାରେ। ଏଥର ଚର୍ଚ୍ଚା କିନ୍ତୁ ଧର୍ମଶାଳାର ବିଧାୟକ ଲିକୁ ସାହୁଙ୍କୁ ନେଇ। ଭଗବାନଙ୍କ ଅହଲ୍ୟା ଉଦ୍ଧାର ଭଳି ଲିକୁ ସାହୁ କୁଆଡେ ଏହି ଢାବାକୁ ଉଦ୍ଧାର କରିଛନ୍ତି। ସେଥିପାଇଁ ଢାବା ଆଗରେ ବିରାଟ ପୋଷ୍ଟରରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ନିଜର ଫଟୋ ଲଗାଇଛନ୍ତି। ତେବେ ଏହି ବଲେ ବଲେ ଢାବାରେ ପୁରୁଣା ମାଲିକାଣି ବିଜେଡି ନେତ୍ରୀ ଏଲିନା ଦାସ ପରଦା ପଛରେ ରହି ମୁରୁକି ହସା ମାରୁଛନ୍ତି। ଯେତେବେଳେ ବିଜେଡି କ୍ଷମତାରୁ ଗଲା ତାହାର କିଛିଦିନ ପରେ ଯାଜପୁରର ଗେରୁଆ



ନେତାଙ୍କ ନଜର ଏହି ବଲେ ବଲେ ଢାବା ଉପରେ ପଡିଲା। ତିଳକୁ ତାଳ କରି ଜୋରଦାର ପ୍ରଚାର କରାଇଲେ। ଢାବା ଭିତରେ ଗଣମାଧ୍ୟମକୁ ପୂରାଇ ସଚିତ୍ର ଖବର ଦେଖାଇଲେ। ଏଠାରେ କୁଆଡେ ଖାଇବା ପିଇବା ସହିତ ମନୋରଞ୍ଜନ ଚାଲିଥିବା ବି କହି ବୁଲିଲେ। ଏଲିନାଙ୍କୁ ବଦନାମ ପାଇଁ ଅନେକ କିଛି କଲେ। ହେଲେ ଏବ ଖୋଦ ଗେରୁଆ ମଠାର ବେନାମୀ ମହନ୍ତ ଏହି ଢାବାକୁ ହାତକୁ ନେଇଛନ୍ତି। ଏଠାରେ କୁଆଡେ ଏବେ ଅସ୍ମିତା ଖାଦ୍ୟ ମିଳିବ ବୋଲି ପ୍ରଚାର ଚାଲିଛି। ତେବେ ଢାବାରେ ପୂର୍ବଭଳି ସେବା ମିଳିବ ନାହିଁ ତାହାକୁ ନେଇ ପୁରୁଣା ଗରାଖମାନେ ସନ୍ଦେହରେ ଥିବାବେଳେ ଏଲିନାଙ୍କ ବଲେ ବଲେକୁ ଲିକୁ ବାବୁ କେତେଦୂର ଆଗକୁ ନେଉଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର।

## ଲକ୍ଷ୍ମଣଙ୍କ ଶକ୍ତି ଭେଦ

ବିଧାନସଭାରେ ଲକ୍ଷ୍ମଣଙ୍କର ହୋଇଛି ଶକ୍ତି ଭେଦ। ତେବେ ଏଥିପାଇଁ ହନୁମାନଙ୍କ ବିଶଲ୍ୟକରଣୀର ଆବଶ୍ୟକ ହୋଇନାହିଁ। ଖୋଦ୍ ଲକ୍ଷ୍ମଣ କିଛି ସମୟ ପରେ ଝାଡିଝୁଡି ହୋଇ ଉଠିଛନ୍ତି। ଏ ଲକ୍ଷ୍ମଣ ହେଉଛନ୍ତି ଓଡିଶା ବିଧାନସଭାରେ ଚର୍ଚ୍ଚିତ ବାମପନ୍ଥୀ ବିଧାୟକ ଲକ୍ଷ୍ମଣ ମୁଣ୍ଡା। ଗତ କିଛିଦିନ ଧରି ଲକ୍ଷ୍ମଣ ଚର୍ଚ୍ଚାରେ ରହିଛନ୍ତି। ପ୍ରଥମେ ବର୍ଦ୍ଧିତ ଦରମା



ନେବାକୁ ମନାକରି ଚର୍ଚ୍ଚାରେ ଥିବାବେଳେ ନିକଟରେ ରାଜ୍ୟସଭା ନିର୍ବାଚନରେ ଘୋଡା ହେବାକୁ ରୋକଠୋକ ମନା କରି ସାବାସି ସାଉଁଟିଛନ୍ତି। ତାଙ୍କର ଲୋକପ୍ରିୟତା ଦେଖି ବିରୋଧିଦଳ ମିଛି ମିଛିକା ପ୍ରତିବାଦରେ ତାଙ୍କୁ ବିଧାନସଭା ଭିତରେ ରୋଗୀ କରିଥିଲେ। ଚିକିତ୍ସା କରିଥିଲେ ବାଲିକୁଦା ଡାକ୍ତର ସାଦା ବାବୁ। କିଛି ସମୟର ଚିକିତ୍ସା ପରେ ଲକ୍ଷ୍ମଣ ଆଉ ନାହାନ୍ତି ବୋଲି ଡାକ୍ତର ଘୋଷଣା କରିଥିଲେ। ବିଧାନସଭାରେ ଏହା ହାସ୍ୟରୋଳ ପାଇଁ ବେଶ୍ ଖୋରାଦ ଯୋଗାଇ ଥିବାବେଳେ ଲକ୍ଷ୍ମଣଙ୍କ ଶକ୍ତିଭେଦ ବେଳେ ଶ୍ରୀରାମ କିମ୍ବା ହନୁମାନଙ୍କୁ କାହାରିକୁ ଦେଖିବାକୁ ପାଇନଥିଲେ। ତେବେ ଯାହାହେଉ ଏସସିବି ମେଡିକାଲ ପ୍ରସଙ୍ଗରେ ବିରୋଧିଙ୍କ ନାକଟରେ ଲକ୍ଷ୍ମଣଙ୍କ ଶକ୍ତିଭେଦ ଏବେ ଆଲୋଚନାର ବିଷୟ ପାଲଟିଛି। ଲକ୍ଷ୍ମଣଙ୍କ ସଫଳତାରେ ଏହା ଆଉ ଗୋଟିଏ ଫର୍ଦ୍ଦ ଯୋଡିଥିବାବେଳେ ତାଙ୍କର ଆଗାମୀ ଯୁଦ୍ଧକୁ ଏବେ ସମସ୍ତଙ୍କର ଅପେକ୍ଷା।

## ପଦ୍ମଙ୍କ ପାଇଁ ପଦ୍ମ ଦଳ ଅଡୁଆରେ



ବାବୁ ପଦ୍ମ ଲୋଚନଙ୍କ ପାଇଁ ତାଙ୍କର ପଦ୍ମ ଦଳ ଅଡୁଆରେ ପଡିଛି। ଏକଥା ଖୋଦ ପଦ୍ମ ଦଳର କର୍ମୀମାନେ ଖୋଲାଖୋଲି ଆଲୋଚନା କରୁଛନ୍ତି। ବାଲେଶ୍ୱର ଜିଲ୍ଲା ପଦ୍ମ ଲୋଚନ ପଣ୍ଡା ବିଧାନସଭାରେ କହିବାର ସୁଯୋଗ ପାଇଲେ ମନକୁ ଯାହା ଆସେ କହିଦିଅନ୍ତି। ପୂର୍ବରୁ ହାତ ଦଳରେ ଥିବାବେଳେ ବି ଏମିତି କହୁଥିଲେ। ଏବେ ବି ସେମିତି ହେଉଛନ୍ତି। ସମୟ ବଦଳିଥିଲେ ମଧ୍ୟ ପଦ୍ମ ବାବୁ ଆଗପଛ କିଛି ବିଚାରୁ ନାହାନ୍ତି। ନିକଟରେ ବିରୋଧି ବିଜେଡିକୁ ଆକ୍ରମଣ କରି ପଦ୍ମ ବାବୁ କିଛି ଏମିତି ଶବ୍ଦ ବ୍ୟବହାର କରିଥିଲେ ତାହାକୁ ଖୋଦ୍ ତାଙ୍କରି ଦଳର କର୍ମୀମାନେ ପାଟିରେ ଧରିବାକୁ ପଛାଉ ନାହାନ୍ତି। ତାଙ୍କର ଶବ୍ଦ ବାଣ ବିରୋଧିଦଳ ନେତା ନବୀନ ପଟ୍ଟନାୟକଙ୍କ ପ୍ରତି ଥିଲା। ପଦ୍ମ ବାବୁଙ୍କ ଭାଷଣ ବେଳେ ତାଙ୍କରି ଦଳର ଅନେକ ଏହାକୁ ଉପଭୋଗ କରୁଥିଲେ ମଧ୍ୟ ସାଧାରଣରେ କେହି ଏହାକୁ ପ୍ରଶଂସା କରୁନାହାନ୍ତି। ଏପରିକି ତାଙ୍କରି ଦଳର ବିଧାୟକମାନେ ଏଭଳି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେବାକୁ ବି ପଛାଉଛନ୍ତି। ପଦ୍ମ ଦଳର କର୍ମୀଙ୍କ କହିବା କଥା ଯେ ପଦ୍ମ ବାବୁଙ୍କ ପାଇଁ ତାଙ୍କ ପଦ୍ମ ଦଳ ଏବେ ଅଡୁଆରେ ପଡୁଛି। ବାବୁ ନିଜ ସ୍ୱାର୍ଥ ପାଇଁ ଏବେ ଦଳକୁ ଖାଲରେ ପକାଇ ଦେଉଛନ୍ତି। ତେବେଣୁ ପଦ୍ମ ବାବୁଙ୍କ ନାଡ ସାଇଜ୍ ପାଇଁ କିଛି ପଦ୍ମଦଳିଆ ନେତା ଉପରକୁ ଜଣାଇଥିବା ସୂଚନା ମିଳୁଛି। ତେବେ ଅପେକ୍ଷା କେବେ ନାଡ କେବେ ଛୋଟ ହେଉଛି।

## ହୁଇସିଲ୍ ମାଷ୍ଟର ଅରୁଣ



ନୟାଗଡ ବିଧାୟକ ଡକ୍ଟର ଅରୁଣ ସାହୁ କିଛିଦିନ ହେଲା ଖାଲି ହୁଇସିଲ୍ ମାରୁଛନ୍ତି। କେତେବେଳେ ପାଟିରେ ହାତଦେଇ ମାରୁଛନ୍ତି ତ ଆଉ କେତେବେଳେ ବିନା ହାତରେ ବି ଶବ୍ଦ ସୃଷ୍ଟି କରୁଛନ୍ତି। ତେବେ ନିଜ ଦଳର ସଦସ୍ୟମାନେ ବିଧାନସଭା ମଝିରେ ହୋ ହଲ୍ଲା କରୁଥିବାବେଳେ ଅରୁଣ ବାବୁ ଟିକେ ଦୂରରେ ରହି କାହା ଉଦ୍ଦେଶ୍ୟରେ ଏଭଳି ହୁଇସିଲ ମାରୁଛନ୍ତି ତାହାକୁ ନେଇ ଏବେ ଆଲୋଚନା। ବିଜେଡି କିଛି ଦିନ ହେଲା ବିଧାନସଭାରେ ହଟଗୋଳ ଚଳାଇଛି। ହଟଗୋଳ ସମୟରେ ଗୃହକୁ ଆସୁଥିବା ଅରୁଣ ବାବୁ ପ୍ରଥମେ ସୁଗ୍ରିବ ଷ୍ଟାଇଲରେ ଆକ୍ରମଣ ବୋଲି କହି ଦଳୀୟ କର୍ମୀଙ୍କୁ ଉତ୍ସାହିତ କରୁଥିଲେ। ଅରୁଣଙ୍କ ଆହ୍ୱାନ ବି କାମ ଦେଉଥିଲା। ଅରୁଣଙ୍କ ଆକ୍ରମଣ ଶବ୍ଦ ଶୁଣିବାମାତ୍ରେ ଦଳୀୟ କର୍ମୀମାନେ ବାନର ସେନା ଭଳି ଖେଦି ଯାଉଥିଲେ। ହେଲେ ଏବେ ଅରୁଣ କିଛି କହିବା ବଦଳରେ ହୁଇସିଲ ମାରି ଉତ୍ସାହିତ କରୁଛନ୍ତି। ଏତେ ସଠିକ ଢଙ୍ଗରେ ହୁଇସିଲ ମାରୁଛନ୍ତି ଯେ ଶବ୍ଦ କେଉଁଆଡୁ ଆସୁଛି ତାହା ଅଧିକାଂଶ ସହଜରେ ଜାଣିପାରୁ ନାହାନ୍ତି। ଅରୁଣ ପାଠ ପଢିଲାବେଳେ ବାଣୀବିହାର ପରିସରରେ ଏମିତିକା ହୁଇସିଲ ମାରୁଥିବାର ନଜିର ରହିଥିବା ତାଙ୍କ ବନ୍ଧୁମାନେ କହୁଥିବାବେଳେ ଏତେ ଦିନ ପରେ ବିଧାନସଭାରେ କାହିଁକି ସେଭଳି ହୁଇସିଲ ମାରୁଛନ୍ତି ତାହା ଏବେ ଅନେକଙ୍କ ପାଇଁ ଆଲୋଚନାର ବିଷୟବସ୍ତୁ ପାଲଟିଛି।

## ପ୍ରମିଳାଙ୍କ ଆସ୍କା-୪୦ ବାଣ

ବିଧାନସଭା ବାହାରେ ବିରୋଧିଦଳ ମୁଖ୍ୟ ସଚେତକ ମାରିଛନ୍ତି ଆସ୍କା-୪୦ ବାଣ। ବାଣ ଠିକଣା ଜାଗାରେ ବାଜିଛି ବୋଲି ଏବେ ବିଜେଡି ମହଲରେ ଚର୍ଚ୍ଚା ହେଉଛି। ଜଣେ ବିଜେଡି ନେତାଙ୍କ କହିବାକଥା ଯେ ତାଙ୍କର ପୂର୍ବ ସାଥୀ ପାଢୀ ବାବୁ ଏବେ ଶାସକଦଳର ବିଧାୟକ। ଗତ କିଛି ଦିନ ଧରି ଦଳୀୟ ନେତାଙ୍କ ଗୁଡବୁକ୍‌ରେ ରହିବାପାଇଁ ନବୀନ ବାବୁଙ୍କୁ ଗାଳି ଦେଉଥିଲେ। ଅତ୍ୟନ୍ତ ନିମ୍ନ ରୁଚିର ଶବ୍ଦ ପ୍ରୟୋଗ କରୁଥିଲେ। ତାଙ୍କ ପାନେ ଦେବାପାଇଁ ବିଜେଡି ନେତାମାନେ ସୁଯୋଗ ଖୋଜୁଥିଲେ। ଯେହେତୁ ବିଧାନସଭା ଭିତରେ ବିଜେଡି ନେତାଏ ପ୍ରତିବାଦ ଜାରି ରଖିଛନ୍ତି, ତେଣୁ କହିବାର ସୁଯୋଗ ନଥିଲା। ସେଦିନ ବିରୋଧିଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବିଧାନସଭା ଗୃହ ବାହାରେ ମିଡିଆକୁ ବାଇଟ୍ ଦେଉଥାନ୍ତି। ଏତିକିବେଳେ ପାଢୀ ବାବୁ ତାଙ୍କ ନିକଟରେ ପହଞ୍ଚି କିଛି କହିବାପାଇଁ ଉଦ୍ୟମ କଲେ। ହେଲେ ମଉକାକୁ ହାତଛଡା କଲେନାହିଁ ପ୍ରମିଳା ମ୍ୟାଡାମ। ତୁରନ୍ତ ଗଣମାଧ୍ୟମକୁ ପ୍ରଶ୍ନ କଲେ ଏ ପାଢୀ ବାବୁଙ୍କର ଆସ୍କା-୪୦ ବେପାର ଅଛି କି ନାହିଁ ତାଙ୍କୁ ପଚାରନ୍ତୁ। ସିଏ ଆସ୍କା-୪୦ ପ୍ରଭାବରେ ଏଭଳି ମନ୍ତବ୍ୟ ଦେଉଛନ୍ତି। ପାଢୀ ବାବୁଙ୍କ ଏଭଳି ଆକ୍ରମଣର ଶିକାର ହେବେ ବୋଲି ଆଶା କରିନଥିଲେ। କ୍ୟାମେରା ଆଗରେ ଥତମତ ହୋଇଗଲେ। କଥାଟାକୁ ହାଲକା କରିବାପାଇଁ ପ୍ରମିଳାଙ୍କ ସହିତ ହାତ ମିଳାଇବାକୁ ହାତ ବଢାଇଲେ। ହେଲେ ପ୍ରମିଳା କିନ୍ତୁ ହାତ ଦେଖାଇଲେନି। ପ୍ରମିଳାଙ୍କର ଏହି ଆସ୍କା-୪୦ ବାଣ କୁଆଡେ ଜୋରରେ କାମ କରିଛି ବୋଲି ଚର୍ଚ୍ଚା ହେଉଛି।



ରାଜଧାନୀରେ ଦରିଦ୍ର୍ୟର କରୁଣ ଚିତ୍ର

# ନାବାଳିକା ଚାକରାଣୀକୁ ନିର୍ଯାତନା

### ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କଲା ରୁଚିକା

ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ)ଃ ରାଜଧାନୀରେ ଦାରିଦ୍ର୍ୟର କରୁଣ ଚିତ୍ର ଦେଖିବାକୁ ମିଳିଛି। ଜଣେ ନାବାଳିକାକୁ ଘରେ ଚାକରାଣୀ ଭାବେ କାମ କରାଇବା ସହ ନିର୍ଯାତନା ଦିଆଯାଉଥିଲା। ଏହି ୧୨ ବର୍ଷର ନାବାଳିକାକୁ ରୁଚିକା ସମାଜ ମଙ୍ଗଳ ସଂଗଠନ ଉଦ୍ଧାର କରିବା ସହ ପୁଲିସରେ ଅଭିଯୋଗ ଦାଖଲ ହୋଇଛି।

ସୂଚନାନୁଯାୟୀ, ଆଜି ଏହି ନାବାଳିକାଟି ଚନ୍ଦ୍ରଶେଖରପୁର ଅଞ୍ଚଳରେ ରାସ୍ତାରେ କାନ୍ଦି କାନ୍ଦି ଯାଉଥିବା ସମୟରେ ଜଣେ ସହୃଦୟ ବ୍ୟକ୍ତି ତାକୁ ଉଦ୍ଧାର କରି ରୁଚିକା ସମାଜ ମଙ୍ଗଳ ସଂଗଠନକୁ ଖବର ଦେଇଥିଲେ। ଖବର ପାଇ ରୁଚିକା ଏକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପର କର୍ମକର୍ତ୍ତା ଶିଶୁଟିକୁ ଉଦ୍ଧାର କରି ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଛନ୍ତି। ସେହି ଅଭିଯୋଗ ଆଧାରରେ ପୁଲିସ ଚନ୍ଦ୍ରଶେଖରପୁର ଥାନା ଅଧୀନସ୍ଥ କୈଳାଶ ବିହାର ଅଞ୍ଚଳର ଉମେଶ ଚନ୍ଦ୍ର ସାମଲ ନାମକ ଜଣେ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି। ଝିଅଟିକୁ ଡାକ୍ତରୀ ମାଇନା କରି ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଛି। ଏଥିରେ ପୁଲିସକୁ ସହାୟତା କରୁଛନ୍ତି ରୁଚିକା କର୍ମକର୍ତ୍ତା ହରପ୍ରିୟା ପତି, ଘନଶ୍ୟାମ ଭୋଇ ଓ ଅଜୟ କୁମାର ମହାରଣା। ନାବାଳିକାର ଅଭିଯୋଗ ଅନୁଯାୟୀ, ତା'ର ଘର କେଉଁଝର ଜିଲ୍ଲାରେ ହୋଇଥିବା ବଳେ ଦାରିଦ୍ର୍ୟ କାରଣରୁ ପରିବାର ଦୁଃଖକଷ୍ଟରେ ଚାଲୁଥିଲା। ଏହାର ସୁଯୋଗ ନେଇ ଶ୍ରୀ ସାମଲ ନାବାଳିକାକୁ ଚାଲାଣ କରି ଆଣି ନିଜ ଘରେ ଘରୋଇ ଚାକରାଣୀ ଭାବେ ପ୍ରାୟ ଦେଢ଼ ବର୍ଷ ହେବ ରଖିଥିଲେ। ପାରିଶ୍ରମିକ ବାବଦକୁ ତା'ର ବାପାଙ୍କୁ ମାସିକ ଦୁଇ ହଜାର ଟଙ୍କା ଦେଉଛନ୍ତି। ଘରର ସବୁ କାମ କରିବା ପରେ ମଧ୍ୟ କୌଣସି ଆଳ ଦେଖାଇ ନାବାଳିକାକୁ ଉମେଶ ପରିବାର ନିସ୍ତୁକ ପିଟୁଥିଲେ ଓ ତତଲା ଲୁହା ଖଡ଼ିକାରେ ଚେଙ୍କ ଦେଇଥିଲେ। ଆଜି ତାଙ୍କର ମାଡ଼ ସାହି ନ ପାରି ଝିଅଟି ଘରୁ ପଳାଇ ଆସି ବାଟରେ କାନ୍ଦି କାନ୍ଦି ଆସୁଥିବା ସମୟରେ ଲୋକମାନେ ଦେଖି ତାକୁ ଉଦ୍ଧାର କରିଥିଲେ। ନାବାଳିକାର ଶରୀରର ବହୁ ସ୍ଥାନରେ ମାଡ଼ ଓ ଚେଙ୍କ ଦାଗ ଥିବା ଦେଖିବାକୁ ମିଳିଛି। ରୁଚିକା ପକ୍ଷରୁ ଏହି ଘଟଣାରେ ଥାନାରେ ଏତଲା ଦିଆଯିବା ସଙ୍ଗେ ସଙ୍ଗେ ନାବାଳିକାର ଥଇଥାନ ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ସେନାପତି କହିଛନ୍ତି।



## ଆଗାମୀ ୫ଦିନ ରାଜ୍ୟରେ ବର୍ଷା ସମ୍ଭାବନା




ଭୁବନେଶ୍ୱର, ୨୯।୩ (ସଂଚାର ବ୍ୟୁରୋ) ଃ ରାଜ୍ୟରେ ଖରା, ଗରମ ଗୁଳୁଗୁଳି ଅନୁଭୂତ ହେଉଛି । କାଁଭାଁ କୋହଲିଆ ପାଗ ରହିଥିବା ବେଳେ ଆହୁରି ୫ ଦିନ ବର୍ଷାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଉତ୍ତର ଓଡିଶା ଓ ପାର୍ଶ୍ୱବର୍ତ୍ତି ଅଂଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଥିବାବେଳେ ଏହାର ପ୍ରଭାବରେ ରାଜ୍ୟରେ ୫ଦିନ ଯାଏ ବଜ୍ରପାତ ସହ ପବନ ବର୍ଷା ସମ୍ଭାବନା ରହିଛି ।

ଆସନ୍ତା ୨୪ ଘଣ୍ଟାରେ କୋରାପୁଟ, ମାଲକାନଗିରି, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ବାଲେଶ୍ୱର, ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଏବଂ ୩୦ ରୁ ୪୦କିମି ଝଟକା ପବନର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ଆସନ୍ତାକାଲି କୋରାପୁଟ, ମାଲକାନଗିରି, ମୟୁରଭଞ୍ଜ ଓ କେନ୍ଦୁଝର ଏହି ୪ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଏବଂ ୩୦ ରୁ ୪୦ କିମି ଝଟକା ପବନର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏପ୍ରିଲ ୨ତାରିଖ ଯାଏଁ ବିଜୁଳି ଘଡଘଡି ସହ ବର୍ଷା ବଜ୍ରପାତର ସମ୍ଭାବନା ଥିବାବେଳେ କିଛି ଜିଲ୍ଲାରେ ୟେଲୋ ୱାର୍ଣ୍ଣିଂ ରହିଥିବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

୩ ସହରରେ ୩୯ ଡିଗ୍ରୀ ତାପମାତ୍ରା ସହ ଟିଟିଲାଗଡରେ ତାପମାତ୍ରା ୪୦ ଡିଗ୍ରୀ ଟପିଥିବାବେଳେ ତାତିର ତାଉରେ ସିଜୁଛି ପଶ୍ଚିମ ଓଡ଼ିଶା । ବର୍ଦ୍ଧିତ ତାପମାତ୍ରାକୁ ନେଇ ୨ ଦିନ ମଧ୍ୟରେ ତାପମାତ୍ରା ୪୨ଡିଗ୍ରୀ ଛୁଇଁପାରେ ବୋଲି ଆକଳନ କରିଛି ପାଣିପାଗ ବିଭାଗ। କାରଣ ୪୦ଡିଗ୍ରୀ ଉପରେ ବର୍ତ୍ତମାନର ତାପମାତ୍ରା ରହିଥିବାବେଳେ ଆଗାମୀ ୨ଦିନରେ ଦିନର ତାପମାତ୍ରା ୨ ରୁ ୩ ଡିଗ୍ରୀ ବଢିବାର ସମ୍ଭାବନା ରହିଛି । ଏହାକୁ ନେଇ ରାଜ୍ୟରେ ୨ ଦିନ ମଧ୍ୟରେ ତାପମାତ୍ରା ୪୨ ରୁ ୪୩ ଡିଗ୍ରୀ ଛୁଇଁବ ବୋଲି ଆକଳନ କରିଛି ବିଭାଗ। ସେପଟେ ପାଣିପାଗ ବିଶେଷଜ୍ଞ କହିଛନ୍ତି ଓଡ଼ିଶା ଉପକୂଳକୁ ଦକ୍ଷିଣ ପଶ୍ଚିମ ଦିଗରୁ ପବନ ବହୁଛି । ୪ ଯାଏଁ ତାପମାତ୍ରା ବଢ଼ି ପାରେ । ୪୦ ଯାଏଁ ତାପମାତ୍ରା ବୃଦ୍ଧି ସମ୍ଭାବନା ରହୁଛି । କାଳବୈଶାଖୀ ପ୍ରଭାବ ଉପକୂଳରେ ଅଧିକ ରହିଛି । ଅଧିକାଂଶ ମୟୂରଭଞ୍ଜ,କେଉଁଝର , ବାଲେଶ୍ୱର , ଯାଜପୁର, ଅନୁଗୁଳ, କନ୍ଧମାଳରେ ବିଶେଷ ପ୍ରଭାବ ରହି ପାରେ । ସେପଟେ ଗତ ୨୪ଘଣ୍ଟାରେ ୪ ଟି ସ୍ଥାନରେ ବର୍ଷା ହୋଇଥିବାବେଳେ କନ୍ଧମାଳ କେ ନୂଆଗାଁରେ ସର୍ବାଧିକ ୧୧ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ୩ ଟି ସ୍ଥାନରେ ୩୯ ଡିଗ୍ରୀ ଉପରେ ତାପମାତ୍ରା ରେକର୍ଡ ହୋଇଥିବାବେଳେ ଟିଟିଲାଗଡ଼ରେ ୪୦.୫ଡିଗ୍ରୀ ସର୍ବାଧିକ ତାପମାତ୍ରା ରେକର୍ଡ଼ ହୋଇଛି ।

## ଭିଜିଲାନ୍ସ ଜାଲରେ ଆରଆଇ



କଟକ, ୨୯।୩ (ସଂଚାର ବ୍ୟୁରୋ) ଃ ଭିଜିଲାନ୍ସ ଜାଲରେ ଆରଆଇ । କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ରାଜସ୍ୱ ନୀରିକ୍ଷକ ରାଜାରାମ ବିନ୍ଦ୍ରା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ପଞ୍ଝାରେ ପଡ଼ିଛନ୍ତି । ଭିଜିଲାନ୍ସ ପକ୍ଷରୁ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଚଢାଉ ଚାଲିଛି। ଖବର ଅନୁଯାୟୀ, ଟାଙ୍ଗୀ-ଚୌଦ୍ୱାରା ରାଜସ୍ୱ ନୀରିକ୍ଷଣ ରାଜାରାମ ବିନ୍ଦ୍ରା ଏକ ପତିତ ଜମିକୁ ଘରବାରୀ କରିବାକୁ ଲାଞ୍ଚ ନେଉଥିଲେ । ଜଣେ ବ୍ୟକ୍ତିଙ୍କ ଠାରୁ ଦାବି ମୁତାବିକ ୩୦ ହଜାର ଟଙ୍କାର ଲାଞ୍ଚ ନେଉଥିଲେ। ଠିକ୍ ଏହି ସମୟରେ ପୂର୍ବ ସୂଚନା ଆଧାରରେ ଚଢାଉ କରିଥିଲେ ଭିଜିଲାନ୍ସ । ଆଉ ଟଙ୍କା ନେବା ସମୟରେ ଆରଆଇଙ୍କୁ ଧରିଥିଲା । ଏହାସହ ଲାଞ୍ଚ ଟଙ୍କାକୁ ମଧ୍ୟ ଜବତ କରିଛି ।

## ଜମି ପାଇଁ ବଡ଼ ଭାଇକୁ ଦୁଇ ଭାଇ ମିଶି ଟାଙ୍ଗିଆରେ ହାଣିଲେ



ନାରାୟଣପାଟଣା , ୨୯।୩ (ସଂଚାର ବ୍ୟୁରୋ) ଃ ଜମି ବିବାଦରୁ ଭାଇ ହେଲା ଶତ୍ରୁ । ବଡ଼ ଭାଇଙ୍କୁ ମିଶି ହତ୍ୟା କଲେ ଦୁଇ ଭାଇ । କୋରାପୁଟ ଜିଲ୍ଲା ନାରାୟଣପାଟଣା ଥାନା ଅନ୍ତର୍ଗତ ତେନ୍ତୁଳିପଦର ପଞ୍ଚାୟତର କେନ୍ଦୁମୁଣ୍ଡା ଗାଁରେ ଘଟିଛି ଏଭଳି ହତ୍ୟାକାଣ୍ଡ । ହତ୍ୟାକାରୀ ଦୁଇ ଭାଇ ଗିରଫ । ସୂଚନାଯୋଗ୍ୟ ଯେ, ଗତ ୨୬ ତାରିଖ ଦିନ କୋରାପୁଟ ଜିଲ୍ଲା ନାରାୟଣପାଟଣା ଥାନା ଅନ୍ତର୍ଗତ ତେନ୍ତୁଳିପଦର ପଞ୍ଚାୟତର କେନ୍ଦୁମୁଣ୍ଡା ଗାଁର ପାଲୁସୁ ହୁଇକା ଦୁଇ ଶହ ଟଙ୍କା ସାନ ଭାଇକୁ ଧାର ଦେଇଥିଲେ । ଉକ୍ତ ଟଙ୍କା ମାଗିବାକୁ ଯିବାରୁ ବଚସା ଆରମ୍ଭ ହୋଇଥିଲା । ଶେଷରେ ଏକ ଟାଙ୍ଗିଆ ସାହାଯ୍ୟରେ ଦୁଇ ଭାଇ ମିଶି ବଡ ଭାଇଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ ସହ ଦୁଇ ଭାଇ ଗିରଫ ହୋଇଛନ୍ତି ।

## ଜେଲରୁ କଏଦୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

### ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ



ପୁରୀ,୨୯।୩(ସଂଚାର ବ୍ୟୁରୋ)ଃପୁଣି ଜେଲରେ ଜଣେ କଏଦୀଙ୍କ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି। ପୁରୀ ଜେଲରେ ବିଚାରାଧୀନ କଏଦୀଙ୍କର ମୃତ୍ୟୁ ହୋଇଛି। ପୁରୀ ବାଙ୍ଗର ଜେଲରେ ଥିବା ଉକ୍ତ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଉଛନ୍ତି ସାକ୍ଷୀଗୋପାଳ ଡାହାଣ କୁମ୍ଭାରପଡ଼ାର ଦିପ୍ତୀରଞ୍ଜନ ସ୍ୱାଇଁ। ସେ ଗତ ୨୦୨୩ରୁ ଜେଲରେ ରହିଛନ୍ତି। ଏକ ଦୁଷ୍କର୍ମ ଅଭିଯୋଗ ରେ ଜେଲ ଯାଇଥିଲେ ଦିପ୍ତୀରଞ୍ଜନ। ରବିବାର ଝୁଲନ୍ତା ଅବସ୍ଥାରେ ତାଙ୍କର ମୃତଦେହ ଉଦ୍ଧାର କରିଛନ୍ତି ଜେଲ କର୍ତ୍ତୃପକ୍ଷ। ମୃତଦେହକୁ ଉଦ୍ଧାର କରି ପୁରୀ ମେଡିକାଲରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପରିବାର ଲୋକେ ଖବର ପାଇ ମେଡିକାଲରେ ପହଞ୍ଚିଛନ୍ତି। ତେବେ ସେ ଆତ୍ମହତ୍ୟା କରିନାହାନ୍ତି ବରଂ ହତ୍ୟା କରାଯାଇତିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ପରିବାର ଲୋକଙ୍କୁ ପୁଲିସ ବୁଝାଉଥିବାବେଳେ ଏବେ ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି।

## ମଦ ପାଇଁ ହତ୍ୟାଃ ପ୍ରଥମେ ହାଣିଲା, ପରେ ଛେଚିଲା



ପୁରୀ, ୨୯।୩ (ସଂଚାର ବ୍ୟୁରୋ) ଃ ମଦ ପାଇଁ ସାଙ୍ଗ ପାଲଟିଗଲା ସୈତାନ । ମଦ ମିଳିଲାନି ବୋଲି ସାଙ୍ଗକୁ ଅତି ନିର୍ମମ ଭାବେ ହତ୍ୟା କଲା ସାଙ୍ଗ । ଶୁକ୍ରବାର ବିଳମ୍ବିତ ରାତିରେ ପୁରୀ ସମୁଦ୍ର କୂଳ ଥାନା ଅନ୍ତର୍ଗତ ପେଣ୍ଠକଟା ତାରିଣୀ ବସ୍ତିରେ ଘଟିଥିବା ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାଶ କରିଛି ପୁରୀ ପୁଲିସ । ମୁଖ୍ୟ ଅଭିଯୁକ୍ତ ତାରିଣୀ ବସ୍ତିର ଗୋବିନ୍ଦ ପାଇକରାୟକୁ ସମୁଦ୍ରକୂଳ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଠାରୁ ପୁଲିସ ଗୋଟିଏ ଚାପଡ, ଦୁଇଟି ମୋବାଇଲ ଫୋନ୍ ପୁଲିସ ଜବତ କରିଛି ।

ପୁରୀ ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଗତ ଶୁକ୍ରବାର ରାତିରେ ତପୁ, ଗୋବିନ୍ଦ ଓ ଅନ୍ୟ ସାଙ୍ଗ ଚାରି ଜଣ ଏକାଠି ହୋଇ ରେଳ ଷ୍ଟେସନ ଠାରେ ମଦ୍ୟପାନ କରିଥିଲେ । ପରେ ଆହୁରି ମଦ ଆଣିବା ପାଇଁ ତପୁ କହିବାରୁ ଗୋବିନ୍ଦ ମଦ ଯୋଗାଇ ଦେବ ବୋଲି କହିଥିଲା। ତେବେ ଗୋବିନ୍ଦ ମଦ ଆଣି ନ ପାରିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଗୋବିନ୍ଦ ଉତକ୍ଷିପ୍ତ ହୋଇ ଘର ଭିତରୁ ଏକ ଚାପଡ ଆଣି ତପୁ ଓ ବବୁଲ୍‌କୁ ମରଣାନ୍ତକ ଆକ୍ରମଣ କରିଥିଲା। ତପୁ ବାଲି ଉପରେ ମୁହଁ ମାଡି ପଡିଯିବାରୁ ଗୋବିନ୍ଦ ଏକ ପଥରରେ ତପୁ ମୁଣ୍ଡକୁ ଛେଚି ଦେଇଥିଲା। ଘଟଣାସ୍ଥଳରେ ହିଁ ତପୁର ମୃତ୍ୟୁ ହୋଇଥିଲା। ସେହିପରି ବବୁଲ୍ ଗୁରୁତର ଅବସ୍ଥାରେ ଘଟଣାସ୍ଥଳରୁ ଖସି ଆସିଥିଲା। ତାକୁ ସ୍ଥାନୀୟ ଲୋକ ପ୍ରଥମେ ପୁରୀ ଓ ପରେ କଟକ ଏସସିବିରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି । ଏହି ଘଟଣାକୁ ପୁଲିସ ଅତି ଗୁରୁତ୍ୱର ସହ ନେଇ ତଦନ୍ତ ଚଳାଇଥିଲା। ତେବେ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି ପୁଲିସ । ହତ୍ୟା ଘଟଣାର ପର୍ଦ୍ଦାଫାଶ କରିବା ପୁରୀ ପୁଲିସ ପାଇଁ ବଡ଼ ସଫଳତା ମିଳିଛି ବୋଲି ଏସ୍‌ପି କହିଛନ୍ତି ।

## ୨ଟ୍ରକ୍ ଦୁର୍ଘଟଣାଗ୍ରସ୍ତଃ ପଶିଗଲା ବାଉଁଶ ଜଣେ ଗୁରୁତର

ଭୁବନେଶ୍ୱର, ୨୯।୩ (ସଂଚାର ବ୍ୟୁରୋ) ଃ ଚନ୍ଦ୍ରଶେଖରପୁରରେ ବାଉଁଶ ବୋଝେଇ ଟ୍ରକକୁ ପିଟିଲା ବାଲି ବୋଝେଇ ଟ୍ରକ୍। ଏହି ଦୁର୍ଘଟଣାରେ ବାଲି ବୋଝେଇ ଟ୍ରକ କାଚ ଭିତରେ ପଶିଗଲା ବାଉଁଶ । ଯାହାଫଳରେ ଟ୍ରକ ଡ୍ରାଇଭର ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ଡ୍ରାଇଭରଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି । ଖବର ଅନୁଯାୟୀ, ରବିବାର ଭୋର ସମୟରେ ଚନ୍ଦ୍ରଶେଖରପୁର ଛକ ନିକଟରେ ଘଟିଛି ଭୟଙ୍କର ଦୁର୍ଘଟଣା । ଏକ ବାଉଁଶ ବୋଝେଇ ଟ୍ରକକୁ ଭାରସାମ୍ୟ ହରାଇ ଧକ୍କା ଦେଇଛି ବାଲି ବୋଝେଇ ଟ୍ରକ୍। ଯାହାଫଳରେ ବାଲି ବୋଝେଇ ଟ୍ରକର କାଚ ଭାଙ୍ଗି ଭିତରକୁ ପଶିଯାଇଛି ବାଉଁଶ ।

ସଭିଙ୍କ ପ୍ରିୟ ଥିଲା ରାମୁ

## ପ୍ରଦର୍ଶିତ ହେବ ରାମୁ କଙ୍କାଳ

### ଗୋଡ଼ିବାରୀରେ ଚାଲିଛି ପ୍ରସ୍ତୁତି





ଭୁବନେଶ୍ୱର, ୨୯।୩ (ସଂଚାର ବ୍ୟୁରୋ) ଃ ହାତୀ ପ୍ରେମୀଙ୍କ ପାଇଁ ଖୁସି ଖବର। ଆଜି ଡିସ୍‌ପ୍ଲେ ହେବ ରାମୁ କଙ୍କାଳ। କବରରୁ ବାହାର କରାଯିବ ପରେ କଙ୍କାଳର ରାସାୟନିକ ପ୍ରକ୍ରିୟାକରଣ ସରିଛି। ଚନ୍ଦକା ଡମପଡ଼ା ଅଭୟାରଣ୍ୟର ମୁଖ୍ୟ ଫାଟକ ଗୋଡ଼ିବାରିରେ ଏହି କଙ୍କାଳ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶିତ ହେବ ।

ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ଅନ୍ତର୍ଗତ ଭରତପୁରରେ ରାମୁ ଥିଲା ଏକ ବଳଶାଳୀ ହାତୀ । ପ୍ରାୟ ୩୫ବର୍ଷ ପୂର୍ବେ ଏହି ଜଙ୍ଗଲରେ ରାମୁ ଜନ୍ମ ନେଇଥିଲା । ଭରତପୁର, ଅନ୍ଧାରୁଆ, ମାଳିମ ଠାକୁରାଣୀ ରାସ୍ତା, ମଳିପଡ଼ା, ଶାମପୁର, ଗୋଠପାଟଣା ତଥା ଖୋର୍ଦ୍ଧା ଡିଭିଜନ ଅଞ୍ଚଳକୁ ନିୟମିତ ବ୍ୟବଧାନରେ ଯିବା ଆସିବା କରୁଥିଲା। ଜଙ୍ଗଲରେ ଖାଦ୍ୟ ଅଭାବ ଯୋଗୁଁ ଲୋକଙ୍କ ବାଡ଼ି ବଗିଚାରେ ପଶି ଫସଲ ନଷ୍ଟ କରୁଥିଲା। କେବଳ ପେଟ ପାଇଁ ଏହି ବିଶାଳକାୟ ପଶୁ ଏତକ ନାଟ କରୁଥିଲା। ଭରତପୁର ଜଙ୍ଗଲରୁ ବାହାରି ସେ ଲୋକଙ୍କ ପାଖ ଦେଇ ଯିବା ଆସିବା କରେ । ହେଲେ ଲୋକଙ୍କୁ କେବେ ଆକ୍ରମଣ ତ ଦୂରେ ଥାଉ, କେବେବି ଆଡ଼ ଆଖିରେ ଅନାଏ ନାହିଁ। ତେଣୁ 'ରାମୁ' ବନ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ସଭିଙ୍କ ପ୍ରିୟ ଥିଲା ।

ସୂଚନାଥାଉକି, ଚନ୍ଦକା ଅଭୟାରଣ୍ୟର ଶୋଭା ବର୍ଦ୍ଧନ କରୁଥିବା ବିଶାଳକାୟ ଦନ୍ତା ହାତୀ ରାମୁ ଯେତିକି ଆତଙ୍କ ରଚୁଥିଲା, ସେତିକି ଲୋକଙ୍କର ପ୍ରିୟ ଥିଲା । ରାଜଧାନୀ ଉପକଣ୍ଠରେ ଜନବସତି ଭିତରେ ପଶି ଲୋକଙ୍କ ବାଡ଼ିବଗିଚା ନଷ୍ଟଭ୍ରଷ୍ଟ କରୁଥିଲେ ମଧ୍ୟ କେବେ ବି ଲୋକଙ୍କୁ ଆକ୍ରମଣ କରି ନଥିଲା । ଗତବର୍ଷ ଅଗଷ୍ଟ ୧୯ରେ ଭରତପୁର ଜଙ୍ଗଲ ଚୁନକୋଳି ବସ୍ତି ନିକଟରେ ବିଦ୍ୟୁତ୍ ଆଘାତରେ ରାମୁ ହାତୀର ମୃତ୍ୟୁ ଘଟିଥିଲା । ରାମୁ ହାତୀର କଙ୍କାଳ ସଂରକ୍ଷଣ କରି ରଖିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଥିଲା। ଶେଷରେ ବିଭାଗୀୟ ଅନୁମତି ମିଳିବା ପରେ ସଂରକ୍ଷଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କବର ଖୋଳାଯାଇ ରାମୁର କଙ୍କାଳ ଉଦ୍ଧାର କରାଯାଇଥିଲା। କଙ୍କାଳ ଉଦ୍ଧାର ପରେ ସେ ସବୁକୁ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ମୁଖ୍ୟ ଫାଟକ ଗୋଡ଼ିବାରୀକୁ ନିଆଯିବ। ସେଠାରେ କଙ୍କାଳ ସବୁକୁ ଖଞ୍ଜାଯିବା ପରେ କେମିକାଲ ଦିଆଯାଇ ଏକ କାଚ ଘରେ ରଖାଯିବ । ରାମୁ ହାତୀର ଏହି କଙ୍କାଳ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶିତ ହେବ।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

ଇଣ୍ଡିଗୋ ସଂକଟ ପରେ ସରକାର ସତର୍କ

# ଗ୍ରୀଷ୍ମଋତୁରେ ଏୟାରଲାଇନ୍ସ କମ୍ ଉଡ଼ାଣ ସଞ୍ଚାଳନ କରିବ

ନୂଆଦିଲ୍ଲୀ, ୨୯।୩ଃ ଗତବର୍ଷ ଡିସେମ୍ବର ମାସରେ ଇଣ୍ଡିଗୋରେ ଉପୁଜିଥିବା ପରିଚାଳନା ବ୍ୟବଧାନ ଯୋଗୁ ସରକାର ସତର୍କ ହୋଇ ଯାଇଛନ୍ତି। ବେସାମରିକ ବିମାନ ଚଳାଚଳ ବିଭାଗ ଅଧିକାରୀ ଉଡାଣ ସଂଖ୍ୟା ମଞ୍ଜୁରୀ ନିମନ୍ତେ ସତର୍କ ଆଭିମୁଖ୍ୟ ଆପଣେଇଛନ୍ତି। ଏଣୁ ଏଥର ଗ୍ରୀଷ୍ମ ଋତୁରେ ଏୟାରଲାଇନ୍ସ କମ୍ ଉଡାଣ ସଞ୍ଚାଳନ କରିବେ। ଏକ ବରିଷ୍ଠ ସୂତ୍ରରୁ ମିଳୁଥିବା ସୂଚନା ଅନୁସାରେ ବେସାମରିକ ବିମାନ ଚଳାଚଳମନ୍ତ୍ରାଳୟ ଓ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଚାହାନ୍ତିନି ଦେଶରେ ଆଉଥରେ ଡିସେମ୍ବରର ଇଣ୍ଡିଗୋ ଭଳି ପରିସ୍ଥିତି ସୃଷ୍ଟି ହେଉ।

ସୂତ୍ରରୁ ମିଳୁଥିବା ସୂଚନା ଅନୁସାରେ ଏୟାର ଲାଇନ କମ୍ପାନୀଙ୍କ ଗ୍ରୀଷ୍ମ କାଳୀନ କାର୍ଯ୍ୟକ୍ରମରେ ବିମାନ, ପାଇଲଟ ଓ ଅନ୍ୟ ଜରୁରି ସଂସାଧନର ଉପଲବ୍ଧତାକୁ ଧ୍ୟାନରେ ରଖି ଉଡାଣ ମଞ୍ଜୁରି ଦିଆଯାଇଛି । ଏଣୁ ଗ୍ରୀଷ୍ମକାଳୀନ କାର୍ଯ୍ୟକ୍ରମରେ ଏୟାରଲାଇନ୍ସ ଘରୋଇ ଗନ୍ତବ୍ୟରେ ଗତବର୍ଷର



ଏହି ଅବଧି ତୁଳନାରେ ଅନୁନ୍ୟ ୧୦% କମ ଉଡାଣ ସଞ୍ଚାଳନ କରିବେ। ସେହି ଅନୁସାରେ ଡିଜିସିଏ ୨୯ ମାର୍ଚ୍ଚରୁ ୨୪ ଅକ୍ଟୋବର ପର୍ଯ୍ୟନ୍ତ ୯ଟି ସିଡ୍ୟୁଲଡ ଏୟାରଲାଇନ କମ୍ପାନୀଙ୍କ ଲାଗି ଘରୋଇ ଗ୍ରୀଷ୍ମକାଳୀନ ଉଡାଣ କାର୍ଯ୍ୟକ୍ରମ ଜାରି କରିଛନ୍ତି। ଗତବର୍ଷ ଅର୍ଥାତ ୨୦୨୫ ମସିହା ଗ୍ରୀଷ୍ମକାଳୀନ କାର୍ଯ୍ୟକ୍ରମରେ ପ୍ରତି ସପ୍ତାହ ୨୫,୬୧୦ଟି ଉଡାଣ ଥିଲା। ହେଲେ ଏ ବର୍ଷ ୧୦% ହ୍ରାସ କାରଣରୁ ପାଖାପାଖି ୨,୫୬୧ ଉଡାଣ ହ୍ରାସ ହେବ ଓ ମୋଟ ସାପ୍ତାହିକ ଉଡାଣ ସଂଖ୍ୟା ପାଖାପାଖି ୨୩,୦୪୯ଟି ରହିବ। ସୂତ୍ର ଅନୁସାରେ ଅଧିକାରୀ ଏଥର ଘରୋଇ ଗ୍ରୀଷ୍ମକାଳୀନ କାର୍ଯ୍ୟକ୍ରମକୁ ମଞ୍ଜୁରୀ ଦେବାରେ ସାମାନ୍ୟ ସାବଧାନତା ଅବଲମ୍ବନ କରିଛନ୍ତି। ସେ କହିଛନ୍ତି ଯେ ଯେବେ ଏୟାରଲାଇନସଙ୍କ ପର୍ଯ୍ୟାପ୍ତ ପାଇଲଟ ଓ ବିମାନ ଉପଲବ୍ଧ ଥିବ ସେବେ ଉଡାଣ ସଂଖ୍ୟା ବଢାଇବାକୁ ମଞ୍ଜୁରୀ ଦିଆଯାଇ ପାରିବ।

ଡିସେମ୍ବର ୨୦୨୫ରେ ଇଣ୍ଡିଗୋରେ ବଡ଼ ଧରଣର ପରିଚାଳନା ସଂକଟ ଉପୁଜିଥିଲା। ଏଣୁ ଶହଶହ ଉଡାଣ ବାତିଲ କରିବାକୁ ପଡିଥିଲା। ଏହା ପରେ ଡିଜିସିଏ ଏୟାରଲାଇନ୍ସଙ୍କ ଶୀତକାଳୀନ କାର୍ଯ୍ୟକ୍ରମରେ ୧୦% ଉଡାଣ ହ୍ରାସ କରିଥିଲେ। ଏବେ ଗ୍ରୀଷ୍ମ କାଳୀନ କାର୍ଯ୍ୟକ୍ରମରେ ଇଣ୍ଡିଗୋ ଦୈନିକ ପାଖାପାଖି ୨୦୦୦ ଉଡାଣ ସହିତ ଏପ୍ରିଲ ଆରମ୍ଭ କରିବା ପାଇଁ ଯୋଜନା କରୁଛି।



# ରେମଣ୍ଡର ପୂର୍ବତନ ଅଧ୍ୟକ୍ଷ ବିଜୟପତ ସିଂଘାନିଆଙ୍କ ପରଲୋକ

ମୁମ୍ବାଇ,୨୯।୩ଃରେମଣ୍ଡ ଗ୍ରୁପର ପୂର୍ବତନ ଅଧ୍ୟକ୍ଷ ଏବଂ ଜଣେ ପ୍ରବୀଣ ଶିଳ୍ପପତି ବିଜୟପତ ସିଂଘାନିଆଙ୍କର ଶନିବାର ସାରେ ମୁମ୍ବାଇରେ ୮୭ ବର୍ଷ ବୟସରେ ଦେହାନ୍ତ ହୋଇଛି। ତାଙ୍କ ପରିବାର ଏହି ଖବରକୁ ନିଶ୍ଚିତ କରିଛନ୍ତି। ତାଙ୍କ ପୁଅ ଗୌତମ ସିଂଘାନିଆ – ବର୍ତ୍ତମାନର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ – ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏହି ସୂଚନା ଶେୟାର କରିଛନ୍ତି। ରେମଣ୍ଡ ଗ୍ରୁପର ଜଣେ ମୁଖପାତ୍ରଙ୍କ ଅନୁଯାୟୀ, ତାଙ୍କର ମୁମ୍ବାଇରେ ଦେହାନ୍ତ ହୋଇଛି ଏବଂ ତାଙ୍କର ଶେଷକୃତ୍ୟ ରବିବାର କରାଯିବ। ୨୦୧୫ମସିହାରେ, ବିଜୟପତ ସିଂଘାନିଆ ରେମଣ୍ଡ ଗ୍ରୁପରେ ତାଙ୍କର ସମ୍ପୂର୍ଣ୍ଣ ୩୭ପ୍ରତିଶତ ଅଂଶଧନ ତାଙ୍କ ପୁଅ ଗୌତମ ସିଂଘାନିଆଙ୍କୁ ହସ୍ତାନ୍ତର କରିଥିଲେ। ସେବେଠାରୁ, କମ୍ପାନୀର ଦାୟିତ୍ୱ ସମ୍ପୂର୍ଣ୍ଣ ଭାବରେ ଗୌତମଙ୍କ ହାତରେ ରହିଛି। ବିଜୟପତ ସିଂଘାନିଆ ୧୯୮୦ମସିହାରେ ରେମଣ୍ଡ ଗ୍ରୁପର ନେତୃତ୍ୱ ଗ୍ରହଣ କରିଥିଲେ ଏବଂ ପ୍ରାୟ ୨୦ ବର୍ଷ ପର୍ଯ୍ୟନ୍ତ ଏହାର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ। ୨୦୦୦ମସିହା ସୁଦ୍ଧା, ସେ ଦେଶର ପ୍ରମୁଖ କପଡ଼ା ବ୍ରାଣ୍ଡ ମଧ୍ୟରୁ ଗୋଟିଏ ଭାବରେ କମ୍ପାନୀକୁ ପ୍ରତିଷ୍ଠା କରିଥିଲେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ବିଜୟପତ ସିଂଘାନିଆ ପ୍ରାୟ ୧୨,୦୦୦ କୋଟି ଟଙ୍କାର ସମ୍ପତ୍ତି ଛାଡି ଯାଇଛନ୍ତି। ତଥାପି, ତାଙ୍କ ଜୀବନକାଳ ମଧ୍ୟରେ, ସେ ତାଙ୍କ କମ୍ପାନୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶଧନ ତାଙ୍କ ପୁଅକୁ ହସ୍ତାନ୍ତର କରିସାରିଥିଲେ। ୧୯୯୧ ମସିହାର ଆର୍ଥିକ ଉଦାରୀକରଣ ପୂର୍ବରୁ ମଧ୍ୟ, ସେ କମ୍ପାନୀକୁ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିଥିଲେ, ଯାହା ନିଶ୍ଚିତ କରିଥିଲା ଯେ ରେମଣ୍ଡ ଏକ ପରିବର୍ତ୍ତିତ ବଜାର ଦୃଶ୍ୟପଟରେ ଏକ ଦୃଢ଼ ଉପସ୍ଥିତି ରହିବ। କିଛି ବର୍ଷ ପୂର୍ବେ, ବିଜୟପତ ସିଂଘାନିଆ ଏବଂ ଗୌତମ ସିଂଘାନିଆଙ୍କ ମଧ୍ୟରେ ସମ୍ପତ୍ତି ଏବଂ କମ୍ପାନୀ ସମ୍ପର୍କରେ ଏକ ଆଇନଗତ ବିବାଦ ମଧ୍ୟ ଦେଖାଦେଇଥିଲା। ତଥାପି, ପରବର୍ତ୍ତୀ ସମୟରେ ଉଭୟ ଏକ ସମାଧାନରେ ପହଞ୍ଚିଥିଲେ ଏବଂ ଏହି ମାମଲାର ସମାଧାନ ହୋଇଥିଲା।

# ପଶ୍ଚିମ ଏସିଆ ଯୁଦ୍ଧ ପାଇଁ ଭାରତରେ କଣ୍ଡୋମ୍ ଅଭାବ



ନୂଆଦିଲ୍ଲୀ, ୨୯।୩ଃ ଭାରତରେ ତେଲ ଓ ଗ୍ୟାସ ପରେ ଏବେ କଣ୍ଡୋମ ଦର ବଢ଼ିବାର ଆଶଙ୍କା ଦେଖା ଦେଇଛି। କାରଣ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଯୋଗାଣ ଶୃଙ୍ଖଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଫଳରେ କଣ୍ଡୋମ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଥିବା କଞ୍ଚାମାଲ ଆମଦାନୀ ହୋଇପାରୁ ନାହିଁ। ତେଣୁ କଣ୍ଡୋମ ଦାମ ୫୦% ପର୍ଯ୍ୟନ୍ତ ବଢ଼ିବାର ଆଶଙ୍କା ଦେଖା ଦେଇଛି।

ନିରୋଧକ ଉତ୍ପାଦନ କରୁଥିବା-ଏଚ୍ଏଲଏଲ୍ ଲାଇଫକେୟାର ଲିମିଟେଡ୍, ମ୍ୟାନକାଇଣ୍ଡ ଫାର୍ମା ଲିମିଟେଡ୍ ଏବଂ କ୍ୟୁପିଡ୍ ଲିମିଟେଡ୍ ଭଳି କମ୍ପାନୀଗୁଡ଼ିକ କଞ୍ଚାମାଲ ଅଭାବର ସମ୍ମୁଖୀନ ହେଉଛନ୍ତି।କଣ୍ଡୋମ ପ୍ରସ୍ତୁତ ପାଇଁ ସିଲିକନ୍ ତେଲ (ପଲିଡାଇମିଥାଇଲସିଲୋକ୍ସେନ ପିଡିଏମଏସ) ପ୍ରାୟତଃ ମିଳୁ ନାହିଁ। ଆମୋନିଆ ମୂଲ୍ୟ ମଧ୍ୟ ବଢ଼ିଛି। ତେଣୁ କଣ୍ଟ୍ରାସେପ୍ଟିଭ୍ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ସମସ୍ୟାରେ ସମ୍ମୁଖୀନ ହୋଇଛନ୍ତି ବୋଲି ମିଣ୍ଟରେ ଖବର ପ୍ରକାଶ ପାଇଛି। ରିପୋର୍ଟରେ ଶିଳ୍ପ ବିଶେଷଜ୍ଞମାନେ ଦାବି କରିଛନ୍ତି ଯେ ବର୍ଦ୍ଧିତ ଇନପୁଟ୍ ଖର୍ଚ୍ଚ ଯୋଗୁ ବଜାରରେ ଅନିଶ୍ଚିତତାର ବାତାବରଣ ରହିଛି। ତେଣୁ କଣ୍ଡୋମ ମୂଲ୍ୟ ୪୦ ରୁ ୫୦% ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଭାରତର କଣ୍ଡୋମ ବଜାରର ମୂଲ୍ୟ ପ୍ରାୟ ୧.୭ ବିଲିୟନ (ପ୍ରାୟ ▯୧୪,୦୦୦ କୋଟି) ରହିଛି। ଭାରତ କଣ୍ଡୋମ ତିଆରି ପାଇଁ ଆବଶ୍ୟକ ଏନହାଇଡ୍ରସ୍ ଆମୋନିଆର ୮୬% ଆମଦାନୀ କରେ, ଯାହା ମୁଖ୍ୟତଃ ସାଉଦି ଆରବ, କତାର ଏବଂ ଓମାନ ପରି ଉପସାଗରୀୟ ଦେଶଗୁଡ଼ିକରୁ ଆସିଥାଏ। ଯୁଦ୍ଧ ଯୋଗୁ ହର୍ମୁଜ୍ ରୁଟ୍‌ରେ ଜାହାଜ ଚଳାଚଳ ବାଧାପ୍ରାପ୍ତ ହୋଇଥିବାରୁ ଯୋଗାଣ ହୋଇପାରୁ ନାହିଁ। ଲେଟେକ୍ସ (ରବର)କୁ ସେଟ୍ ହେବାରୁ ରୋକିବା ଏବଂ ସୁରକ୍ଷିତ କରିବା ପାଇଁ ଆମୋନିଆ ବ୍ୟବହାର କରାଯାଏ। ତେଣୁ ଏହା ବିନା, କଣ୍ଡୋମ୍ ତିଆରି ମେସିନରେ କଞ୍ଚାମାଲର ବ୍ୟବହାର କରାଯାଇପାରିବ ନାହିଁ।

କଣ୍ଡୋମ ଉତ୍ପାଦନରେ ଲୁବ୍ରିକାଣ୍ଟ ଭାବରେ ବ୍ୟବହୃତ ହେଉଥିବା ସିଲିକନ୍ ତେଲର ମୂଲ୍ୟ ବୃଦ୍ଧି ପାଇଛି। ଏହା ମୁଖ୍ୟତଃ ଚୀନରୁ ଆସିଥାଏ। କିନ୍ତୁ ଏହାର ସପ୍ଲାଏ ଚେନ୍ ରିଫାଇନାରୀ ପ୍ରକ୍ରିୟା ଏବଂ ବିଶ୍ୱ ଲଜିଷ୍ଟିକ୍ସ ସହ ଜଡ଼ିତ ଥିବାରୁ ଆମଦାନୀ ହୋଇପାରୁ ନାହିଁ। ମିଣ୍ଟ ରିପୋର୍ଟ ଅନୁଯାୟୀ ଏକ ଅଗ୍ରଣୀ କମ୍ପାନୀର ଜଣେ ବରିଷ୍ଠ କାର୍ଯ୍ୟନିର୍ବାହୀ କହିଛନ୍ତି ଯେ କଞ୍ଚାମାଲ, ପିଭିସି ଫଏଲ୍, ଆଲୁମିନିୟମ୍ ଫଏଲ୍ ଏବଂ ଅନ୍ୟାନ୍ୟ ରାସାୟନିକ ପଦାର୍ଥର ମୂଲ୍ୟ ମଧ୍ୟ ଅସ୍ଥିର ରହିଛି। ଏଗୁଡ଼ିକର ଯୋଗାଣର ଅଭାବ ଯୋଗୁ ଉତ୍ପାଦନ ଏବଂ ଅର୍ଡର ପୂରା ହୋଇପାରୁ ନାହିଁ।

ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍ (ଆଇଏମଏ)ର ପୂର୍ବତନ ସଭାପତି ରାଜୀବ ଜୟଦେବନଙ୍କ ମତରେ, କଣ୍ଡୋମ୍ ମୂଲ୍ୟରେ ସାମାନ୍ୟ ବୃଦ୍ଧି ମଧ୍ୟ ସମାଜର ଆର୍ଥିକ ଦୁର୍ବଳ ବର୍ଗକୁ ପ୍ରଭାବିତ କରେ। ଯଦି ମୂଲ୍ୟ ବୃଦ୍ଧି ପାଏ, ତେବେ ଗର୍ଭନିରୋଧକ ବ୍ୟବହାର ହ୍ରାସ ପାଇପାରେ। ଏହାର ସିଧାସଳଖ ପ୍ରଭାବ ଅନିଚ୍ଛାକୃତ ଗର୍ଭଧାରଣ, ମାତୃ ମୃତ୍ୟୁହାର ଏବଂ ଶିଶୁ ମୃତ୍ୟୁହାରକୁ ପ୍ରଭାବିତ କରିବ। ଏଥିସହିତ ବଡ଼ କଥା ହେଲା ଯୌନ ସଂକ୍ରମିତ ରୋଗ (STI) ମାମଲା ମଧ୍ୟ ବୃଦ୍ଧି ପାଇପାରେ। ଭାରତ ସରକାର ୨୦୩୦ ସୁଦ୍ଧା ଆଧୁନିକ ଗର୍ଭନିରୋଧକ ପଦ୍ଧତିର ଚାହିଦାର ୭୫% ପୂରଣ କରିବାକୁ ଲକ୍ଷ୍ୟ ରଖିଛନ୍ତି, କିନ୍ତୁ ଏହି ଅଭାବ ଜାତୀୟ ପରିବାର ଯୋଜନା କାର୍ଯ୍ୟକ୍ରମର ଲକ୍ଷ୍ୟକୁ ବାଧା ଦେଇପାରେ।

ରିପୋର୍ଟ ଅନୁସାରେ, ଶିଳ୍ପ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଯୁଦ୍ଧ ଦୀର୍ଘଦିନ ଧରି ଲାଗିବା ଭୟରେ, ଅନେକ ପ୍ରମୁଖ ଯୋଗାଣକାରୀ ଏବଂ ନିର୍ମାତା କଞ୍ଚାମାଲ ଗଚ୍ଛିତ କରିବା ଆରମ୍ଭ କରିଦେଇଛନ୍ତି। ଏହି ଷ୍ଟକ୍ ଯୋଗୁ ବଜାରରେ ଇନପୁଟ୍ ଖର୍ଚ୍ଚ ଆହୁରି ବୃଦ୍ଧି ପାଇଛି। ଯଦି ସରକାର ଆଗାମୀ ଦିନରେ ହସ୍ତକ୍ଷେପ ନ କରନ୍ତି, ତେବେ କିଛି କଣ୍ଡୋମ୍ ବ୍ରାଣ୍ଡ ବଜାରରୁ ଗାୟବ ହୋଇ ଯାଇପାରନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ଏନେଇ ନିରୋଧକ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ପକ୍ଷରୁ କିନ୍ତୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

ଯାତ୍ରୀଙ୍କ ପାଇଁ ରେଲୱେ କରୁଛି ବଡ଼ ବ୍ୟବସ୍ଥା

# ଗୋଟିଏ ସ୍ଥାନରେ ମିଳିବ ସବୁ ସୁବିଧା



ନୂଆଦିଲ୍ଲୀ, ୨୯।୩ଃ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ଭଲ ଖବର। ରେଳ ଷ୍ଟେସନରେ ଯାତ୍ରୀଙ୍କ ସୁବିଧା ପାଇଁ କରାଯାଉଛି ବଡ଼ ସୁବିଧା। ରେଳ ମନ୍ତ୍ରଣାଳୟ ଦେଶର ୭୬ ବଡ଼ ରେଳ ଷ୍ଟେସନରେ ଯାତ୍ରୀଙ୍କ ପ୍ରବଳ ଭିଡ଼କୁ ଏଡ଼ାଇବା ପାଇଁ ବିଭିନ୍ନ ଆଧୁନିକ ସୁବିଧା ଥିବା ସ୍ୱତନ୍ତ୍ର ହୋଲ୍ଡିଂ ଏରିଆ ପ୍ରସ୍ତୁତ କରିବାକୁ ବଡ଼ ଯୋଜନା ଆରମ୍ଭ କରିଛି। ଏହି ଅତ୍ୟାଧୁନିକ ସୁବିଧା ଥିବା ହୋଲ୍ଡିଂ ଏରିଆରେ ଯାତ୍ରୀମାନେ ଟ୍ରେନ ପାଇଁ ଅପେକ୍ଷା କରିପାରିବେ। ଏଠାରେ ଯାତ୍ରୀଙ୍କୁ ବସିବା ପାଇଁ ସୁବ୍ୟବସ୍ଥିତ ଏବଂ ଆରାମଦାୟକ ସ୍ଥାନ, ପାନୀୟ ଜଳ, ଶୌଚାଳୟ, ଟିକେଟ ସୁବିଧା, ସୂଚନା ଜାଣିବା ପାଇଁ ଡିସପ୍ଲେ ବୋର୍ଡ ଏବଂ ସୁରକ୍ଷା ଯାଞ୍ଚ ଭଳି ଆବଶ୍ୟକୀୟ ସୁବିଧା ରହିବ। ଏହାଦ୍ୱାରା ଭିଡ଼ ସମୟରେ ଲୋକଙ୍କ ଗମନାଗମନ ଠିକ ଭାବରେ ପରିଚାଳନା ହୋଇପାରିବ। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣ ଶୁକ୍ରବାର ରାଜ୍ୟସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି। ନୂଆଦିଲ୍ଲୀ ରେଲୱେ ଷ୍ଟେସନରେ ମଡେଲ ହୋଲ୍ଡିଂ ଏରିଆ ପୂର୍ବରୁ ହିଁ ଆରମ୍ଭ ହୋଇସାରିଛି। ଫଳରେ ଏଠାରେ ଭିଡ଼କୁ ଅନେକାଂଶରେ ହ୍ରାସ କାରଯାଇପାରିଛି। ଏଠାରେ ଯାତ୍ରୀଙ୍କ ସୁବିଧା ପାଇଁ ଅତିରିକ୍ତ ଟିକେଟ କାଉଣ୍ଟର, ଅଟୋମେଟିକ ଟିକେଟ ଭେଣ୍ଡିଂ ମେସିନ, ପବ୍ଲିକ ଆଡ୍ରେସ ସିଷ୍ଟ ଏବଂ ଇଲେକ୍ଟ୍ରୋନିକ୍ ଟ୍ରେନ ସୂଚନା ବୋର୍ଡ ରହିଛି। ଯାତ୍ରୀଙ୍କ ସୁରକ୍ଷା ଏବଂ ଆରମ ସୁନିଶ୍ଚିତ କରିବା ପାଇଁ ଏହି ହୋଲ୍ଡିଂ ଏରିଆରେ ସିସିଟିଭି ଦ୍ୱାରା ନିରୀକ୍ଷଣ, ବ୍ୟାଗେଜ ସ୍କାନର, ଡୋର ଫ୍ରେମ ମେଟାଲ ଡିଟେକ୍ଟର, ହାଇସ୍ପିଡ ପଙ୍ଖା ପୁରୁଷ, ମହିଳା ତଥା ଦିବ୍ୟାଙ୍ଗଙ୍କ ପାଇଁ ଭିନ୍ନ ଭିନ୍ନ ଶୌଚାଳୟ ଇତ୍ୟାଦି ରହିଛି। ମନ୍ତ୍ରୀ ଆହୁରି କହିଛନ୍ତି, ଅନ୍ୟ ଷ୍ଟେସନରେ ମଧ୍ୟ ଯୋଜନା ଏହି ସୁବିଧା ଆରମ୍ଭ କରାଯିବ। ଏଥିପାଇଁ କାମ ଚାଲିଛି। ଖାଲି ସେତିକି ନୁହେଁ ଆଗକୁ ନୂଆ ଆକ୍ସେନ କଣ୍ଟ୍ରୋଲ ପ୍ରୋଟୋକଲ ଅନୁସାରେ ଯେଉଁ ଯାତ୍ରୀଙ୍କ ପାଖରେ ରିଜର୍ଭେସନ ଥିବା ଟିକେଟ ଥିବ, ସେମାନଙ୍କୁ ସିଧା ପ୍ଲାଟଫର୍ମକୁ ଯିବାକୁ ଅନୁମତି ଦିଆଯିବ। ଏହା ବ୍ୟତୀତ ଯେଉଁ ଯାତ୍ରୀଙ୍କ ପାଖରେ ଟିକେଟ ନାହିଁ କିମ୍ବା ଓ୍ୱେଟିଂ ଲିଷ୍ଟ ଅଛି, ସେମାନଙ୍କୁ ଟିକେଟ କନଫର୍ମ ହେବା ତଥା ପ୍ଲାଟଫର୍ମରେ ଜାଗା ଖାଲି ହେବା ପର୍ଯ୍ୟନ୍ତ ହୋଲ୍ଡିଂ ଏରିଆରେ ରହିବାକୁ ଦିଆଯିବ। ଏହା ବ୍ୟତୀତ ଆଗକୁ ସବୁ ଷ୍ଟେସନରେ ଅଧିକ ଓସାରର ଫୁଟ ଓଭର ବ୍ରିଜ ତିଆରି କରାଯିବ। ଷ୍ଟେସନ ଏବଂ ଆଖ ପାଖ ଅଞ୍ଚଳରେ ବଡ଼ ଆକାରରେ ଏଆଇ ସିସିଟିଭି କ୍ୟାମେରା ଲଗାଇ ସୁରକ୍ଷା ମଜଭୁତ କରାଯାଉଛି। ପରିଚାଳନାକୁ ସୁଚାରୁ ରୂପେ କରିବା ପାଇଁ ବଡ଼ ଷ୍ଟେସନରେ 'ଓ୍ୱାର ରୁମ୍' ମଧ୍ୟ କରାଯାଉଛି । ଏଠାରେ ସବୁ ବିଭାଗର ଅଧିକାରୀ ବସି କାମ କରିବେ। ଏହା ବ୍ୟତୀତ ସବୁ କର୍ମଚାରୀ ଏବଂ ସେବା ଯୋଗାଉଥିବା କର୍ମୀଙ୍କୁ ଚିହ୍ନିବା ପାଇଁ ନୂଆ ଡିଜାଇନ୍ ଥିବା କ୍ୟୁଆର କୋଡ ଆଧାରିତ ଆଇଡ କାର୍ଡ ଦିଆଯିବ। ସେହିଭଳି ଜରୁରୀ ସମୟରେ ସେମାନଙ୍କୁ ସହଜରେ ଚିହ୍ନଟ ପାଇଁ ନୂଆ ୟୁନିଫର୍ମ ମଧ୍ୟ ଦିଆଯିବ।

# ଏନବିସି ନ୍ୟୁଜରୁ ୨୦ ବର୍ଷର ସମ୍ପର୍କ ତୁଟାଇଲେ ଆଲେକଜାଣ୍ଡର



ନୂଆଦିଲ୍ଲୀ, ୨୯।୩ଃ ଆନ୍ତର୍ଜାତୀୟ ଗଣମାଧ୍ୟମରେ ବଡ଼ ଧରଣର ହଲଚଲ। ଏନବିସି ନ୍ୟୁଜରୁ ୨୦ ବର୍ଷର ସମ୍ପର୍କ ତୁଟାଇଲେ ପିଟର ଆଲେକଜାଣ୍ଡାର। ତାଙ୍କର ପରବର୍ତ୍ତୀ ପଦକ୍ଷେପ କଣ ରହିବ, ତାକୁ ନେଇ ଏବେ ଚର୍ଚ୍ଚା। ଅନେକ ରିପୋର୍ଟ କହୁଛି ଏମଏସ ଏନବିସିରେ ଜଣେ ଆଙ୍କର ଏବଂ ମୁଖ୍ୟ ଜାତୀୟ ସମ୍ବାଦଦାତା ଭାବରେ ଯୋଗ ଦେବାକୁ ଯାଉଛନ୍ତି। ଯାହା ତାଙ୍କ କ୍ୟାରିୟରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ। ୪୯ ବର୍ଷୀୟ ସାମ୍ବାଦିକ ଏନବିସି ନ୍ୟୁଜରେ ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ। ସେ ହ୍ୱାଇଟ୍ ହାଉସ୍ ସମ୍ବାଦଦାତା ଏବଂ ଟୁଡେର ଶନିବାର ସଂସ୍କରଣର କୋ-ହୋଷ୍ଟ ଭାବରେ କାର୍ଯ୍ୟ କରିଥିଲେ। ବର୍ଷ ବର୍ଷ ଧରି, ସେ ଅନେକ ଆମେରିକୀୟ ପ୍ରଶାସନ ଉପରେ ରିପୋର୍ଟ କରିଛନ୍ତି ଏବଂ ହ୍ୱାଇଟ୍ ହାଉସ୍ ବ୍ରିଫିଙ୍ଗରେ ତାଙ୍କର ସିଧାସଳଖ ପ୍ରଶ୍ନ ପଚାରିବା ଶୈଳୀ ପାଇଁ ଜଣାଶୁଣା।ଆଲେକଜାଣ୍ଡାର ୨୦୦୪ରେ ଏନବିସି ନ୍ୟୁଜରେ ଯୋଗ ଦେଇଥିଲେ। ପ୍ରମୋସନ ପରେ ନେଟଓ୍ୱର୍କର କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଗ୍ରହଣ କରିଥିଲେ। ତାଙ୍କର କାର୍ଯ୍ୟ ଏନବିସି ନାଇଟ୍ଲି ନ୍ୟୁଜ୍, ମିଟ୍ ଦି ପ୍ରେସ୍, ଏବଂ ଡେଟଲାଇନ୍ ଏନବିସି ଭଳି ପ୍ରମୁଖ ପୋଗ୍ରାମ କରିଆସୁଥିଲେ। ତାଙ୍କର ଏଡିଟୋରିଆଲ ଆନ୍ତର୍ଜାତୀୟ ସ୍ତରରେ ଅନେକ ପ୍ରସଙ୍ଗ ହୋଇଛି। ଆଲେକଜାଣ୍ଡାର ଏନବିସି ଛାଡିବା ନେଇ ଭିଡିଓ ୟେସାର କରି ସ୍ପଷ୍ଟ କରିଛନ୍ତି। ତାଙ୍କ ନିଷ୍ପତ୍ତି ପଛରେ ଥିବା ବ୍ୟକ୍ତିଗତ କାରଣଗୁଡ଼ିକୁ ଗୁରୁତ୍ୱ ଦେଇଥିଲେ। ତାଙ୍କର କାର୍ଯ୍ୟସୂଚୀ ପାଇଁ ପାରିବାରିକ କ୍ଷତି ଉପରେ କହିଥିଲେ। ସେ କହିଥିଲେ, ଗତ ସାତ ମାସରେ, ମୁଁ ୮୦ ରାତିରୁ ଅଧିକ ଥର ପରିବାର ଠାରୁ ଦୂରରେ ବିତାଇଛି। ଗତ ସାତ ବର୍ଷରେ, ମୁଁ ମୋ ପରିବାରଠାରୁ ୨୨୦ ରାତିରୁ ଅଧିକ ଦିନ ଦୂରରେ ରହିଛି। ମୁଁ ମୋର ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନ ମଧ୍ୟରେ ଏକ ଭଲ ସନ୍ତୁଳନ ରକ୍ଷା କରିବାକୁ ଏବଂ ନୂଆ କିଛି କରିବା ପାଇଁ ନିଜକୁ ଚ୍ୟାଲେଞ୍ଜ କରିବାକୁ ଚାହୁଁଛି। ପିଟରଙ୍କ ମୋଟ ସମ୍ପତ୍ତି ପରିମାଣ ୧୪ ନିୟୁତ ଡଲାର ବୋଲି କ୍ଲୋଜର ୱିକଲି ରିପୋର୍ଟ କରିଛି।ରିପୋର୍ଟରେ ଆହୁରି କୁହାଯାଇଛି ଯେ ତାଙ୍କର ବାର୍ଷିକ ଆୟ ପ୍ରାୟ ୧.୫ମିଲିୟଡଲାର ବୋଲିକୁହାଯାଉଛି। 'ଏମଏସ ନାଓ' ପୂର୍ବରୁ ଏମଏସ ଏନବିସି ଭାବରେ ଜଣାଶୁଣା। 'ଏମଏସ ନାଓ'ରେ, ଆଲେକଜାଣ୍ଡାର ଓ୍ୱିକ୍ଲି ସ୍ପେଶାଲ ପୋଗ୍ରାମ ଏବଂ ୨୪ ଘଣ୍ଟିଆ ବ୍ରେକିଂ ନ୍ୟୁଜ୍ କଭର ପାଇଁ ପରିଚାଳନା ମୁଖ୍ୟ ଭାବେ ଯୋଗ ଦେଇପାରନ୍ତି। ଆଲେକଜାଣ୍ଡାରଙ୍କ ବିଦାୟ ପରେ ପରିସ୍ଥିତିର ସମାଧାନ ପାଇଁ ୱାଶିଂଟନ୍-ଭିତ୍ତିକ ଟିମ୍ ମଧ୍ୟରେ ଏନବିସି ନ୍ୟୁଜ ଦାୟିତ୍ୱ ପରିବର୍ତ୍ତନ କରିବ ବୋଲି ଆଶା କରାଯାଉଛି।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୮୯୦ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୬୫୦ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୮୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୪,୬୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୬,୮୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୪,୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୭,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୪,୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୧୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୬,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୮୯୦ ଓ ୧,୩୪,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

## କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ନିର୍ବାଚନ

# ରବି ମହାନ୍ତି ସଭାପତି, ନିହାର ମହାପାତ୍ର ସମ୍ପାଦକ




କେନ୍ଦ୍ରାପଡ଼ା, ୨୯।୩(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ଏଥିରେ ଜିଲ୍ଲା ସଭାପତି ଭାବେ ରବି ନାରାୟଣ ମହାନ୍ତି ଓ ସଂପାଦକ ଭାବେ ନିହାର ରଂଜନ ମହାପାତ୍ର ବିଜୟୀ ହୋଇଛନ୍ତି । ଉପ ସଭାପତି ଭାବେ ନୃସିଂହ ରାଉତ, ସହ ସଂପାଦକ ଭାବେ ମନୋରଞ୍ଜନ ବେହେରା, କୋଷାଧ୍ୟକ୍ଷ ଭାବେ ରାଜୀବ କୁମାର ପାତ୍ର ଓ ଅତିରିକ୍ତ ସହ ସଂପାଦକ ଭାବେ ହରି ପ୍ରସାଦ କର ନିର୍ବାଚିତ ହୋଇଥିବା ଓକିଲ ସଂଘ ନିର୍ବାଚନ ଅଧିକାରୀ ପ୍ରଭାତ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ସେହିପରି ନିଦ୍ୱନ୍ଦରେ ଅତିରିକ୍ତ ସହ ସଂପାଦକ (ମହିଳା) ମମତାମୟୀ ସାମଲ, ପରିଚାଳନା ସଭ୍ୟ ଭାବେ ପାର୍ଥ ପ୍ରତିମ ଚକ୍ରବର୍ତ୍ତୀ, ମିନାକ୍ଷୀ ସାମନ୍ତରାୟ(୧), ସଂଘମିତ୍ରା ମଲିକ (୨) ମହିଳା ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଜିଲ୍ଲା ଓକିଲ ସଂଘ ନିର୍ବାଚନକୁ ଅତିରିକ୍ତ ନିର୍ବାଚନ ଅଧିକାରୀ ନିଳମଣୀ ମହାନ୍ତିଙ୍କ ସମେତ ଭାବଗ୍ରାହୀ ସାହୁ, ମନୋରଂଜନ ବାରିକ, ସେକ ମତିଉଲ୍ଲା ବକ୍ସ, ରବିନ୍ଦ୍ର କୁମାର ପାତ୍ର, ରମେଶ ମଲିକ, ଗୁଣନିଧି ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଆକାଶ ଫାର୍ମାସୀ କଲେଜର ବାର୍ଷିକ ଉତ୍ସବ




କେନ୍ଦ୍ରାପଡ଼ା,୨୯।୩(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ନୂଆବସଷ୍ଟାଣ୍ଡଠାରେ ଥିବା ଜିଲ୍ଲାର ଖ୍ୟାତିନାମା ଆକାଶ ଫାର୍ମାସୀ କଲେଜର ବାର୍ଷିକ ଉତ୍ସବ -୨୦୨୬ ମହାଆଡମ୍ବରରେ ସମ୍ପାଦକ ସ୍ୱାଗତ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓୟୁଏଚ୍ଏସ୍ ଫାର୍ମାସୀର ଡିନ୍ ଡଃ. ସନ୍ତୋଷ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ, ଏଡିଭିଆଇଏସ୍ ସଲ୍ୟୁସନ୍‌ର ନିର୍ଦ୍ଦେଶକ ଡକ୍ଟର ପ୍ରଫୁଲ୍ଲ ନନ୍ଦୀ ମୁଖ୍ୟବକ୍ତା, ଜି.କେ.ଟି.ଏ.ବି.ଏସ୍‌ର ନିର୍ଦ୍ଦେଶକ ଡକ୍ଟର ଗଣେଶ କୁମାର ଦାସ ସମ୍ମାନୀତ ଅତିଥି ଅନୁଷ୍ଠାନର ଉପାଧ୍ୟକ୍ଷ ବସନ୍ତ କୁମାର ପତି ଓ ସହକାରୀ ଅଧ୍ୟକ୍ଷ ପ୍ରଭୁ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଜୀବନରେ ଭଲ ମଣିଷ ହୋଇ ସମାଜସେବା କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଆକାଶ ଫାର୍ମାସୀ କଲେଜର କ୍ରୀଡା ପ୍ରତିଯୋଗୀତାରେ ଭାଗ ନେଇ ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀମାନଙ୍କୁ ଉତରୀୟ ପୁଷ୍ପଗୁଚ୍ଛ, ମାନପତ୍ର ପ୍ରଦାନ କରି ସମ୍ମାନୀତ କରାଯାଇଥିଲା । ସେହିପରି କଲେଜ୍‌ର ଟପର୍ କ୍ରୀଷ୍ଣା କର ଓ ଚିନ୍ମୟ କୁମାର ପଲାଇଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଶ୍ରଦ୍ଧା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବାବେଳେ ନଳିନୀ ନାରାୟଣ ସାହୁ, ଜଗତଜୀତ୍ ପଣ୍ଡା, ସୌମ୍ୟରଂଜନ ଦାସ, ଅବଦୁଲ ୱାହିଦ୍ ଖାନ୍, ଅର୍ଚିତା ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବସନ୍ତକୁମାରୀ ଚକ୍ଷୁ ଚିକିତ୍ସାଳୟରେ ରେଟିନା ଓ ଫାକୋ ମେସିନ ଉଦଘାଟିତ



କେନ୍ଦ୍ରାପଡ଼ା, ୨୯।୩ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁରସ୍ଥିତ ବସନ୍ତ କୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟରେ ନୂତନ ରେଟିନା ଓ ଫାକୋ ମେସିନ ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ରୋଟାରୀ କ୍ଲବର ପୂର୍ବତନ ଜିଲ୍ଲା ଗଭର୍ନର ଯଜ୍ଞାଶିଷ ମହାପାତ୍ର ଏବଂ ମୁଖ୍ୟବକ୍ତା ଭାବେ ପୂର୍ବତନ ମୁଖ୍ୟଶାସନ ସଚିବ ଡି.ଏନ.ପାଢ଼ି ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏହି ମେସିନ ଦ୍ୱାରା ଚକ୍ଷୁର ପଛପାଶ୍ୱର୍ର ଫଟୋ ଉଠାଇବା ସହଜ ହୋଇପାରିବ। ଏହି ଉପଲକ୍ଷେ ଚିକିତ୍ସାଳୟର ପ୍ରତିଷ୍ଠାତା ପ୍ରଫେସର ଡା.ବିମଳକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ମୁଖ୍ୟଶାସନ ସଚିବ ଶ୍ରୀ ପାଢ଼ି କହିଲେ ଓସ୍ତପୁର ଭଳି ଏକ ନିପଟ ମଫସଲରେ ଏକ ମହତ ଉଦେଶ୍ୟରେ ଏଭଳି ଏକ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସାଳୟ ପ୍ରତିଷ୍ଠାକରି ଗ୍ରାମାଳର ଗରିବ ଲୋକମାନଙ୍କୁ ଏଭଳି ସେବା ଯୋଗାଇଦେବା ଆଜିର ଦୁନିଆରେ ବିରଳ ବୋଲି ବକ୍ତବ୍ୟ ରଖିଥିଲେ । ଏଥିସହିତ ଦୃଷ୍ଟିବାଧିତଙ୍କ ପାଇଁ ଉପସ୍ଥିତ ଲୋକମାନଙ୍କୁ ଚକ୍ଷୁଦାନ କରିବାକୁ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ରୋଟାରୀ କ୍ଲବ ଭୁବନେଶ୍ୱର ୟୁନିକର ସଭାପତି ରୋଟାରିଆନ ସଙ୍ଘମିତ୍ରା ରଥ, ପୂର୍ବତନ କେନ୍ଦ୍ରାପଡା ନଗରପାଳ ରୋସ୍ନା ସାହୁ, ରୋଟାରିଆନ ଲକ୍ଷ୍ମୀକାନ୍ତ ପାଲିତ, ଦିବ୍ୟରଞ୍ଜନ ଦାଶ, କାଁକ ଦାସ, ନିରଜନୟନ ଦ, ସୁଧିର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜସେବାକୁ ନିଜ ଜୀବନର ବ୍ରତ କରିଥିବା ଡା. ବିମଳ ତ୍ରିପାଠୀ ଏବଂ ତାଙ୍କ ସୁପୁତ୍ର ଡାକ୍ତର ସରୋଜ କୁମାର ତ୍ରିପାଠୀ ପ୍ରକୃତରେ ଏମାଟିର ଜଣେ ଜଣେ ସୁଯୋଗ୍ୟ ସନ୍ତାନ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଚିକିତ୍ସାଳୟର କର୍ମଚାରୀ ସୁଚିସ୍ମିତା, ସତ୍ୟବ୍ରତ ସିଂହ, ଶିଖା, ଶୃତି, ଦିପ୍ତୀ, ବେଣୁଧର, ନଟବର, ଖଗେଶ୍ୱର ଓ ଶତୃଘ୍ନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା ।

## ହନୁମାନ ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସ ଶୋଭାଯାତ୍ରା



କେନ୍ଦ୍ରାପଡ଼ା, ୨୯।୩ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ମହିପାଳଠାରେ ଥିବା ମା ମହିପାଳିନୀ ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ନିମନ୍ତେ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କଳସ ଶୋଭାଯାତ୍ରା ମା ମହିପାଳିନୀ ଠାକୁରାଣୀଙ୍କ ପାଖରୁ ବାହାରି ଗ୍ରାମ ଓ ସହର ପରିକ୍ରମା କରି ଗୋବରୀ ନଦୀରୁ ପାଣି ଉଠାଇ ହନୁମାନ ମନ୍ଦିରରେ ଢଳା ଯାଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସ୍ଥାନୀୟ ଲୋକଙ୍କ ସହ ମହିଳାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ଶ୍ରୀରାମ ସେନାର ବିଶାଳ ଶୋଭାଯାତ୍ରା



ପଟ୍ଟାମୁଣ୍ଡାଇ, ୨୯।୩ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରୀରାମ ସେନା ପକ୍ଷରୁ ପବିତ୍ର ରାମ ନବମୀ ଅବସରରେ ଏକ ବିଶାଳ ଶୋଭାଯାତ୍ରା ବାହାର କରା ଯାଇଥିଲା । କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରୀରାମ ସେନା ସଭାପତି ସାରଦା ପ୍ରସାଦ ରାଉତଙ୍କ ନେତୃତ୍ୱରେ ଆୟୋଜିତ ବିଶାଳ ହିନ୍ଦୁ ଶୋଭାଯାତ୍ରା ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦାଣ୍ଡି ହନୁମାନ ମନ୍ଦିର ପରିସରରୁ ବାହାରି ପଟ୍ଟାମୁଣ୍ଡାଇ ବ୍ଲକର ମଦନପୁର, ମାଳିପୁର ଓ ପୌରାଞ୍ଚଳର ବକ୍ତାରପୁର ଛକ ଦେଇ ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରିଥିଲା। ରାଜନଗରରୁ ପଟ୍ଟାମୁଣ୍ଡାଇ ଦୀର୍ଘ ୧୫ କମି ରାସ୍ତାରେ ବିଭିନ୍ନ ଅଂଚଳ ପରିକ୍ରମା କରି ହିନ୍ଦୁ ଶୋଭାଯାତ୍ରା ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ବାଲିପଡ଼ା ହନୁମାନ ମନ୍ଦିରରେ ପହଞ୍ଚିଥିଲା। ହନୁମାନ ମନ୍ଦିର ଠାରେ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ହୋମଯଜ୍ଞ, ହନୁମାନ ଚାଳିଶା ପାଠ ଓ ଶ୍ରୀରାମ ନାମ ଯଜ୍ଞ ଆଦି କରାଯାଇଥିଲା। ଏହି ବିଶାଳ ହିନ୍ଦୁ ଶୋଭାଯାତ୍ରାରେ ୩ ହଜାରରୁ ଉର୍ଦ୍ଧ୍ୱ ଶ୍ରୀରାମ ସେନାର କର୍ମୀ ସମର୍ଥକ ଓ ବିଭିନ୍ନ ହିନ୍ଦୁ ସଂଗଠନର କର୍ମ କର୍ତ୍ତାମାନେ ସାମିଲ ହୋଇଥିଲେ।

## ଧୁଷୁରୀ ଏନ୍‌ଏସି ଘୋଷଣାରେ ନିୟମ ଉଲ୍ଲଙ୍ଘନ ଅଭିଯୋଗ

# ହାଇକୋର୍ଟରେ ମାମଲା ରୁଜୁ



ଧାମନଗର, ୨୯।୩(ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାରଙ୍କ ଗୃହ ମନ୍ତ୍ରଳାୟ ବିଭାଗ ପକ୍ଷରୁ ଅଳ୍ପ ଦିନ ତଳେ ଧାମନଗର ବ୍ଲକର ଧୁଷୁରୀ ପଞ୍ଚାୟତକୁ ଯେଉଁ ଏନ ଏ ସି ଘୋଷଣା ହୋଇଥିଲା। କିନ୍ତୁ ନୀତିନିୟମକୁ ଉଲଙ୍ଘନ ଅଭିଯୋଗ ହାଇକୋର୍ଟରେ ମାମଲା ରୁଜୁ ହେବା ଫଳରେ ଏବେ କାର୍ଯ୍ୟକାରିତା ନେଇ ଅନିଶ୍ଚିତତା ଦେଖାଦେଇଛି। ଏନଏସି ଗଠନ ପାଇଁ ଆବଶ୍ୟକ ହେଉଥିବା ନିୟମାବଳୀକୁ ଉଲଙ୍ଘନ କରାଯାଇଥିବା ଏବଂ ଏନଏସି କାର୍ଯ୍ୟକାରୀ ହେଲେ ପଞ୍ଚାୟତର ଲୋକେ ସୁବିଧା ପାଇବା ପରିବର୍ତ୍ତ ଅସୁବିଧା ଭୋଗିବେ ବୋଲି ଅଭିଯୋଗ କରି ପଞ୍ଚାୟତର ଜଣେ ନିର୍ବାଚିତ ଜନପ୍ରତିନିଧି ଏ ସମ୍ପର୍କରେ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ କରିବା ପରେ ଏଭଳି ଅବସ୍ଥା ଉପୁଜିଥିବା କୁହାଯାଇଛି।

ଧୁଷୁରୀ ପଞ୍ଚାୟତର ସମସ୍ତ ୱାର୍ଡ ସମେତ ପାର୍ଶ୍ୱବର୍ତ୍ତୀ କୋଠାର ପଞ୍ଚାୟତ, ବମକୁରା ପଞ୍ଚାୟତ ଏବଂ ନଦୀ ଗାଁ ପଞ୍ଚାୟତ ଆଂଶିକ ୱାର୍ଡରେ ଥିବା ଯଥାକ୍ରମେ ପତ୍ରିସାହି, ବାଙ୍କ ସାହି, ଖୋପ ସାହି, ଭଣ୍ଡାରିପଡା, ସାହାଜି ପାଟଣା ପ୍ରଭୃତି ୬ ଟି ରାଜସ୍ୱ ଗ୍ରାମର ୧୦୩୪୯ ଜନସଂଖ୍ୟା କୁ ନେଇ ଧୁଷୁରୀ ବିଜ୍ଞାପିତ ଅଞ୍ଚଳ ଗଠନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏନ ଏ ସି କାର୍ଯ୍ୟକାରୀ ନିମନ୍ତେ ସମସ୍ତ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିବା ସହ ସୀମା ଚିହ୍ନଟ ହୋଇଥିଲା ଏବଂ ଫେବୃଆରୀ ୧୨ତାରିଖ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ୧୪ଟି କାଉନସିଲର ୱାର୍ଡ ବିଶିଷ୍ଟ ଧୁଷୁରୀ ଏନଏସି ଅପ୍ରେଲ ମାସ ଆରମ୍ଭରୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ଦର୍ଶାଯାଇଥିଲା।

ଏପଟେ ଧୁଷୁରୀ ଏନଏସି କାର୍ଯ୍ୟକାରୀ ହେଲେ ଲୋକଙ୍କର ଲାଭ କ୍ଷତିର ହିସାବକୁ ନେଇ ଶାସକ ଏବଂ ବିରୋଧୀ ରାଜନୈତିକ ଦଳ ସମେତ ଜନସାଧାରଣ ମହଲରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏପରି ସ୍ଥିତିରେ ଆଗରୁ ଅବିଭକ୍ତ ଧୁଷୁରୀ ପଞ୍ଚାୟତରେ ଅନ୍ତର୍ଭୁକ୍ତ ଥିବା ସାହସପୁର ପଞ୍ଚାୟତକୁ ଏନଏସିରେ ନିଆନଯାଇ ବମକୁରା, କୋଠାର, ନଦୀ ଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଏନଏସିରେ ସାମିଲ କରାଯିବା, ଧୁଷୁରୀ ଏକ ବନ୍ୟାଞ୍ଚଳ ହୋଇଥିବାରୁ ବନ୍ୟାରେ ଚାଷ ବାସ ନଷ୍ଟ ହୋଇ ଲୋକଙ୍କ ଆର୍ଥିକ ମାନଦଣ୍ଡ ଦୁର୍ବଳ ଥିବା ଏଠାରେ ଅଧିକ ସଂଖ୍ୟାରେ ଦିନ ମଜୁରିଆ ଓ ଜନ ଜାତିର ଲୋକ ବସବାସ କରୁଥିବାରୁ ଏନଏ ସି ହେଲେ ସେହି ଲୋକମାନେ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହୋଇ ବିଭିନ୍ନ ଟେକ୍ସ ଦେବାରେ ସକ୍ଷମ ନ ହେବା ଅଞ୍ଚଳରେ ସଂଖ୍ୟାଧିକ ବେତନ ଭୋଗୀ ନଥିବା ଇତ୍ୟାଦି ବିଭିନ୍ନ ପ୍ରକାର ଗାଇଡ୍ ଲାଇନକୁ ଉଲଙ୍ଘନ କରଯାଇ ଧୁଷୁରୀ ଅଞ୍ଚଳକୁ (ଏନଏସି) ସହରାଞ୍ଚଳ ଘୋଷଣା କରାଯିବାର କେତେ ଯଥାର୍ଥତା ରହିଛି ସେ ସମ୍ପର୍କରେ ପଞ୍ଚାୟତର ଜଣେ ନିର୍ବାଚିତ ପ୍ରତିନିଧି ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ କରିବା ପରେ ବର୍ତ୍ତମାନ ଏନଏସି କାର୍ଯ୍ୟକାରୀ ହେବ କି ନାହିଁ ତାହାକୁ ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଉଛି।

ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ରୁଜୁ ହୋଇଥିବା ଏହି ମାମଲା ଅପ୍ରେଲ ମାସ ୧୩ତାରିଖ ଶୁଣାଣି ଥିବା ଜଣାଯାଇଛି।

## ବିଜେଡିର ସାଙ୍ଗଠନିକ ବୈଠକ

# ସଂଗଠନକୁ ଅଧିକ ସୁଦୃଢ଼ କରିବାକୁ ଡ୍ୟାନିଙ୍କ ଆହ୍ୱାନ




ଯାଜପୁର, ୨୯।୩(ସଂଚାର ବ୍ୟୁରୋ)ଃ ତୃଣମୂଳ ସ୍ତରରୁ ବିଜେଡିର ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରାଯିବ। ଆଗାମୀ ଦିନ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି । ଏଥି ନେଇ ବିଜୁ ଜନତା ଦଳ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଯାହାକି ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ରଣାଗୁଣ୍ଡି ପଞ୍ଚାୟତରେ ଦଳର ଏକ କର୍ମୀମାନଙ୍କୁ ନେଇ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ( ଡାନି) ଯୋଗ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ଡାନିଙ୍କ ଯୋଗଦାନ ଉପସ୍ଥିତ ଦଳୀୟ କର୍ମୀଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି ହୋଇଥିଲା।

ପୂର୍ବତନ ମନ୍ତ୍ରୀ ଘଡ଼ାଇ କହିଥିଲେ, ରାଜନୈତିକ ଦଳର ପ୍ରକୃତ ଶକ୍ତି ହେଉଛନ୍ତି ପଞ୍ଚାୟତ ସ୍ତରର କର୍ମକର୍ତ୍ତା ଓ ନିଷ୍ଠାପର କର୍ମୀ। ତେଣୁ ତୃଣ ମୂଳ ସ୍ତରରେ ଦଳର ମୂଳ ଭିତ୍ତିକୁ ଶକ୍ତିଶାଳୀ କରିବା ଆମ୍ଭ ମାନଙ୍କର ଦାୟିତ୍ୱ। କାରଣ ଏଥିନେଇ ସାଧାରଣ ଲୋକଙ୍କ ଆସ୍ଥାଭାଜନ ହୋଇପାରିବା । ତେଣୁ ଜୋନର ପ୍ରତ୍ୟେକ ପଞ୍ଚାୟତରେ ଲୋକମାନଙ୍କ ସହିତ ସମନ୍ୱୟ ରକ୍ଷାକରି ସେମାନଙ୍କ ସୁବିଧା ଅସୁବିଧା ବୁଝିଲେ ସାଧାରଣ ଜନତା ବିଜେଡିକୁ ଆପଣେଇବେ। କାରଣ ସରକାରୀ ଯୋଜନା ଓ ସାଧାରଣ ଜନତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ହିଁ ଦଳର ମୁଖ୍ୟ ଲକ୍ଷ୍ୟ । ଏଥି ନେଇ ସଂଗଠନ ନିଶ୍ଚିତ ଭାବରେ ସୁଦୃଢ ହେବ ବୋଲି ସେ ପ୍ରକାଶ କରିଥିଲେ। ଏପରିକି ଆଗାମୀ ଦିନରେ କିଭଳି ଭାବରେ ସେବା ପ୍ରଦାନ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯାଇପାରିବ ଏବଂ ଅଞ୍ଚଳର ସାମୂହିକ ବିକାଶ ପାଇଁ କିପରି ଗଠନମୂଳକ ପଦକ୍ଷେପ ନିଆଯାଇପାରିବ ତାହା ଉପରେ ପୂର୍ବତନ ମନ୍ତ୍ରୀ ଡାନି ଉପସ୍ଥିତ ଦଳୀୟ କର୍ମୀ ମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ ।

ଏହି ବୈଠକରେ ବିଜୁ ଜନତା ଦଳ ଦାନଗଦି ବ୍ଲକ କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ଧିର, ବରିଷ୍ଠ ନେତା ଲୋକନାଥ ଧିର, ବରିଷ୍ଠ ନେତା ପ୍ରଦୀପ କୁମାର ମହାନ୍ତି, ପ୍ରମୋଦ କୁମାର ଜେନା ଏବଂ ଲାଲମୋହନ ମହାନ୍ତ ପ୍ରମୁଖ ଯୋଗଦେଇ ନିଜ ନିଜର ମତାମତ ରଖିବା ସହ ସଂଗଠନକୁ ଶକ୍ତିଶାଳୀ କରିବାକୁ ସଂକଳ୍ପ ନେଇଥିଲେ। ଏହି ସାଂଗଠନିକ ବୈଠକରେ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

ଅପରପକ୍ଷରେ ବିଜେଡିର ସାଙ୍ଗଠନିକ ବୈଠକକୁ ନେଇ ଶାସକ ବିଜେପି କର୍ମୀଙ୍କ ଠାରେ ଛନକା ପଶିଛି ।

## ଖୋର୍ଦ୍ଧା ଜିଲ୍ଲା ଓକିଲ ସଙ୍ଘ ନିର୍ବାଚନ

# ଲୋତକବିନ୍ଦୁ ସଭାପତି , ଲିଙ୍ଗରାଜ ସମ୍ପାଦକ




ଖୋର୍ଦ୍ଧା, ୨୯।୩(ସଂଚାର ବ୍ୟୁରୋ)ଃ ରାଜ୍ୟ ବାର କାଉନସିଲ ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟରେ ଓକିଲ ସଙ୍ଘର ୨୦୨୬-୨୭ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ପ୍ରକିୟା ଶେଷ ହୋଇଛି। ଖୋର୍ଦ୍ଧା ଜିଲ୍ଲା ବିଚାର ବିଭାଗୀୟ ଅଦାଲତ ପରିସରରେ ଶାନ୍ତି ଶୃଙ୍ଖଳା ସହ ଓକିଲ ସଙ୍ଘ ର ନିର୍ବାଚନ ଶେଷ ହୋଇଛି। ଏଥିରେ ସଭାପତି ଭାବେ ଲୋତକ ବିନ୍ଦୁ ପଟ୍ଟନାୟକ ,ସମ୍ପାଦକ ଭାବେ ଲିଙ୍ଗରାଜ ସାହୁ, ଓ ଉପ ସଭାପତି ଭାବେ ହର ପ୍ରସାଦ ମହାପାତ୍ର ବିଜୟ ଲାଭ କରିଛନ୍ତି।ଲୋତକ ବିନ୍ଦୁ ପଟ୍ଟନାୟକ ୧୫୧ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ମାନସ ରଞ୍ଜନ ପଟ୍ଟନାୟକ ୧୨୧ ଖଣ୍ଡ ଏବଂ ଲିଙ୍ଗରାଜ ସାହୁ ୫୬ ଖଣ୍ଡ ଭୋଟ ପାଇଛନ୍ତି । ସମ୍ପାଦକ ଭାବେ ଲିଙ୍ଗରାଜ ସାହୁ ୧୯୫ ଖଣ୍ଡ ପାଇଥିବା ବେଳେ ତାଙ୍କ ନିକଟ ତମ ପ୍ରତିଦ୍ୱନ୍ଦୀ ବଳରାମ ସାହୁ ୭୭ ଏବଂ ସୁରେନ୍ଦ୍ର କୁମାର ସାହୁ ୫୩ ଖଣ୍ଡ ଭୋଟ ପାଇଥିଲେ । ଉପ- ସଭାପତି ଭାବେ ହର ପ୍ରସାଦ ମହାପାତ୍ର ୧୮୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି । ଯୁଗ୍ମ ସମ୍ପାଦକ ଭାବେ ଲଲାଟେନ୍ଦୁ କେଶରୀ ପ୍ରଧାନ, କୋଷାଧକ୍ଷ ଭାବେ ବସନ୍ତ କୁମାର ଭଞ୍ଜ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ବିକ୍ରମ କେଶରୀ ଛୁଆଳ ସିଂ, ପ୍ରଦୀପ କୁମାର ମିଶ୍ର, ରାଧାକାନ୍ତ ରାୟ ସାମନ୍ତ, ସାବିତ୍ରୀ ଦେବୀ, ଜମିରୁଦ୍ଦିନ ଖାନ ଓ ମୋନାଲିସା ମିଶ୍ର ନିର୍ବାଚିତ ହୋଇଛନ୍ତି । ମୋଟ ୩୭୧ ଜଣ ଭୋଟଦାତାଙ୍କ ମଧ୍ୟରୁ ୩୩୪ ଜଣ ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିଲେ ।

## ଯାଜପୁର ରୋଡ ଓକିଲ ସଙ୍ଘର ନିର୍ବାଚନ



ଯାଜପୁର ରୋଡ଼, ୨୯।୩ (ସଂଚାର ବ୍ୟୁରୋ)ଃ ଆସନ୍ତା ୨୦୨୬-୨୭ ବର୍ଷ ପାଇଁ ଯାଜପୁର ରୋଡ ବାର ଆସୋସିଏସନ ଓ ବ୍ୟାସନଗର ବାର ଆସୋସିଏସନର ନିର୍ବାଚନ ଅନୁଷ୍ଠିତ ହୋଇଯାଇଅଛି। ଏହି ନିର୍ବାଚନରେ ଯାଜପୁର ରୋଡ ଯାଜପୁର ରୋଡ ବାର ଆସୋସିଏସନ ତରଫରୁ ନବନିର୍ବାଚିତ ସଭାପତି ଭାବେ ମଙ୍ଗୁଳି ଚରଣ ସାହୁ, ଉପସଭାପତି ଭାବେ ଗୀତାଞ୍ଜଳି ପରିଡା, ସମ୍ପାଦକ ଭାବେ ବିଭୁ ପ୍ରସାଦ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଭାବେ ସଞ୍ଜୟ କୁମାର ପେରେଇ, ସହ ସମ୍ପାଦକ ଭାବେ ଶୀତଲ କାନୁନଗୋ, ଟ୍ରେଜର ଭାବେ ଗଣନାଥ ରାଉତ, କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ପୀତବାସ ଭୂୟାଁ ନିର୍ବାଚିତ ହୋଇଥିବା ବେଳେ ବ୍ୟାସନଗର ବାର ଆସୋସିଏସନ ତରଫରୁ ସଭାପତି ଭାବେ ନାରାୟଣ ପ୍ରସାଦ ପତି, ଉପସଭାପତି ବିଶ୍ୱମ୍ବର ସାମଲ, ସମ୍ପାଦକ ରବୀନ୍ଦ୍ର କୁମାର ନାୟକ, ଯୁଗ୍ମ ସମ୍ପାଦିକା ପ୍ରୀତି ପ୍ଲାଜା ମହାପାତ୍ର, କୋଷାଦକ୍ଷ ସନ୍ତୋଷ କୁମାର ସାହୁ,କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ଅମୀୟ ରଞ୍ଜନ ଘଡ଼ାଇ, ଲାଇବ୍ରେରୀୟାନ ଭାବେ ବିରଜା ପ୍ରସାଦ ହାଲଦାର ନିର୍ବାଚିତ ହୋଇଛନ୍ତି। ସମସ୍ତ ନିର୍ବାଚିତ ପ୍ରତିନିଧି ଙ୍କୁ ଆଜି କୋର୍ଟ ପରିସରରେ ଆସୋସିଏସନ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ସ୍ୱୟଂସେବକ ସଂଘ ପକ୍ଷରୁ ଭବ୍ୟ ପଥ ସଞ୍ଚାଳନ କାର୍ଯ୍ୟକ୍ରମ



ସୁନ୍ଦରଗଡ଼, ୨୯।୩(ସଂଚାର ବ୍ୟୁରୋ)ଃ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସୁନ୍ଦରଗଡ଼ ସଂଘ ଜିଲ୍ଲା ତରଫରୁ ରାଷ୍ଟ୍ରୀୟ ନବବର୍ଷ ଆରମ୍ଭ ତଥା ଶ୍ରୀରାମ ନବମୀ ଅବସରରେ ଏକ ଭବ୍ୟ ପଥ ସଞ୍ଚଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୁନ୍ଦରଗଡ଼ ସହରର ସ୍ଥାନୀୟ ଶିଶୁ ବିଦ୍ୟା ମନ୍ଦିରରୁ ସଞ୍ଚଳନ ବାହାରି ମେଡିକାଲ ସମ୍ମୁଖ ଦେଇ ରଙ୍ଗାଢ଼ିପା ଛକ ପହଞ୍ଚିଥିଲା। ସେଇଠୁ ସୁନାରୀ ପଡ଼ା, ରିଜେଣ୍ଟ ମାର୍କେଟ, ଜଗନ୍ନାଥ ମନ୍ଦିର, ଡେଲି ମାର୍କେଟ ଦେଇ ପୁଣି ଶିଶୁ ମନ୍ଦିର ଯାଏଁ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂଘଚାଳକ କୈଳାସ ଭିତିରିଆ ଏବଂ ଜିଲ୍ଲା କାର୍ଯ୍ୟବାହ ତୀର୍ଥବାସୀ ପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ ବିଭାଗ ତଥା ପ୍ରାନ୍ତ କାର୍ଯ୍ୟକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ।

ହେମଗିରି, ଲେଫ୍ରୀପଡା, ସଦର, ସବଡେଗା, ବଡ଼ଗାଁ, ଟାଙ୍ଗରପାଲି, ତଥା କୁତ୍ରା ବ୍ଲକରୁ ସ୍ୱୟଂସେବକମାନେ ପୂର୍ଣ୍ଣ ଗଣବେଶ ସହିତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ୫୦୦ ସ୍ୱୟଂସେବକ ଯୋଗଦାନ କରିଥିଲେ। ସହରର ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ କରାଯାଇଥିଲା ତଥା ସହର ବାସୀ ପଥ ସଞ୍ଚଳନରେ ସହଯୋଗ କରିଥିଲେ। ସଂଘ ଚଳିତ ବର୍ଷ ଶତାବ୍ଦୀ ପାଳନ କରୁଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମାଜରେ ପଞ୍ଚ ପରିବର୍ତ୍ତନର ବାର୍ତ୍ତା ପହଞ୍ଚାଇବା। ଯଥା ସାମାଜିକ ସମରସତା, ପରିବାର ପ୍ରବୋଧନ, ପର୍ଯ୍ୟାବରଣ ସଂରକ୍ଷଣ, ସ୍ୱଆଧାରିତ ଜୀବନ ତଥା ନାଗରିକ ଶିଷ୍ଟାଚାର, ଇତ୍ୟାଦିକୁ ନାଗରିକ ଜୀବନରେ ପାଳନ ପାଇଁ ବାର୍ତ୍ତା ଦେଇଆସୁଛି । ଏହି ପଥ ସଂଚଳନ କାର୍ଯ୍ୟକ୍ରମରେ ସଂଘର ବିବିଧ ସଂଗଠନ ଯଥା ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ବିଦ୍ୟାର୍ଥୀ ପରିଷଦ, ବନବାସୀ କଲ୍ୟାଣ ଆଶ୍ରମ ତଥା ପତଞ୍ଜଳି ଯୋଗ ସମିତିର ବହୁ କାର୍ଯ୍ୟକର୍ତ୍ତା ଭାଗ ନେଇଥିଲେ । ନଗରର ସଂଘ ଅଧିକାରୀ ନାରାୟଣ ପଟେଲ, ନନ୍ଦଲାଲ ପଟେଲ,ବୁଲୁ ବହିଦାର, ରତ୍ନାକର ବେହେରା, ମହେଶ୍ୱର ବେହେରା ସହଯୋଗ କରିଥିବା ସମସ୍ତ ସଂଗଠନ ପୋଲିସ ଓ ପ୍ରଶାସନ ବିଭାଗକୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ୧ରୁ ତରାପୁର ମା’ ହିଙ୍ଗୁଳାଙ୍କ ମହାଯଜ୍ଞୋତ୍ସବ

ଯାଜପୁର ରୋଡ଼,୨୯।୩(ସଂଚାର ବ୍ୟୁରୋ)ଃ ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଂଚାୟତ ତରାପୁର ଗ୍ରାମର ଆରାଧ୍ୟା ଦେବୀ ଅଗ୍ନି ସ୍ୱରୂପିଣି ମା' ହିଙ୍ଗୁଳାଙ୍କ ୯୦ତମ ମହାଯଜ୍ଞୋତ୍ସବ ଆସନ୍ତା ଅପ୍ରେଲ ମାସ ୧ ତାରିଖରୁ ୯ ଦିନ ବ୍ୟାପି ଅନୁଷ୍ଠିତ ହେବ। ଏନେଇ ହିଙ୍ଗୁଳା କମିଟି ତରାପୁର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଅପ୍ରେଲ ମାସ ୧ ତାରିଖ ବୁଧବାର ଦିନ ମହାମାୟୀ ଜଗତଜନନୀ ମା ହିଙ୍ଗୁଳାଙ୍କ ଶୁଭାଧିବାସ ସ୍ଥାପନ, ଅଙ୍କୁରାରୋପଣ ଏବଂ ଘଟସ୍ଥାପନ କରାଯିବାର କାର୍ଯ୍ୟକ୍ରମ ରହିଛି। କୋରେଇ ବିଧାୟକ ଶ୍ରୀଯୁକ୍ତ ଆକାଶ ଦାସନାୟକ ସପତ୍ନୀକ ସହ ପହଂଚିବାର କାଯ୍ୟକ୍ରମ ରହିଛି।ଆଂଚଳିକ ହିଙ୍ଗୁଳା କମିଟି ସଭାପତି ନରୋତ୍ତମ ଜେନା ଏବଂ ସମ୍ପାଦକ ନନ୍ଦକିଶୋର ସାହୁ ସୂଚନା ଦେଇଛନ୍ତି। ଏହି ଯଜ୍ଞ କାଯ୍ୟକ୍ରମ ସମୟରେ ସୁରକ୍ଷା ବ୍ୟବସ୍ଥା ନିମନ୍ତେ ଯାଜପୁର ରୋଡ଼ ଆଦର୍ଶ ଥାନା ପୁଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା ପ୍ରଦାନ କରାଯିବ । ଏହି ମହାଯଜ୍ଞୋତ୍ସବ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ ନିମନ୍ତେ ସଭାପତି ଶ୍ରୀ ନରୋତମ ଜେନା, ଉପସଭାପତି ରଣଜିତ ପ୍ରଧାନ, ସମ୍ପାଦକ ନନ୍ଦ କିଶୋର ସାହୁ, କୋଷାଧ୍ୟକ୍ଷ ଅଞ୍ଜନ କୁମାର ସାମଲ, ସରପଂଚ ସର୍ବେଶ୍ୱର ସାହୁ, କମିଟି ସଭ୍ୟ - ପୁରସ୍ତମ ନାୟକ,ବାବାଜି ଚରଣ ସାହୁ, ମଦନ ମୋହନ ସ୍ୱାଇଁ, ମଦନ ମୋହନ ବେହେରା, ଶରତ ଚନ୍ଦ୍ର ଦାସ, ସୁଦାମ ଚରଣ ସାହୁ, ନିରଞ୍ଜନ ପତ୍ରୀ, ରମାକାନ୍ତ ବେହେରା, ଉମେଶ ଦାସ, ବିକାଶ କୁମାର ସାହୁ, ନାରାୟଣ ଚନ୍ଦ୍ର ସାହୁ, ଭାଗବତ ପାଢ଼ୀ, ଅଫିସ ସହଯୋଗୀ ପ୍ରଶାନ୍ତ କୁମାର ମହାନ୍ତିଙ୍କ ସମେତ ଅଂଚଳର ଜନସାଧାରଣଙ୍କ ସହଯୋଗ ରହିବ ବୋଲି ସୂଚନା ମିଳିଛି ।

# ବିଶ୍ୱବିଖ୍ୟାତ ବାଘୁଣୀ ‘ଖଇରୀ’ର ତିରୋଧାନ ଦିବସ ପାଳିତ



ବେତନଟୀ, ୨୯।୩(ସଂଚାର ବ୍ୟୁରୋ)ଃ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅନ୍ତର୍ଗତ ଶାଳଓ୍ୱଣୀ ଗ୍ରାମ ପଞ୍ଚାୟତରେ ଥିବା ପିଏମଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ଶିମିଳିପାଳର ବିଶ୍ୱବିଖ୍ୟାତ ବାଘୁଣୀ ଖଇରୀର ୪୬ ତମ ତିରୋଧାନ ଦିବସ ଉପଲକ୍ଷେ ଏକ ଆଲୋଚନା ଚକ୍ର ବିଦ୍ୟାଳୟରଅଧ୍ୟକ୍ଷ ସୁବାସ ଚନ୍ଦ୍ର ତିଓ୍ୱାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବେତନଟୀ ସିଭିଲ ସୋସାଇଟିର ସମ୍ପାଦକ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ଏବଂ ମୁଖ୍ୟ ବକ୍ତା ଭାବରେ ଅଖିଳ ଭାରତୀୟ ବହୁଭାଷୀ ସାହିତ୍ୟ ଅନୁଷ୍ଠାନ କବି ସଙ୍ଗମର ସଭାପତି ଆସୁ କବି ବାସୁଦେବ ନାପିତ ଯୋଗଦାନ କରି ଖଇରୀ ଏକ ବାଘୁଣୀ ହୋଇ ମଧ୍ୟ ମନୁଷ୍ୟ ମାନଙ୍କର ସୁରକ୍ଷା କବଚ ଥିଲେ ବୋଲି କହିଥିଲେ । ଅଧ୍ୟକ୍ଷୀୟ ବକ୍ତବ୍ୟ ପ୍ରଦାନ କରି ସୁବାସ ଚନ୍ଦ୍ର ତିଓ୍ୱାରୀ କହିଲେ ଶିମିଳିପାଳ ଯେପରି କଳା ବାଘ ପାଇଁ ବିଶ୍ୱ ବିଖ୍ୟାତ ଠିକ ସେହିପରି ମଧ୍ୟ ପ୍ରଦେଶର ସତନା ଜିଲ୍ଲାର ମୁକୁନ୍ଦପୁରରେ ଥିବା ଧଳାବାଘ ସଫାରୀ ବିଶ୍ୱ ବିଶ୍ୱ ବିଖ୍ୟାତ ଏବଂ ବାନ୍ଧୋ ବ୍ୟାଘ୍ର ପ୍ରକଳ୍ପରେ ଥିବା ବାଘ ସମଗ୍ର ବିଶ୍ୱରେ ଚର୍ଚ୍ଚିତ ।

ଏଠାରେ ଉଲ୍ଲେଖ ନୀୟଯେ ଏହି ଅବସରରେ ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ଏବଂ ସ୍ୱେଚ୍ଛାସେବୀ ଦାମୋଦର ମହାନ୍ତଙ୍କ ସହଯୋଗରେ ଶିମିଳିପାଳ ଇକୋ ଫ୍ରେଣ୍ଡସ ପକ୍ଷରୁ ପ୍ରସ୍ତୁତ ସ୍ମୃତିରେ ଖଇରୀକୁ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ଏଥିରେ ଅଂଶ ଗ୍ରହଣ କରିଥିବା ମୟୂରଭଞ୍ଜ ଜିଲ୍ଲାର ୨୬ ଟି ବ୍ଲକର ୫୪୬ ଜଣ ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରି ଖଇରୀର ପ୍ରତି ସ୍ମୃତି ପ୍ରତି ଶ୍ରଦ୍ଧା ଅର୍ପଣ କରିବା ସହିତ ପ୍ରକୃତି ଏବଂ ପରିବେଶର ସୁରକ୍ଷା ଓ ବିକାଶ ପାଇଁ ଶପଥ ପାଠ କରିଥିଲେ ।କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଜାତୀୟ ସବୁଜ ବାହିନୀର ମାଷ୍ଟର ଟ୍ରେନର ତଥା ଶିମିଳିପାଳ ଇକୋ ଫ୍ରେଣ୍ଡର ସମ୍ପାଦକ ଡ଼କ୍ଟର ରମାକାନ୍ତ ମହାନ୍ତ ।

## ଠିକାଦାର ସଙ୍ଘ ପକ୍ଷରୁ ସାଧାରଣ ବୈଠକ

# ସୁକିନ୍ଦାର ବିକାଶ ପାଇଁ ସମସ୍ତେ ଉନ୍ନତ ମାନର କାମ କରିବାକୁ ଆହ୍ୱାନ




ଯାଜପୁର, ୨୯।୩(ସଂଚାର ବ୍ୟୁରୋ)ଃଯାଜପୁର ଜିଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଠିକାଦାର ସଂଘ ପକ୍ଷରୁ ଦାନଗଦି ଭବନଠାରେ ଦଶମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବୈଠକରେ ଠିକାଦାର ରବିନ୍ଦ୍ର ସାମଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ଯାଜପୁର ଜିଲ୍ଲା ଠିକାଦାର ସଂଘ ସଭାପତି ତଥା ରାଜ୍ୟ ଠିକାଦାର ସଙ୍ଘର ଉପ ସଭାପତି ସଂଜୀବ ପରିଡା କହିଥିଲେ, ସମସ୍ତ ଠିକାଦାର ଭାଇ ମାନେ ଏକତ୍ରିତ ହୋଇ ରହିବାକୁ ଗୁରୁତ୍ୱାରୋପ କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଏବେ ସମୟ ଆସିଛି ନିଜ ହକ ପାଇଁ ଲଢେଇ କରିବା । କାରଣ ସରକାର ଆମର ସମସ୍ୟା ଗୁଡିକ ପ୍ରତି ଦୃଷ୍ଟି ଦେବାକୁ ପ୍ରତିଶୃତି ଦେଇଛନ୍ତି । ନିଜ ନିଜ ଭିତରେ ପ୍ରତିଯୋଗିତା ନ କରି ସମସ୍ତ ଠିକାଦାର ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ଠାରୁ କମ ମୂଲ୍ୟରେ କୌଣସି ଟେଣ୍ଡର ନ ପକାଇବାକୁ ସେ ଆହ୍ୱାନ ଦେଇଥିଲେ ।

ଏଥିରେ ଦୁଇ ବ୍ଲକର ଠିକାଦାର ନିଜର ମତାମତ ଦେବା ସହ ସଂଘର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ରମଣୀ ରଞ୍ଜନ ବଳ ସାମନ୍ତ ଯୋଗ ଦେଇ ଏକତା ହିଁ ବଳ ବୋଲି କହିବା ସହ ସେଡୁଲ ରେଟରେ କାମ ପାଇଁ ସମସ୍ତେ ପକାନ୍ତୁ ବୋଲି କହିଥିଲେ । ସଂଘର ଉପଦେଷ୍ଟା ସୁଧାଂଶୁ ଶେଖର ଭଞ୍ଜ ଯୋଗ ଦେଇ ଆମ ଅଞ୍ଚଳର ବିକାଶ ପାଇଁ ସିଡୁଲ ରେଟରେ କାମ ନେଇ ଉଚ୍ଚ ମାନର କାମ କରିବାକୁ ସୂଚନା ଦେଇଥିଲେ। ଏଥିରେ ମଳୟ କୁମାର ରାଉତ, ଅବିନାଶ ମିଶ୍ର, ସନ୍ତୋଷ ଧଳ, ହରେକୃଷ୍ଣ ସାହୁ,ଅଭିରାମ ଦାସ,ଦୁଷ୍ମନ୍ତ ବିଶ୍ୱାଳ, ଲମ୍ବୋଧର ଦଳ ବେହେରା, ଚିତ୍ତରଞ୍ଜନ ମୁଦୁଲି,ନସୀମ ଉଦ୍ଦିନ ଖାଁ, ଅସିତ ମହାନ୍ତ,ସଞ୍ଜୟ ମହାନ୍ତ ସମେତ ୧୫୦ରୁ ଉର୍ଦ୍ଧ୍ୱ ଠିକାଦାର ସାମିଲ ହୋଇ ଥିଲେ।




# ପ୍ରତିଦିନ ଖାଆନ୍ତୁ ମଖାନା ଓ କ୍ଷୀର



ସୁସ୍ଥ ଶରୀର ପାଇଁ କିଏ ବା ନଚାହେଁ। ସୁସ୍ଥ ଶରୀର ଗଠନ ପାଇଁ ଅନେକ ଲୋକ ବହୁତ କିଛି ପଦକ୍ଷେପ ନେଇଥାନ୍ତି। କିଏ ଖାଦ୍ୟକୁ ନେଇ ସଚେତନ ଥାଆନ୍ତି ତ ଆଉ ପୁଣି କିଏ ବ୍ୟାୟାମ କରନ୍ତି ଏବଂ ଜିମରେ ଜଏନ୍ କରିଥାନ୍ତି। ସୁସ୍ଥ ଶରୀର ପାଇଁ ଉପଯୁକ୍ତ ଏବଂ ଉତ୍ତମ ଖାଦ୍ୟର ଆବଶ୍ୟକତା ରହିଛି। ସେହିସବୁ ମଧ୍ୟରୁ ମଖାନା ହେଉଛି ଅନ୍ୟତମ। ମଖାନାରେ ମିଳୁଥିବା ସମସ୍ତ ପୁଷ୍ଟିକର ଉପାଦାନ ଆପଣଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ଉପରେ ଅନେକ ସକରାତ୍ମକ ପ୍ରଭାବ ପକାଇଥାଏ। ଯଦି ଆପଣ ପ୍ରତିଦିନ ଏକ କପ୍ ମଖାନା ଖାଇବା ଆରମ୍ଭ କରନ୍ତି, ତେବେ ଆପଣଙ୍କ ସ୍ୱାସ୍ଥ୍ୟ ଅନେକ ଲାଭ ପାଇପାରିବ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଶାରୀରିକ ଦୁର୍ବଳତାକୁ ଦୂର କରିବାରେ ମଖାନା ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥାଏ। କ୍ଷୀର ମଧ୍ୟ ଆମ ଶରୀର ପାଇଁ ଖୁବ୍ ଉପଯୋଗୀ ବୋଲି ଆମେ ଜାଣିଛେ। ଯେମିତି ମଖାନାରେ ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଫାଇବର, ପୋଟାସିୟମ୍, ଆଇରନ୍ ଏବଂ ଜିଙ୍କର ଏକ ଭଲ ଉତ୍ସ ଥାଏ ଠିକ୍ ସେହିପରି କ୍ଷୀରରେ ମଧ୍ୟ କ୍ୟାଲସିୟମ ଏବଂ ମିନେରାଲ୍ସ ଭଳି ଗୁଣ ରହିଥାଏ, ଯାହା ଶରୀରକୁ ଅନେକ ଲାଭ ଦେଇଥାଏ। କିନ୍ତୁ ଆପଣ କ'ଣ ଜାଣିଛନ୍ତି କି, ମଖାନା ସହିତ କ୍ଷୀର ଖାଇବା ଦ୍ୱାରା କେଉଁ ସବୁ ଲାଭ ମିଳିଥାଏ। ତେବେ ଆସନ୍ତୁ ସେ ସମ୍ପର୍କରେ ଜାଣିବା। ମଖାନା ଶରୀର ପାଇଁ କୌଣସି ବରଦାନ ଠାରୁ କମ୍ ନୁହେଁ। ଏଥିରେ ସୋଡିୟମ୍, କ୍ୟାଲୋରୀ ଏବଂ ଫ୍ୟାଟ ମାତ୍ରା କମ୍ ରହିଥାଏ। ମଖାନାରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଏବଂ ପ୍ରୋଟିନ୍ ଭଳି ଗୁଣ ପ୍ରଚୁର ମାତ୍ରାରେ ରହିଥାଏ। କ୍ଷୀରରେ ମଖାନା ଫୁଟାଇ ଖାଇବା ଦ୍ୱାରା ଶରୀରରେ ଏନିମିୟାର ଅଭାବକୁ ଦୂର କରାଯାଇପାରେ। ଯେଉଁମାନଙ୍କ ଶରୀରରେ ରକ୍ତର ଅଭାବ ରହିଛି ସେମାନଙ୍କ ପାଇଁ ଏହା ଖୁବ୍ ଫଳପ୍ରଦ ହୋଇଥାଏ। କେବଳ ଏତିକି ନୁହେଁ ମଖାନା ଓ କ୍ଷୀର ସେବନ କରିବା ଦ୍ୱାରା ଏନର୍ଜିକୁ ମଧ୍ୟ ବୁଷ୍ଟ କରାଯାଇପାରିବ। ତାହେଲେ ଆସନ୍ତୁ ଜାଣିବା କ୍ଷୀର ଓ ମଖାନା ଫୁଟାଇ ଖାଇବା ଦ୍ୱାରା ଶରୀରକୁ କଣ କଣ ସବୁ ଫାଇଦା ମିଳିଥାଏ।

**ହାର୍ଟ:** କ୍ଷୀର ଓ ମଖାନା ଫୁଟାଇ ଖାଇବା ଦ୍ୱାରା ହାର୍ଟ ହେଲ୍ଦି ରହିଥାଏ। ମଖାନାରେ ଆଲ୍କାଲାଇଡ ନାମକ ତତ୍ତ୍ୱ ରହିଥାଏ। ଏଥିରେ କିଛି ଖାସ୍ ପୋଷକ ତତ୍ତ୍ୱ ମିଳିଥାଏ ଯାହା ହୃଦ ସମ୍ବନ୍ଧୀୟ ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରିପାରିବ। ଏଥିସହିତ ଅଧିକ ଚିନ୍ତାରେ ରହୁଥିଲେ ମଖାନା ସେବନ କରିବା ଉଚିତ୍। ରାତିରେ ଶୋଇବା ପୂର୍ବରୁ କ୍ଷୀର ଓ ମଖାନା ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ। ଯାହା ଦ୍ୱାରା ଅଧିକ ଚିନ୍ତାକୁ ଦୂର କରାଯାଇପାରିବ।

**ଗ୍ୟାସ୍ ସମସ୍ୟା:** ମଖାନାରେ ବହୁତ ମାତ୍ରାରେ ଫାଇବର ଗୁଣ ମିଳିଥାଏ। ଏଥିରେ କେବଳ ଫାଇବର ନୁହେଁ ବରଂ କ୍ୟାଲସିୟମ୍‌ର ତତ୍ତ୍ୱ ମଧ୍ୟ ମିଳିଥାଏ। ଯାହା ପେଟ ଗ୍ୟାସ୍ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ।

**ଆଣ୍ଠୁ ଗଣ୍ଠି:** କ୍ଷୀର ଓ ମଖାନାରୁ ପ୍ରଚୁର ମାତ୍ରାର କ୍ୟାଲସିୟମ୍ ମିଳିଥାଏ। ଏହି ଦୁଇଟିକୁ ମିଶାଇ ଖାଇବା ଦ୍ୱାରା ଦୁର୍ବଳ ହୋଇଯାଇଥିବା ଆଣ୍ଠୁ ଗଣ୍ଠିକୁ ମଜବୁତ କରିଥାଏ। ତେଣୁ ଆପଣଙ୍କ ଖାଇବା ଲିଷ୍ଟରେ ମଖାନା ଏବଂ କ୍ଷୀରକୁ ସାମିଲ କରିପାରିବେ।

**ଏନର୍ଜି:** ଯଦି ଆପଣ ଦୁର୍ବଳତା ଏବଂ ଏନର୍ଜିର ଅଭାବ ଅନୁଭବ କରୁଛନ୍ତି, ତେବେ କ୍ଷୀର ଓ ମଖାନା ଖାଇ ପାରିବେ। ମଖାନା ଓ କ୍ଷୀରରେ ପ୍ରୋଟିନ୍ ଏବଂ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଥାଏ। ଯାହା ଶରୀରକୁ ଶକ୍ତି ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

## ସ୍ୱାସ୍ଥ୍ୟ ପାଇଁ ପ୍ରଭାବଶାଳୀ ପଇଡ଼ ନାଳି



ଆଜିକାଲିକା ଲୋକଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଯାହା ଖାଦ୍ୟପେୟରେ ଅନିର୍ଦ୍ଦିଷ୍ଟ କାରଣ ପାଇଁ ଏପରି ପରିବର୍ତ୍ତନ ଦେଖିବାକୁ ମିଳିଥାଏ। କିନ୍ତୁ ପରବର୍ତ୍ତୀ ସମୟରେ ଏହା ସ୍ୱାସ୍ଥ୍ୟ ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ। ପ୍ରତ୍ୟେକ ଲୋକ ଏପରି ସ୍ଥିତିରୁ ବାହାରିବା ପାଇଁ ଉପାୟ ଖୋଜିଥାଆନ୍ତି। ଯେମିତି ବିନା ସାଇଡ୍ ଇଫେକ୍ଟରେ ଏବଂ ସହଜରେ ସେହି ସବୁ ସମସ୍ୟାରୁ ରକ୍ଷା ପାଇପାରିବେ। ପଇଡ଼ ପାଣି ଏପରି ଏକ ହର୍ବାଲ ଡ୍ରିଙ୍କ୍ସ ଯାହାକୁ ଆୟୁର୍ବେଦ ଅନୁସାରେ ମହୌଷଧି ଭାବେ ବିବେଚନା କରାଯାଏ। ପଇଡ଼ ପାଣି ପ୍ରାକୃତିକ ଗୁଣରେ ଭରପୁର ହୋଇଥିବାରୁ ଏହା ଆମ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ହୋଇଥାଏ। ପଇଡ଼ ପାଣିରେ ଅନେକ ପୋଷକ ତତ୍ତ୍ୱ ଥାଏ। ଏଥିରେ ସୋଡିୟମ୍,ପୋଟାସିୟମ୍, କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଭରପୁର ମାତ୍ରାରେ ରହିଥାଏ। ସେଥିରୁ ଇଲେକ୍ଟ୍ରୋଲାଇଟ୍ସ ମଧ୍ୟ ମିଳିଥାଏ। ଡିହାଇଡ୍ରେସନ୍ ଭଳି ସମସ୍ୟା ପାଇଁ ବେଷ୍ଟ ପଇଡ଼ ପାଣି। ପଇଡ ପାଣି ପାଣି ଭଳି ଏହାର ନାଳି ମଧ୍ୟ ଆମ ସ୍ୱାସ୍ଥ୍ୟ ଉପକାରୀ ହୋଇଥାଏ। ଏହା ଯେତିକି ସ୍ୱାଦିଷ୍ଟ ସେତିକି ହିତକର ହୋଇଥାଏ। ଭିଟାମିନ୍ ସି, ଇ, ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଆଇରନ୍ ଏବଂ ଫସଫରସ୍ ପରି ପୁଷ୍ଟିକର ଖାଦ୍ୟ ନଡ଼ିଆ ନାଳିରେ ମିଳିଥାଏ ଯାହା ଆପଣଙ୍କ ଶରୀରର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଆସନ୍ତୁ ଏହାର ଲାଭକାରୀ ଗୁଣ ସମ୍ପର୍କରେ ଜାଣିବା। ଇମ୍ୟୁନିଟି ବଢ଼ାଇବା ପାଇଁ ନଡ଼ିଆର ନାଳି ଖାଇବା ବହୁତ ଲାଭଦାୟକ ହୋଇଥାଏ। ନଡ଼ିଆ ନାଳିରେ ଥିବା ଏଣ୍ଟିଅକ୍ସିଡାଣ୍ଟ ଓ ଆଣ୍ଟିଇନଫ୍ଲାମେଟରୀ ଗୁଣ ଥିବାରୁ ଏହା ଇମ୍ୟୁନିଟି ବଢ଼ାଇବାରେ ସାହାଯ୍ୟ କରିଥାଏ। ଇମ୍ୟୁନିଟି ପାୱାର ବଢ଼ାଇବା ପାଇଁ ନାଳି ନଡ଼ିଆ ନିଶ୍ଚୟ ଖାଆନ୍ତୁ। ପାଚନ ପ୍ରକ୍ରିୟାକୁ ସୁସ୍ଥ ରଖିବା ପାଇଁ ନଡିଆର ନାଳି ବହୁତ ଲାଭାକାରୀ ହୋଇଥାଏ। ଏଥିରେ ଭରପୁର ମାତ୍ରାରେ ଫାଇବର ରହିଥାଏ। ଯାହା ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ। ଏହା ପାଚନ ସମ୍ବନ୍ଧୀୟ ସମସ୍ୟାକୁ ମଧ୍ୟ ଦୂର କରିଥାଏ। ହାର୍ଟ ସୁସ୍ଥ ରଖିବା ପାଇଁ ନଡିଆ ନାଳି ବହୁତ ପ୍ରଭାବଶାଳୀ ହୋଇଥାଏ। ନାଳି ନଡ଼ିଆରେ ସାଚୁରେଟେଡ ଫ୍ୟାଟ ରହିଥାଏ। ଯାହା ହାର୍ଟ ପାଇଁ ବହୁତ ଫଳପ୍ରଦ ହୋଇଥାଏ। କାରଣ ଏହି ଫ୍ୟାଟ ଭଲ କୋଲେଷ୍ଟ୍ରୋଲକୁ ବଢ଼ାଇଥାଏ ଓ ଖରାପ କୋଲେଷ୍ଟ୍ରୋଲକୁ କମାଇଥାଏ। ନଡ଼ିଆ ନାଳି ଖାଇଓ୍ୱା ଦ୍ୱାରା ମୋଟାପଣ କମିଯାଏ। ନଡ଼ିଆ ନାଳିରେ ଅଧିକ ପରିମାଣରେ ଚର୍ବି ଥାଏ। କିନ୍ତୁ ଏଥିରେ ସୁସ୍ଥ ଚର୍ବି ଥାଏ ଏବଂ ଏଥିରେ ଥିବା ପୋଷକ ତତ୍ତ୍ୱ ଆପଣଙ୍କ ପେଟକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପୂରା ରଖେ। ଫଳରେ ଆପଣଙ୍କୁ ଶୀଘ୍ର ଭୋକିଲା ଅନୁଭବ ହେବାକୁ ଦେଇନଥାଏ ଏବଂ ଓଜନ କମ୍ କରିବାରେ ବଡ଼ ଭୂମିକା ଗ୍ରହଣ କରିଥାଏ। ନଡ଼ିଆ ନାଳିରେ ଥିବା ଫାଇବର, ପୋଟାସିୟମ୍, ଆଇରନ୍ ଏବଂ ସୁସ୍ଥ ଚର୍ବି ଗର୍ଭବତୀ ମହିଳାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଥାଏ। ନଡିଆ ନାଳି ଖାଇବା ଦ୍ୱାରା ଗର୍ଭବତୀ ମହିଳାମାନଙ୍କୁ ସମସ୍ତ ରୋଗ ସମସ୍ୟାରୁ ମୁକ୍ତି ମିଳିଥାଏ। ତେଣୁ ଗର୍ଭବତୀ ମହିଳାଙ୍କ ପାଇଁ ଏହା ଭଲ ବିକଳ୍ପ।

## ଦୀର୍ଘଦିନର ମାନସିକ ଚାପ ସ୍ୱାସ୍ଥ୍ୟ ପାଇଁ ହାନିକାରକ



ଆଜିକାଲିର ଜୀବନଶୈଳୀରେ, ଅନେକ ଲୋକଙ୍କ ପାଇଁ ଚାପ ଏକ ବଡ଼ ଅସୁବିଧାର କାରଣ ସାଜିଛି। କୌଣସି ବିଷୟକୁ ନେଇ ଚାପ ଅନୁଭବ କରିବା ସ୍ୱାଭାବିକ, କିନ୍ତୁ ଚାପଗ୍ରସ୍ତ ରହିବା ଅସ୍ୱାସ୍ଥ୍ୟକର। ଦୀର୍ଘ ସମୟ ଧରି ଚାପ ମନ ଏବଂ ଶରୀର ଉଭୟ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଶରୀରରେ ଶକ୍ତି ସ୍ତର ହ୍ରାସ ପାଇବା ଆରମ୍ଭ କରେ, ଯାହା ଫଳରେ ଦିନସାରା ଥକ୍କାପଣ ଏବଂ ଦୁର୍ବଳତା ଦେଖାଯାଏ। ନିଦ୍ରାହୀନତା ଚିଡିଚିଡ଼ା ହୋଇଯାଏ। ଯେକୌଣସି କାମରେ ଆଗ୍ରହ ହରାଇଥାଏ ଏବଂ ଜଣେ ହତାଶ ଅନୁଭବ କରିବାକୁ ଲାଗେ। ଏପରି ପରିସ୍ଥିତିରେ, ତୁରନ୍ତ ଏହି ଚାପକୁ ଦୂର କରିବା ପାଇଁ ଯୋଜନା କରିବା ଉଚିତ, କାରଣ ଦୀର୍ଘ ସମୟ ଧରି ଚାପ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଦୀର୍ଘକାଳୀନ ଚାପ ସ୍ନାୟୁତନ୍ତ୍ରକୁ ନିରନ୍ତର ହାଇ ଆଲର୍ଟ ମୋଡରେ ରଖେ। ମସ୍ତିଷ୍କ ନିରନ୍ତର ଆଲାର୍ମ ସଙ୍କେତ ପଠାଏ, ଚାପ ହରମୋନକୁ ବୃଦ୍ଧି କରେ। ଏହା ନିଦ୍ରା ବ୍ୟାଘାତ, ସ୍ମୃତି ହ୍ରାସ, ଚିନ୍ତା ଏବଂ ଅବସାଦ ଭଳି ସମସ୍ୟା ସୃଷ୍ଟି କରିପାରେ। ଯଦି ଚାପ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ, ତେବେ ମନ ଦୁର୍ବଳ ହେବାକୁ ଆରମ୍ଭ କରେ। ପ୍ରଥମ ପଦକ୍ଷେପ ହେଉଛି ଚାପକୁ ସ୍ୱୀକାର କରିବା। କାର୍ଯ୍ୟଭାର, ଆର୍ଥିକ ଚାପ, ପାରିବାରିକ ଦ୍ୱନ୍ଦକୁ ନେଇ ଚିନ୍ତା ଲାଗି ରହିଲେ ଏହା କିପରି ଦୂର ହେବ ସେନେଇ ଚିନ୍ତା କରିବା ଜରୁରୀ। ଏହା କରିବା ପାଇଁ, ପ୍ରତିଦିନ ଧ୍ୟାନ କରନ୍ତୁ ଏବଂ ଗଭୀର ନିଶ୍ୱାସ ନେବା ଯୋଗ ଅଭ୍ୟାସ କରନ୍ତୁ। ଏହା ସ୍ନାୟୁ ପ୍ରଣାଳୀକୁ ଆରାମ ଦିଏ, ମନକୁ ଶାନ୍ତ କରେ ଏବଂ ଚାପ ହ୍ରାସ କରେ। ମାନସିକ ଚାପ କମାଇବା ପାଇଁ ଚିନ୍ତାଧାରାକୁ ପରିବର୍ତ୍ତନ କରିବା ଉଚିତ। ନକାରାତ୍ମକ ଚିନ୍ତାଧାରା ଆପଣଙ୍କ ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ। ଆପଣଙ୍କ ଚିନ୍ତାଧାରାରେ ନମନୀୟତା ସୃଷ୍ଟି କରନ୍ତୁ ଏବଂ ଆପଣଙ୍କ ମସ୍ତିଷ୍କକୁ ସକାରାତ୍ମକ ସଙ୍କେତ ପଠାଇବା ପାଇଁ ଜୀବନରେ ଛୋଟ ଛୋଟ ସକାରାତ୍ମକ ଜିନିଷ ଖୋଜନ୍ତୁ। ସୁସ୍ଥ ସ୍ନାୟୁ ପ୍ରଣାଳୀ ବଜାୟ ରଖିବା ପାଇଁ ଶାରୀରିକ ଭାବରେ ସକ୍ରିୟ ରୁହନ୍ତୁ। ପ୍ରତିଦିନ ହାଲୁକା ବ୍ୟାୟାମ କେବଳ ଶରୀରକୁ ସୁସ୍ଥ ରଖେ ନାହିଁ ବରଂ ମନକୁ ମଧ୍ୟ ଶକ୍ତିଶାଳୀ କରିଥାଏ। ଏହା ହାସଲ କରିବା ପାଇଁ, ଗଭୀର ନିଶ୍ୱାସ ପ୍ରଶ୍ୱାସ, ଧ୍ୟାନ, ହାଲୁକା ଯୋଗ, ଧୀରେ ଚାଲିବା କିମ୍ବା ପ୍ରକୃତିରେ ସମୟ ବିତାଇବା ଭଳି କାର୍ଯ୍ୟକଳାପରେ ନିୟୋଜିତ ହୁଅନ୍ତୁ। ଏହା ଚାପ ହ୍ରାସ କରିବ। ଦୀର୍ଘକାଳୀନ ଚାପ ହ୍ରାସ କରିବାରେ ନିଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ପର୍ଯ୍ୟାପ୍ତ ଏବଂ ଗଭୀର ନିଦ ପାଇବା ଦ୍ୱାରା ହରମୋନ ସନ୍ତୁଳିତ ହୁଏ ଏବଂ ଆପଣଙ୍କ ମନ ଶାନ୍ତ ହୁଏ। ଏହାକୁ ହାସଲ କରିବା ପାଇଁ, ପ୍ରତିଦିନ ସମାନ ସମୟରେ ଶୋଇବା ଅଭ୍ୟାସ କରନ୍ତୁ। ଶୋଇବା ପୂର୍ବରୁ ଆପଣଙ୍କ ଫୋନ୍, ଟିଭି ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଉପକରଣ ପରିହାର କରନ୍ତୁ। ମନକୁ ଶାନ୍ତ କରିବା ଏବଂ ଶୀଘ୍ର ନିଦ ହେବା ପାଇଁ କୋଠରୀରେ ଆଲୋକ କମ କରନ୍ତୁ ଏବଂ ସଙ୍ଗୀତ ବଜାନ୍ତୁ।

## ନାକରୁ ବାହାରୁଛି କି ରକ୍ତ ?



ଗ୍ରୀଷ୍ମ ଋତୁରେ ଦେଖାଦେଇଥାଏ ବିଭିନ୍ନ ସମସ୍ୟା। ଏହି ଋତୁରେ କେବଳ ଡିହାଇଡ୍ରେସନ ହୋଇନଥାଏ ବରଂ ଏହି ସମୟରେ ନାକରୁ ହଠାତ୍ ରକ୍ତ ବାହାରିବାର ସମସ୍ୟା ମଧ୍ୟ ଦେଖାଯାଏ। ଅତ୍ୟଧିକ ଗରମ ଓ ହଠାତ୍ ତାପମାତ୍ରା ପରିବର୍ତ୍ତନ ଯୋଗୁଁ ନାକ ଭିତରେ ଥିବା ସୂକ୍ଷ୍ମ ରକ୍ତବାହୀ ନଳୀ ଫାଟିଯାଏ, ଯାହାର ଫଳରେ ରକ୍ତସ୍ରାବ ଓ ଜଳାପୋଡ଼ା ଅନୁଭବ ହୁଏ। ଶୀତଦିନେ ନାକରୁ ରକ୍ତ ବାହାରିବା ଏକ ସାଧାରଣ କଥା। ବିଶେଷକରି ପିଲା, ବୟସ୍କ ଏବଂ ସାଇନସ୍ କିମ୍ବା ଆଲର୍ଜି ସମସ୍ୟା ଥିବା ଲୋକଙ୍କଠାରେ ଏହା ଦେଖାଯାଏ। ଯଦିଓ ଗ୍ରୀଷ୍ମ ଋତୁରେ ନାକରୁ ରକ୍ତ ବାହାରିବା ଚିନ୍ତାର ବିଷୟ ହୋଇପାରେ, କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ବିପଦ ନୁହେଁ ଏବଂ କିଛି ଘରୋଇ ଉପଚାର ଦ୍ୱାରା ଏହାକୁ ରୋକାଯାଇପାରିବ। ବିଶେଷଜ୍ଞ ମତ ଅନୁଯାୟୀ, ଯଦି ଆପଣଙ୍କ ନାକରୁ ରକ୍ତ ବାହାରିଥାଏ ତେବେ ଚିନ୍ତା କରିବାର କୌଣସି କାରଣ ନାହିଁ। ଏହି ପରିସ୍ଥିତିରେ, ରୋଗୀଙ୍କୁ ଆରାମ କରିବାକୁ କୁହନ୍ତୁ। ସେ ଯେତେ ଭୟଭୀତ ହେବ, ତାଙ୍କର ସମସ୍ୟା ସେତେ ବଢ଼ିବ। ରୋଗୀଙ୍କୁ ଆରାମରେ ବସାଇ ଟିକେ ଆଗକୁ ନଇଁବାକୁ କୁହନ୍ତୁ ଯାହା ଦ୍ୱାରା ରକ୍ତ ଆଗ ଭାଗରୁ ବାହାରକୁ ବହିଯିବ ଏବଂ ଗଳାର ପଛ ପଟକୁ ନଯିବ। ଏହା ପରେ, ରୋଗୀଙ୍କୁ ତାଙ୍କ ମୁହଁ ଖୋଲି ଆରାମରେ ନିଶ୍ୱାସ ନେବାକୁ କୁହନ୍ତୁ। ଯାହା ଦ୍ୱାରା ବହୁତ ଆରାମ ଲାଗିବ। ଶରୀରରେ ପାଣି କମିଯିବାରୁ ନାକର ଭିତର ଆସ୍ତରଣ ଶୁଖିଯାଏ ଏବଂ ରକ୍ତସ୍ରାବର ଆଶଙ୍କା ବଢ଼ିଯାଏ। ତେଣୁ ଦିନକୁ ଅତି କମରେ ୮- ୧୦ ଗ୍ଲାସ ପାଣି ପିଇବା ସହ ତରଭୁଜ, କାକୁଡି ପରି ହାଇଡ୍ରେଟିଂ ଫଳ ଖାଇବା ଆବଶ୍ୟକ। ନାକ ଶୁଖିବାରୁ ରୋକିବା ପାଇଁ ସାଲାଇନ୍ ନାଜାଲ୍ ସ୍ପ୍ରେ ବ୍ୟବହାର କରିପାରିବେ। ଏହା ସହ ଏକ ସଫା କପଡାରେ ଅଳ୍ପ ପେଟ୍ରୋଲିୟମ୍ ଜେଲି କିମ୍ବା ନଡ଼ିଆ ତେଲ ନେଇ ନାକ ଭିତରେ ହଲୁକା ଭାବେ ଲଗାଇବା ଉପକାରୀ ହୁଏ। ଏୟାର କଣ୍ଡିସନର ଓ ଫ୍ୟାନ୍ ବ୍ୟବହାର କରିବାରୁ ଘର ଭିତରର ପବନ ଅତ୍ୟଧିକ ଶୁଷ୍କ ହୋଇଯାଏ, ଯାହା ନାକର ସମସ୍ୟା ବଢ଼ାଇପାରେ। ରାତିରେ ଶୋଇବାବେଳେ ହ୍ୟୁମିଡିଫାୟର୍ ବ୍ୟବହାର କଲେ ବାୟୁ ଆର୍ଦ୍ର ରହିଥାଏ ଏବଂ ନାକ ଶୁଖିବାରୁ ରକ୍ଷା ପାଏ। ତୀବ୍ର ଗରମରେ ବାହାରକୁ ଯିବା ସମୟରେ ଟୋପି ପିନ୍ଧିବା, ଛତା ବ୍ୟବହାର କରିବା ଏବଂ ସମ୍ଭବ ହେଲେ ଛାଇରେ ରୁହନ୍ତୁ। ଏହି ସାଧାରଣ ସତର୍କତା ଏବଂ ଘରୋଇ ଉପାୟ ଦ୍ୱାରା ଗ୍ରୀଷ୍ମ ଋତୁରେ ନାକରୁ ରକ୍ତସ୍ରାବ ସମସ୍ୟାକୁ ସହଜରେ ନିୟନ୍ତ୍ରଣ କରାଯାଇପାରିବ।

# ପାରାଦୀପରେ ବିଜେପିର ମିଶ୍ରଣ ପର୍ବ



ପାରାଦୀପ,୨୯।୩ (ସଂଚାର ବ୍ୟୁରୋ): ପାରାଦୀପ ପୌର ପାଳିକା ୧୧ ନମ୍ବର ୱାର୍ଡ ଗୋପାଳ ଜୀୟୁ କଲୋନୀରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ ଶତାଧିକ ଲୋକ ବିଜେପି ଦଳରେ ସାମିଲ ହୋଇଛନ୍ତି | ସନ୍ଧ୍ୟା ସମୟରେ ଅନୁଷ୍ଠିତ ଏହି ସଭାରେ ପାରିଷଦ ସୁବ୍ରତ କୁମାର ପ୍ରଧାନ , ସର୍ବେଶ୍ୱର ବଳିୟାର ସିଂ , ତପନ ତ୍ରିପାଠୀ , ରଞ୍ଜନ ବେହେରା , ବଜରଙ୍ଗ ପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଗକୁ ପାରାଦୀପ ପୌର ପାଳିକାରେ ବିଜେପି ବେଶ ସୃଦୃଢ ହେଉଥିବା ନିଜ ନିଜ ବକ୍ତବ୍ୟରେ ପ୍ରକଶ କରିଥିଲେ | ପାରାଦୀପ ଆଗକୁ ବିକାଶ କ୍ଷେତ୍ରରେ ଯୋଡି ହେବାକୁ ଯାଉଥିବା ବେଳେ ଏବେ ଲୋକଙ୍କ ବିଶ୍ୱାସ ବିଜେପି ପ୍ରତି ମଜଭୁତ ହେବାକୁ ଲାଗିଛି ଓ ପୌର ପାଳିକାର ପ୍ରତିଟି ସମସ୍ୟା ବିଷୟରେ ଆଲୋଚନା କରାଯାଇ କିଭଳି ଏହାର ସମାଧାନର ସୂତ୍ର ବାହାରି ପାରିବ ସେନେଇ ଯୋଜନା କରାଯାଉଥିବା ମନ୍ତ୍ରୀ ପ୍ରକାଶ କରିଥିଲେ। ଡ୍ରେନେଜ ସମସ୍ୟା ଠାରୁ ଆରମ୍ଭ କରି ନିଯୁକ୍ତି ସମସ୍ୟା ସହ ୱାର୍ଡର ବିକାଶ କ୍ଷେତ୍ରରେ ଦଳୀୟ କାର୍ଯ୍ୟକର୍ତ୍ତା ବେଶ ଉତ୍ସାହର ସହ କାର୍ଯ୍ୟ କରୁଥିବାରୁ ଦଳ ପ୍ରତି ଲୋକଙ୍କ ମନ ବଳୁଛି ବୋଲି ମଧ୍ୟ ମନ୍ତ୍ରୀ ପ୍ରକାଶ କରିଛନ୍ତି | ସଭା ଆରମ୍ଭରୁ ପାରାଦୀପର ଯୁବ ସାମ୍ବାଦିକ ରଶ୍ମି ରଞ୍ଜନ ରାଉତରାୟଙ୍କ ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନିରବ ପାର୍ଥନା କରାଯାଇଥିଲା ।

# ଦୂଷିତ ଚୁଆ ପାଣିରେ ମେଣ୍ଟୁଛି ଶହେ ପରିବାରର ଶୋଷ

## କାମକରୁନି ସୋଲାର ଚାଳିତ ଜଳଯୋଗାଣ ବ୍ୟବସ୍ଥା

## ଗାଁରେ ଥିବା ୪ଟି ନଳକୂପ ଅଚଳ

## ଗୁହାରି କଲେ ଶୁଣୁନି ପ୍ରଶାସନ



ବୈପାରିଗୁଡ଼ା,୨୯।୩ (ସଂଚାର ବ୍ୟୁରୋ): ଦିନକୁ ଦିନ ବଢ଼ିବାରେ ଲାଗିଛି ଖରା । ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ମଧ୍ୟ ସହ୍ୟ କରିବା ବର୍ତ୍ତମାନ ପରିସ୍ଥିତିରେ ଅସମ୍ଭାଳ ହେଲାଣି । ଏପରି ପରିସ୍ଥିତିରେ ପାନୀୟ ଜଳ ବୁନ୍ଦାଏ ପାଇଁ ଏବେ ସଂଗ୍ରାମ କରୁଛନ୍ତି ଗାଁ ଲୋକେ । ପାଣି ମାଠିଆ ଧରି ଗାଁର ମାଆ , ଭଉଣୀ ମାନେ ଗାଁ ଠାରୁ ୧ କିଲୋମିଟର ଦୂରରେ ଥିବା ଏକ ଜମି ଭିତର ଚୂଆରୁ ଦୂଷିତ ପାଣିକୁ କପଡା ମାଧ୍ୟମରେ ଛାଣି କରି ଆଣି ପାନୀୟ ଜଳ ଭାବେ ବ୍ୟବହାର କରିବା ସହ ସେହି ପାଣିରେ ରୋଷେଇ କରୁଥିବାର ଦେଖିବାକୁ ମିଳିଛି । ଏପରି ବିକଳ ଦୃଶ୍ୟ ଦେଖିବାକୁ ମିଳିଛି ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ଠାରୁ ୩୦ କିଲୋମିଟର ଦୂରରେଥିବା ରାମଗିରି ଗ୍ରାମପଂଚାୟତର ପୂଜାରୀପୁଟ ଗାଁରେ ।

ଏହି ଗାଁରେ ପାଖାପାଖି ୧ ଶହ ପରିବାର ବସବାସ କରନ୍ତି । ଗାଁ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର କାରିବା ପାଇଁ ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ଗାଁରେ ୪ ଗୋଟି ନଳକୂପ ଖନନ କରାଯାଇଛି। କିନ୍ତୁ ବର୍ତ୍ତମାନ ଏହି ସବୁ ନଳକୂପରୁ ୨ ଗୋଟି ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ପଡିଥିବା ବେଳେ ଅନ୍ୟ ଗୋଟିଏ ନଳକୂପରୁ ଅଧଘଂଟାଏ ମାରିଲେ ଢାଳେ ପାଣି ବାହାରିବା କାଠିକର ପାଠ ହୋଇଥିବା ବେଳେ ଚତୁର୍ଥ ନମ୍ବର ନଳକୂପରୁ କଳଙ୍କି ମିଶା କାଳିଆ ପାଣି ବାହାରୁଥିବା ଦେଖିବାକୁ ମିଳିଛି । ଫଳରେ ଗାଁରେ ଥିବା ୪ ଗୋଟି ନଳକୂପ ପାନୀୟ ଜଳ ପାଇଁ ଅନୁପଯୁକ୍ତ ବୋଲି ଦେଖାଯାଇଛି । ସେହିପରି ଗାଁ ଲୋକଙ୍କ ପାନୀୟ ଜଳ ସମସ୍ୟାକୁ ଦୂର କରିବା ପାଇଁ ପ୍ରଶାସନ ପକ୍ଷରୁ ଏକ ସୋଲାର ଚାଳିତ ମଟର ଓ ପାଣି ଟାଙ୍କିର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଏହା ୧ ବର୍ଷ ଧରି କାମ କରୁନଥିବା ଦେଖାଯାଇଛି ।

ଏ ସମ୍ପର୍କରେ ଗ୍ରାମର ଓ୍ୱାର୍ଡମେମ୍ବର ଡାଲିଆ ଦୁରୁଆଙ୍କ ଅଭିଯୋଗ ପ୍ରକାରେ ଯେତେ ଗୁହାରି କଲେ ମଧ୍ୟ ପ୍ରଶାସନିକ କଳର ବିଭାଗୀୟ ବାବୁ ମାନେ ଏହାକୁ ସଜାଡିବାକୁ ଆସୁ ନଥିବା ଅଭିଯୋଗ କରିଛନ୍ତି। ତେଣୁ ଏହି ସମସ୍ୟା ଦୂର କରା ନଗଲେ ଗ୍ରାମବାସୀ ବ୍ଲକକୁ ଆସି ଗରା, ମାଠିଆ ଧରି ବ୍ଲକ ସମ୍ମୁଖରେ ଧାରଣାରେ ବସିବାକୁ ସଜବାଜ ହେଉଥିବା ଜଣା ପଡିଛି ।

# ହାତୀ ଉପଦ୍ରବରେ ଚାଷୀ ସର୍ବସ୍ୱାନ୍ତ



ନୀଳଗିରି,୨୯।୩ (ସଂଚାର ବ୍ୟୁରୋ): ଦିନକୁ ଦିନ ନୀଳଗିରି ଅଞ୍ଚଳରେ ହାତୀ ମାନଙ୍କ ଦୌରାତ୍ମ୍ୟ ବଢ଼ି ବଢ଼ି ଚାଲୁଥିବାରୁ ସାଧାରଣ ଜନତା ଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି ।ହେଲେ ଏନେଇ ବନବିଭାଗ ନିଦ୍ରା ବିଷ୍ଟ ପାଲଟିଛି।ସୂଚନାଯୋଗ୍ୟ ଔପଦା ବ୍ଲକ ବାର୍ଣ୍ଣଶୋରିଆ ପଞ୍ଚାୟତ ଅଧୀନ ଗୁହାଳିଆ ଗ୍ରାମ ର ସୁରେନ୍ଦ୍ର ମହାପାତ୍ର ଙ୍କ କୁକୁଡ଼ା ଫାର୍ମ ଏବଂ ରବି ଫସଲକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି । ଗତକାଲି ବିଳମ୍ବିତ ରାତି ପ୍ରାୟ ୩ ଘଟିକା ସମୟରେ ୨ ଟି ହାତୀ ବାଡ଼ିରେ ପଶି ବୋଇତାଳ, ବିଲାତି ଏବଂ ଭେଣ୍ଡି ପ୍ରମୁଖ ପରିବା ନଷ୍ଟ କରିବା ସହିତ ୨୦୦ ରୁ ଉର୍ଦ୍ଧ ବୋଇତାଳ ଗଛ ଖାଇ ଯିବା ସହିତ ଦଳି ଚକଟି ନଷ୍ଟ କରିଛି।ଏପରିକି ତାଙ୍କ କୁକୁଡ଼ା ଫାର୍ମ ର ଜରି, ଜାଲ, ଲୁହା ଜାଲି ଖୁଣ୍ଟ, ଆଜବେଷ୍ଟସ୍ କୁ ଶୁଣ୍ଢ ଏବଂ ପାଦ ରେ ଭାଙ୍ଗୁଥିବା ବେଳେ ଶବ୍ଦ ଶୁଣି ପାଖ ପଡୋଶୀ ଉଠି ହାତୀ ଘଉଡ଼ାଇବା ପାଇଁ ଚେଷ୍ଟା କରିବା ସହିତ ମହାପାତ୍ର ପରିବାର କୁ ଡାକ ପକାଇଥିଲେ । ପାଟି ତୁଣ୍ଡି ଶୁଣି ସୁରେନ୍ଦ୍ର ମହାପାତ୍ର କୁକୁଡ଼ା ଫାର୍ମ ରେ ପହଁଚି ଗ୍ରାମବାସୀ ମାନଙ୍କ ସହାୟତା ରେ ହାତୀ ମାନଙ୍କୁ ଘଉଡ଼ାଇବାରେ ସଫଳ ହୋଇଥିଲେ । ଖବର ପାଇ ପୂର୍ବାହ୍ନ ରେ ଆଜି ବାର୍ଣ୍ଣଶୋରିଆ ସରପଞ୍ଚ ନିରଞ୍ଜନ ବାରିକ ସ୍ଥିତି ଅନୁଧ୍ୟାନ କରି ସରକାରୀ ସହାୟତା ପାଇବା ପାଇଁ ଆଶ୍ୱାସନା ଦେଇଛନ୍ତି । ତେବେ ଏ ନେଇ ପଞ୍ଚଲିଙ୍ଗେଶ୍ୱର ବିଟ ଫରେଷ୍ଟର ଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିବା ବେଳେ ଆସନ୍ତା କାଲି ନୀଳଗିରି ସହର ଆରଆଇ ଙ୍କୁ ଲିଖିତ ଅଭିଯୋଗ କରିବେ ବୋଲି ସରପଞ୍ଚ ଶ୍ରୀଯୁକ୍ତ ବାରିକ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି ।

# ଦାଦନ ଖଟିବାକୁ ଯାଇ ଛାତରୁ ପଡି ନାବାଳକ ମୃତ



ବୈପାରିଗୁଡ଼ା,୨୯।୩ (ସଂଚାର ବ୍ୟୁରୋ): ଦାଦନ ଖଟିବାକୁ ଯାଇ ଜଣେ ନାବାଳକ କାମ କରୁଥିବା ସମୟରେ ଛାତରୁ ତଳକୁ ପଡିଯିବାରୁ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ଜଣା ପଡିଛି । ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଦେଇ ଅର୍ଥ ରୋଜଗାର କରିବାକୁ ଗାଁର କିଛି ପିଲାଙ୍କ ସହ ହାଇଦ୍ରାବାଦ ଯାଇଥିଲା । କିନ୍ତୁ ସେଠାରୁ ଟଙ୍କା ଧରି ଆଉ ଘରକୁ ଫେରିବା ବଦଳରେ ସେ ଶବ ହୋଇ ଫେରିବା ଘଟଣା ସମଗ୍ର ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି । ଖବର ନେବାରୁ ଜଣା ପଡିଛି ଯେ, ଏହି ନାବାଳକ ଜଣକ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ କେନ୍ଦୁଗୁଡ଼ା ଗ୍ରାମପଂଚାୟତର ଅଦ୍ୱାନଗୁଡ଼ା ଗାଁର ଲକ୍‌ନାଥ ଖରାଙ୍କ ପୁତ୍ର ମଙ୍ଗଳା ଖରା(୧୬) । ସେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ । ଅର୍ଥ ରୋଜଗାର କରିବା ପାଇଁ ସୁଦୁର ହାଇଦ୍ରାବାଦ ଯାଇ ମୃତ୍ୟୁବରଣ କରିଛନ୍ତି । ତାଙ୍କ ସାଥିରେ ଥିବା ଜଣେ ସମ୍ପର୍କିୟ ଭାଇ ହାଇଦ୍ରାବାଦେରେ ଘଟଣା ଘଟିଥିବା ଅଂଚଳର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତିକରି ସେଠାକାର ଥାନା ପକ୍ଷରୁ ମୃତ୍ୟୁବରଣ କରିଥିବା ନାବାଳକ ଜଣକର ଶବ ତାଙ୍କ ନିଜ ଗାଁକୁ ପଠାଇବାର ବ୍ୟବସ୍ଥା କରୁଥିବା ଖବର ମିଳିଛି ।

# ମହାବୀର ସେବା ଟ୍ରଷ୍ଟ ପକ୍ଷରୁ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା



ସୁନ୍ଦରଗଡ଼,୨୯।୩ (ସଂଚାର ବ୍ୟୁରୋ)ରାମନବମୀ ଉପଲକ୍ଷେ ଚାରି ଦିନ ଧରି ମହାବୀର ସେବାଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା ବେଳେ ଗତକାଲି ସନ୍ଧ୍ୟାରେ ସୁନ୍ଦରଗଡ଼ର ସାମ୍ବାଦିକ ମାନଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି, ମୁଖ୍ୟଅତିଥି ଟ୍ରଷ୍ଟର ଆବାହକ ରିତେଶ ସମସ୍ତ ସାମ୍ବାଦିକ ମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ, ଏହି ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ସାମ୍ବାଦିକ ଜୟକୃଷ୍ଣ ସେଠ୍, ଜୟନାରାୟଣ ମେଣ୍ଡୁଲି, ହରିହର ମହାପାତ୍ର ଙ୍କ ସହ, ଦେବେନ୍ଦ୍ର ଭିତିରିଆ,କିଶୋର ନାୟକ, ଆଲୋକ ଜେନା, ଆଲୋକ ବେହେରା, ହେ୍ରାଚନ୍ଦ ଦେଉରିଆ,ସରୋଜ ସିଂ,କାଲୋ ସିଂ, ରବି ତନ୍ତୀ,ସଂଗ୍ରାମ ମହାନ୍ତି, ସୁବାଷ ରଣା, ସବୀର ଅହମଦ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା, ମଞ୍ଚରେ ଅନ୍ୟମାନଙ୍କ ସହ ଟ୍ରଷ୍ଟର ସଭାପତି ଶୋଭନ ହୋତା, ସୁବ୍ରତ ଦାସ, କିରନ ମହାଲିଙ୍ଗଙ୍କ ସହ ଗୀତିକାର କୁମାର ସୁରୁ ଓ ମହାବୀର ସେବାଟ୍ରଷ୍ଟ ର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ, ଏହାଛଡା ଅନ୍ଧ, ମୁକ, ବଧିରଙ୍କ କେତେଜଣ ସଦସ୍ୟଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା

# ଅଗ୍ନିକାଣ୍ଡରେ ଜଳିଗଲେ ୩ ହଜାରରୁ ଉର୍ଦ୍ଧ୍ୱ କୁକୁଡ଼ା



ନୀଳଗିରି,୨୯।୩ (ସଂଚାର ବ୍ୟୁରୋ):ଗତ କାଲି ବିଳମ୍ବିତ ରାତିରେ ଆକସ୍ମିକ ଅଗ୍ନିକାଣ୍ଡରେ ଯୋଗୁଁ ଏକ କୁକୁଡ଼ା କୁକୁଡ଼ା ଫାର୍ମ ଜଳିଯାଇଛି। ଉକ୍ତ ଅଗ୍ନିକାଣ୍ଡରେ ତିନି ହଜାରରୁ ଉର୍ଦ୍ଧ୍ୱ କୁକୁଡ଼ା ପାଉଁଶ ହୋଇଯାଇଛନ୍ତି। ଏପରି ଦୁଃଖଦଘଟଣାକୁ ନେଇ କୁକୁଡ଼ା ଚାଷୀ ମୁଣ୍ଡରେ ହାତ ଦେଇବସିଛନ୍ତି। ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ସମସ୍ତଙ୍କୁ ଚକିତ କରିଛି।

ସୂଚନାଯୋଗ୍ୟ ନୀଳଗିରି ଥାନା ଶ୍ୟାମସୁନ୍ଦର ପୁର ପଂଚାୟତ ଅନ୍ତର୍ଗତ ଦ୍ୱାରିକା ଗ୍ରାମର କୁକୁଡ଼ାଚାଷୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରପରିବାର ଖାଇ ସାରି ଶୋଇଥିଲେ। ଗତକାଲି ବିଳମ୍ବିତ ରାତ୍ରୀଅର୍ଥାତ ୧୧.୨୫ ମିନିଟ ସମୟ ରେ କୌଣସି କାରଣରୁ ୧୨୦ ଫୁଟ ଲମ୍ବ ୨୫ଫୁଟ ପ୍ରଶସ୍ତ ବିଶିଷ୍ଟ ବ୍ରଏୟଲୋର କୁକୁଡ଼ା ଫାର୍ମ ରେ ନିଆଁ ଲାଗି ହୁତୁ ହୁତୁ ହୋଇ ଜଳିଥିଲା। ପଡ଼ୋଶୀମାନେ ଦେଖି ଚାଷୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପୁତ୍ର ବିଶ୍ୱଜିତକୁ କହିଥିଲେ। ଫାର୍ମ ମାଲିକ, ପଡ଼ୋଶୀଓ ଗ୍ରାମ ବାସୀ ମାନେ ଫାର୍ମ ଦେଖନ୍ତି ତ, ହୁତୁହୁତ ହୋଇ ନିଆଁରେ ନଡ଼ାକୁଟା ଛପର ତିଆରି ଫାର୍ମଟି ଜଳୁଛି। ମହାପାତ୍ର ପରିବାର ଓ ଗ୍ରାମବାସୀମାନେ ନିଆଁକୁ ଆୟତ ପାଇଁ ଯେତେ ଚେଷ୍ଟାକରିଥିଲେ ସୁଦ୍ଧା ନିଆଁର କରାଳ ରୂପରେ ୩ହଜାର କୁକୁଡ଼ା ଜଳି ପୋଡି ଯାଇଛନ୍ତି। ସଙ୍ଗେ ସଙ୍ଗେ ଅଗ୍ନିଶ୍ରମ ବିଭାଗ କୁ ଜଣାଇବା ଦ୍ୱାରା, ଅଗ୍ନିଶ୍ରମ ବାହିନୀ ପହଂଚି ନିଆଁ ଆୟତ କରିବା ବେଳକୁ ଫାର୍ମ ଓ କୁକୁଡ଼ା ଜଳି ପାଉଁଶ ହୋଇଯାଇଛି।

ଉକ୍ତ ଫାର୍ମରେ ୩୦୦୦ରୁ ଉର୍ଦ୍ଧ୍ୱ ବ୍ରଏୟଲୋର କୁକୁଡ଼ା ରହିଥିଲେ। କେହି ଦୁର୍ବୃତ୍ତ ବ୍ୟକ୍ତି ଇର୍ଷା କରି, ଏହିପରି ଅଭାବନୀୟ କାର୍ଯ୍ୟ କରିଛନ୍ତି ବୋଲି ଶ୍ରୀ ମହାପାତ୍ର ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି।

ଚାଷୀ ଶ୍ରୀ ଯୁକ୍ତ ମହାପାତ୍ର ନୀଳଗିରି ଓଲଡ଼ଙ୍ଗ ଏକ୍ସସି ବ୍ୟାଙ୍କରୁ ୪ଲକ୍ଷ ଟଙ୍କା ଋଣ ଆଣି କୁକୁଡ଼ା ଚାଷ ଆରମ୍ଭ କରିଥିଲେ। ଏହି ଅଗ୍ନିକାଣ୍ଡ ହେବା ଫଳରେ ପ୍ରାୟ ପାଞ୍ଚ ଲକ୍ଷ କ୍ଷତି ହୋଇଛି ବୋଲି ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାକୁ ଅତି ଗମ୍ଭୀରତାର ସହ ନେଇ ନୀଳଗିରି ପୋଲିସ ତଦନ୍ତ କରୁଥିବା ବେଳେ ପ୍ରାଥମିକ ତଦନ୍ତରୁ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିନାହିଁ।

# ୨୦୦୧ ବ୍ୟାଚର ବନ୍ଧୁମିଳନ



କେନ୍ଦ୍ରାପଡ଼ା, ୨୯।୩(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅଧୀନ ସୁଦର୍ଶନ ଉଚ୍ଚ ବିଦ୍ୟାଳୟର ୨୦୦୧ ବ୍ୟାଚର ଏକ ବନ୍ଧୁ ମିଳନ ଓ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି | ଆଜି ସ୍କୁଲ ପରିସରରେ ୨୦୦୧ମସିହାରେ ମାଟ୍ରିକରେ ପଢୁଥିବା ଛାତ୍ରଛାତ୍ରୀମାନେ ଉପସ୍ଥିତ ହୋଇଥିଲେ |ପରେ ପରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା| ଶିକ୍ଷକ କାଙ୍ଗାଳି ଚରଣ ବାରିକ, ବୈକୁଣ୍ଠ ଚରଣ ସାହୁ, ବାବାଜୀ ଚରଣ ପ୍ରଧାନ, ହରି ହର ନାୟକ, ଗୋଲୋକ ଚନ୍ଦ୍ର ସାହୁ, ବିଷ୍ଣୁ ଚରଣ ସାହୁ, କଣ୍ଡୁରୀ ପାତ୍ର, କୈଳାଶ ଚନ୍ଦ୍ର ନନ୍ଦ ଆଦି ଉପସ୍ଥିତ ହୋଇ ଛାତ୍ରଛାତ୍ରୀମାନଙ୍କୁ ସଂଗଠିତ ହୋଇ ରହିବା ସହ ସମାଜରେ ଅବହେଳିତ ଓ ନିଷ୍ପେସିତ ଲୋକଙ୍କ ସମସ୍ୟାକୁ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ |ଆଜି ସ୍ୱାର୍ଥ ପର ସମୟରେ ପ୍ରକୃତ ବନ୍ଧୁ ମିଳିବା କଷ୍ଟକର |ଦୀର୍ଘ ବର୍ଷ ପରେ ପୁଣି ଛାତ୍ରଛାତ୍ରୀ ଏକତ୍ରିତ ହୋଇ ଏକ ଉଦ୍ଧାହରଣ ସୃଷ୍ଟି କରିଛନ୍ତି |ପରସ୍ପର ପ୍ରତି ସାହାଯ୍ୟ ସହଯୋଗ ରଖି ଦୁଖଃଦ ସମୟରେ ଠିଆ ହେବାକୁ ପରାମର୍ଶ ଦେଇଥିଲେ| ଏହି ବ୍ୟାଚର ପିଲାମାନେ ଉପସ୍ଥିତ ହୋଇ ନିଜ ସ୍କୁଲ ସମୟର ଅନୁଭୂତି ବଖାଣି ଥିଲେ | ଫଳରେ ଏକ ଭାବ ବିଭୋଳ ପରିବେଶ ସୃଷ୍ଟି ହୋଇଥିଲା |

# ପାରାଦୀପ ପୌରପାଳିକା ପକ୍ଷରୁ ଖୋଲିଲା ପାନୀୟ ଜଳ ସେବାକେନ୍ଦ୍ର




ପାରାଦୀପ,୨୯।୩ (ସଂଚାର ବ୍ୟୁରୋ): ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟି ରେ ରଖି ବିଭିନ୍ନ ମୁଖ୍ୟ ଛକ ମାନଙ୍କରେ ଜନସାଧାରଣଙ୍କ ପାଇଁ ପୌରପାଳିକା ପକ୍ଷରୁ ପାନୀୟ ଜଳ ସେବାକେନ୍ଦ୍ର ଶୁଭାରମ୍ଭ ହୋଇଛି! ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ଉଦଘାଟନ କରିଥିଲେ। ଏହି ଅବସରରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରିଷଦ ପ୍ରତାପ ଚନ୍ଦ୍ର ନାୟକ, ସୁବ୍ରତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ ଆଘାତରେ ମହିଳା ଗୁରୁତର



ନୀଳଗିରି,୨୯।୩ (ସଂଚାର ବ୍ୟୁରୋ): ନିଜ ଘର ଲାଇନ ବୋର୍ଡରୁ ପ୍ଲଗ୍ ଖୋଲୁଥିବା ବେଳେ ହଠାତ୍ ସଟ୍ ସର୍କିଟ ହେବାରୁ ମହିଳା ଜଣକ ବିଦ୍ୟୁତ୍ ଆଘାତ ଲାଗିବାରୁ ଚିତ୍କାର କରିଥିଲେ। ପରିବାର ଲୋକେ ଅଚେତ୍ ଅବସ୍ଥାରେ ନିଳଗିରି ମେଡ଼ିକାଲକୁ ଅଣି ଚିକିତ୍ସିତ କରୁଥିବାର ଦେଖିବାକୁ ମିଳିଛି। ସୂଚନା ଯୋଗ୍ୟରେମୁଣା ଥାନା ଅନ୍ତର୍ଗତ ବଡୁଆ ଗ୍ରାମର କୃଷ୍ଣ ଚନ୍ଦ୍ର ମହାଳିକ ର ସ୍ତ୍ରୀ ପ୍ରତିମା ମହାଳିକ (୪୬) ରବିବାର ଦିନ ପ୍ରାୟ ୪ଟା ସମୟରେ ଘରେଥିବା ଲାଇନ ବୋର୍ଡରୁ ପ୍ଲଗ୍ ଖୋଲୁଥିବା ବେଳେ ହଠାତ୍ ଚାର୍ଜ ହୋଇଯାଇଥିଲା। ଫଳରେ ପ୍ରତିମା ଅଚେତ ହୋଇପଡ଼ିଥିଲେ।

# ମା'ଙ୍କ ମନ୍ଦିରରେ କଳାକନା ବୁଲାଇଲେ ଦୁର୍ବୃତ୍ତ



ବାଲିପାଟଣା, ୨୯।୩(ସଂଚାର ବ୍ୟୁରୋ): ବାଲିପାଟଣା ଥାନା ଅନ୍ତର୍ଗତ ଆଇତଳଙ୍ଗ ଗ୍ରାମର ମା ନାରାୟଣୀ ମନ୍ଦିରରୁ ମା ଙ୍କର ରୂପା ଆଖି, ରୂପାମୁଦ୍ରା ଚୋରୀ ହେଇଛି।ଅଭିଯୋଗ ଅନୁଯାୟୀ ଗ୍ରାମର ଜଣେ ମହିଳା ଭକ୍ତ ରାଜେସ୍ୱରୀ ଦାଶ ମନ୍ଦିରକୁ ଯିବା ବେଳେ କବାଟ ଖୋଲା ଥିବା ଦେଖିଥିଲେ। ଗ୍ରାମବାସୀଙ୍କୁ ଏହା ଜଣାଇବା ପରେ ମନ୍ଦୀର କବାଟ ଭଙ୍ଗା ଥିବାର ଦେଖିବାକୁ ପାଇଥିଲେ।ଦୁର୍ବୃତ୍ତ ମାଆଙ୍କର ୨ଟି ରୂପାଆଖି,ଚିତା,ରୂପା ମୁଦ୍ରା ଚୋରି କରି ନେଇଥିବା ଗ୍ରାମବାସୀଙ୍କ ପକ୍ଷରୁ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଘଟଣାର ଅଧିକ ତଦନ୍ତ କରୁଛି।

# ପ୍ରତାପପୁର ସେବା ସମବାୟ ସମିତିର ସାଧାରଣ ସଭା

ବାଲିଆପାଳ,୨୯।୩(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅଧିନ ପ୍ରତାପପୁର ସେବା ସମବାୟ ସମିତି ୨୦୨୬ର ବାର୍ଷିକ ସାଧାରଣ ସଭା ରବିବାର କାଳିଆଖିଆ ସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଅନୁଷ୍ଠିତ ହୋଇଯାଇଛି।

ସମିତିର ସଭାପତି ହାଡିବନ୍ଧୁ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପସଭାପତି ସବିତା ରାଣୀ ପାଣିଗ୍ରାହୀ, ସମ୍ପାଦକ ଭରତ ପାତ୍ର, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବାଲିଆପାଳ ଶାଖା ପରିଚାଳକ ଅରୁଣ କୁମାର ମାଇତି, ବେତଗଡ଼ିଆ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ସନ୍ତୋଷ କୁମାର ଗିରି, ସଦସ୍ୟ ରାଜୀବ ରାୟ, ରତାଇ ପଞ୍ଚାୟତ ସମିତି ସଭ୍ୟ ଶାନ୍ତନୁ ମହାପାତ୍ର, ଚାଷୀ ନେତା ଲକ୍ଷ୍ମଣ ପରିଡା, ବରିଷ୍ଠ ସଦସ୍ୟ ସାର୍ଥକ ରଣଜିତ, ସୋରଜ ଦାସ, ମନ୍ମଥ ବେହେରା, ଧନଞ୍ଜୟ ଜେନା, କବିତା ରାଜ, ପ୍ରମୁଖ ମଞ୍ଚାସିନ ରହି ଓଡ଼ିଶା ସରକାରଙ୍କ ପଞ୍ଚାୟତ ସ୍ତରୀୟ ସମବାୟ ବ୍ୟାଙ୍କସେବା, କୃଷି ଋଣ, ଯୁଗ୍ମ ଦେୟ ଗୋଷ୍ଠୀ, ସହାୟକ ଗୋଷ୍ଠୀ ଜରିଆରେ ଭୂମିହୀନ ଚାଷୀ ମାନଙ୍କୁ ବିନା ସୁଧରେ କୃଷି ଋଣ ସେବା ସମବାୟ ସମିତିରୁ ଯୋଗାଇ ଦିଆଯିବାର ସୁବିଧା ଏବଂ ସହାୟକ ଗୋଷ୍ଠୀ ଋଣ କର୍ମଶାଳା ଅନ୍ତର୍ଭୁକ୍ତ ଯୋଜନା ବିଷୟରେ ଆଲୋଚନା କରିଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ଚାଷୀ ଉପସ୍ଥିତ ପରିଚାଳକ ଙ୍କୁ କଟନି ଛଟନି, ଧାନ ଦେବା, ଖାତାକୁ ରିନୁଆଲ କରିବାର ସମୟ ସୀମା ବୃଦ୍ଧି ପାଇଁ ସଭାରେ ଚାଷି ମାନେ ନିବେଦନ କରିଥିଲେ।

ସମ୍ପାଦକ ସମିତ କୁମାର ରାଉତ ସମିତିର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବା ବେଳେ ଡାଟା ଅପରେଟର ସପନ କୁମାର ଦାସ ଧନ୍ୟବାଦ୍ ଦେଇଥିଲେ।

# 'ଶିକ୍ଷାର ସାମ୍ପ୍ରତିକ ସ୍ଥିତି ଓ ଛାତ୍ର ସମାଜର ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ର




ବାଲିଆପାଳ,୨୯।୩ (ସଂଚାର ବ୍ୟୁରୋ): ଭାରତର ଛାତ୍ର ଫେଡେରେସନ (ଏସ୍.ଏଫ୍.ଆଇ) ପକ୍ଷରୁ ଆଜି ବାଲେଶ୍ୱର ନୂଆବଜାର ସ୍ଥିତ କୃଷକ ସଭା ଅଫିସର ସମ୍ମିଳନୀ କକ୍ଷଠାରେ 'ଶିକ୍ଷାର ସାମ୍ପ୍ରତିକ ସ୍ଥିତି ଓ ଛାତ୍ର ସମାଜର ଭବିଷ୍ୟତ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏସ.ଏଫ୍.ଆଇ ବାଲେଶ୍ୱର ଜିଲ୍ଲା ସାଙ୍ଗଠନିକ କମିଟି ପକ୍ଷରୁ ଆୟୋଜିତ ଏହି ସଭାରେ ବହୁ ବିଶିଷ୍ଟ ଶିକ୍ଷାବିତ ଓ ଛାତ୍ର ନେତୃବୃନ୍ଦ ଯୋଗଦେଇ ବର୍ତ୍ତମାନର ସାମାଜିକ ଓ ରାଜନୈତିକ ସଂକଟ ଉପରେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ ପ୍ରାଧ୍ୟାପକ ପ୍ରଫେସର ସୁରେନ୍ଦ୍ର କୁମାର ଜେନା ନିଜର ଶାଣିତ ବକ୍ତବ୍ୟ ରଖି କହିଥିଲେ ଯେ, 'ଉଦାରବାଦ ଅର୍ଥନୀତି ଯୋଗୁଁ ବେକାର ହାର ବଢ଼ିଛି, ଆୟର ଅସମାନତା ବଢ଼ିଛି, ଛାତ୍ରମାନଙ୍କର ଗଣତାନ୍ତ୍ରିକ ଅଧିକାର କ୍ଷୁର୍ଣ୍ଣ ହେଉଛି, ଶୋଷଣ ଓ ଆୟର ଅସମାନତା ଚରମ ସୀମାରେ ପହଞ୍ଚିଛି, ଯାହା ସାଧାରଣ ଜନତାଙ୍କ ମେରୁଦଣ୍ଡ ଭାଙ୍ଗି ଦେଉଛି। ସେହିପରି ସାମ୍ପ୍ରଦାୟିକ ରାଜନୀତିର ଯେଉଁ କରାଳ ରୂପ ଦେଖାଦେଇଛି, ସେଥିରେ ଆମେ କେହି ବି ସୁରକ୍ଷିତ ନୁହନ୍ତି।' ସେ ଆହୁରି ମଧ୍ୟ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ, ଜାତିଗତ ଉତ୍ପୀଡ଼ନ ଓ ସାମ୍ପ୍ରଦାୟିକ ବିଭାଜନ, ବିରୁଦ୍ଧରେ ଲଢ଼େଇ କରି ସାମାଜିକ ନ୍ୟାୟ ପ୍ରତିଷ୍ଠା କରିବା ହିଁ ଶହୀଦମାନଙ୍କ ସ୍ୱପ୍ନର ଶୋଷଣମୁକ୍ତ ଭାରତ ଗଢ଼ିବାର ପ୍ରକୃତ ପଥ। ବିନାଶକାରୀ ବିକାଶ ବଦଳରେ ଆମେ ଏକ ପରିବେଶ ସନ୍ତୁଳିତ ଉନ୍ନୟନ ଚାହୁଁ ବୋଲି ସେ ନିଜ ବକ୍ତବ୍ୟରେ ସ୍ପଷ୍ଟ କରିଥିଲେ। ଛାତ୍ର ଓ ଯୁବ ସମାଜ ଏକଜୁଟ ହୋଇ ଏହି ପୁଞ୍ଜିବାଦୀ ଶୋଷଣ ଓ ସାମ୍ପ୍ରଦାୟିକ ରାଜନୀତି ବିରୁଦ୍ଧରେ ସଂଗ୍ରାମକୁ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ରଶ୍ମି ରେଖା ମହାର୍ଣ୍ଣା ସଭାପତିତ୍ୱ କରିଥିବା ବେଳେ ଏସ୍.ଏଫ୍.ଆଇ.ର ରାଜ୍ୟ ସଭାପତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏସ.ଏଫ୍.ଆଇ ରାଜ୍ୟ ସମ୍ପାଦକ ଚନ୍ଦନ ସାହୁ ବକ୍ତବ୍ୟରେ କହିଛନ୍ତି ଛାତ୍ରଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ବୈଜ୍ଞାନିକ ଓ ପ୍ରଗତିଶୀଳ ଚିନ୍ତାଧାରାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ 'ଆଜିର ଶିକ୍ଷା ବ୍ୟବସ୍ଥାକୁ ଯେଉଁଭଳି ଭାବେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ମୁନାଫା ପାଇଁ ଏକ ବ୍ୟବସାୟିକ ପଣ୍ୟରେ ପରିଣତ କରାଯାଉଛି, ତାହା ସାଧାରଣ ଓ ନିଷ୍ପେଷିତ ବର୍ଗର ଛାତ୍ରଙ୍କ ଭବିଷ୍ୟତକୁ ସଂକଟାପନ୍ନ କରିଛି। ସମାଜରେ ବୃଦ୍ଧି ପାଉଥିବା ଜାତିଗତ ବିଦ୍ୱେଷ ଓ ସଂକୀର୍ଣ୍ଣ ବିଭାଜନକାରୀ ଚିନ୍ତାଧାରା ଯୁବ ପିଢ଼ିର ସୃଜନଶୀଳତାକୁ ନଷ୍ଟ କରିବା ସହ ସେମାନଙ୍କୁ କେବଳ ବ୍ୟବସ୍ଥାର ଅନ୍ଧ ଅନୁଗାମୀ କରିବାକୁ ଚେଷ୍ଟା କରାଯାଉଛି। 'ଉଭୟ ବକ୍ତା ଏହି ଅବସରରେ ଛାତ୍ର ସମାଜକୁ ଆହ୍ୱାନ ଦେଇ କହିଥିଲେ ଯେ, ଶିକ୍ଷାର ସାର୍ବଜନୀନତା ଓ ଗଣତାନ୍ତ୍ରିକ ଅଧିକାରକୁ ରକ୍ଷା କରିବା ପାଇଁ ବ୍ୟବସ୍ଥାଗତ ଶୋଷଣ ବିରୁଦ୍ଧରେ ସଂଗଠିତ ହେବା ଜରୁରୀ। ଶହୀଦମାନଙ୍କ ସ୍ୱପ୍ନର ସେହି ଶୋଷଣମୁକ୍ତ ସମାଜ ଗଢ଼ିବା ପାଇଁ ଛାତ୍ରମାନେ ନିଜର ବୌଦ୍ଧିକ ଶକ୍ତିକୁ ସାମାଜିକ ନ୍ୟାୟ ଓ ସମାନତା ପ୍ରତିଷ୍ଠା ଦିଗରେ ବିନିଯୋଗ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ କମିଟି ସଭ୍ୟ ଅଭିଳାଷ ମଲ୍ଲିକ, ଅଚ୍ୟୁତାନନ୍ଦ ଜେନା, ପ୍ରମୋଥ ପ୍ରାମାଣିକ, ଅରବିନ୍ଦ ମହାପାତ୍ର, ସୌରଭ ସାହୁ, ଅରୂପ ଦାସ, ମହେଶ୍ୱର ଚାନ୍ଦ, ବିଶ୍ୱଜିତ ଗିରି, ଶିବଶଙ୍କର ମହାନ୍ତି, ଅକ୍ଷୟ ବାରିକ, ଯୁବରାଜ ମହାନ୍ତି, ରାମଚନ୍ଦ୍ର ମଣ୍ଡଳ, କ୍ରିଷ୍ଣାନ୍ଦୁ ସାହୁ ସମେତ କମିଟିର ବହୁ ସଂଗ୍ରାମୀ ସାଥି ଏହି ଆଲୋଚନାରେ ଭାଗ ନେଇଥିଲେ।

# ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଉଦ୍‌ଘାଟିତ ଓ ରକ୍ତଦାନ ଶିବିର

ସୁନ୍ଦରଗଡ଼,୨୯।୩(ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ମଙ୍ଗସପୁର ଅଞ୍ଚଳରେ ଏକ ନୂତନ ଶିକ୍ଷାବର୍ଷର ଆରମ୍ଭ ସହିତ ଶିକ୍ଷା ଓ ସେବାର ଏକ ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଛି। ଅଞ୍ଚଳର ଶିକ୍ଷା ବିକାଶ ଲକ୍ଷ୍ୟରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଭବ୍ୟ ଉଦଘାଟନୀ ସମାରୋହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହୋଇ ସାମାଜିକ ପ୍ରତିବଦ୍ଧତାର ପରିଚୟ ଦିଆଯାଇଛି।

**ଶିକ୍ଷା କେନ୍ଦ୍ରର ଉଦଘାଟନ:**

କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶ୍ରୀ ଅରବିନ୍ଦ ଓ ଶ୍ରୀମା'ଙ୍କ ସ୍ମୃତି ଚାରଣ କରାଯାଇ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମାନ୍ୟବର ଓଡ଼ିଶା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ,ସଦର ବିଧାୟକ ଯୋଗେଶ କୁମାର ସିଂ, ଆଇନଜୀବୀ ସୁନିଲ ରାୟ ଓ ଭଷ୍ମା ଥାନା ଅଧିକାରୀ ଅମର ହୋତା ଏବଂ ସମ୍ମାନିତ ଅତିଥି ଯୋଗଦେଇ ବିଦ୍ୟାଳୟର ଶୁଭ ଉଦଘାଟନ କରିଥିଲେ। ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ, ଶ୍ରୀ ଅରବିନ୍ଦଙ୍କ ଶିକ୍ଷାଦର୍ଶନ କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଶିଶୁର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶ ପାଇଁ ଏକ ମାଧ୍ୟମ। ମଙ୍ଗସପୁର ପରି ଅଞ୍ଚଳରେ ଏଭଳି ଏକ ଶିକ୍ଷା କେନ୍ଦ୍ର ସ୍ଥାପନ ହେବା ଦ୍ୱାରା ସ୍ଥାନୀୟ ଛାତ୍ରଛାତ୍ରୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ। ସ୍କୁଲ ପ୍ରତିଷ୍ଠାତା ଶୁଭମ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ ହୋଇଥିଲା।

**ସ୍ୱେଚ୍ଛାକୃତ ରକ୍ତଦାନ ଶିବିର:**

ଏହି ଶୁଭ ଅବସରକୁ ସ୍ମରଣୀୟ କରିବା ପାଇଁ ଏବଂ ସାମାଜିକ ମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷକ, ଅଭିଭାବକ ଏବଂ ଅଞ୍ଚଳର ବହୁ ସ୍ୱେଚ୍ଛାସେବୀ ଉତ୍ସାହର ସହ ରକ୍ତଦାନ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟି ପକ୍ଷରୁ ସମସ୍ତ ଅତିଥି, ସ୍ଥାନୀୟ ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ କୃତଜ୍ଞତା ଜଣାଯାଇଥିଲା। ପିଲାମାନଙ୍କୁ ମାନସିକ ଓ ବୌଦ୍ଧିକ ସ୍ତରରେ ସଶକ୍ତ କରିବା ପାଇଁ ବିଦ୍ୟାଳୟ ସର୍ବଦା ଚେଷ୍ଟିତ ରହିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା, ଗ୍ରାମବାସୀ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।